Vol.-I, Issue No-13
01-15- Sept. 2022
online portal : odishasanket.com
Mail ID : odishasanket@gmail.com
Price : Rs. 5.00, Page -8

# ଓଡ଼ିଶା ସଙ୍କେତ

# Odisha Sanket



ବିବାହ କରିବେ ରିଚା-ଅଲ୍ଲି

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code-ODIODI08118

## ଆଦିବାସୀବହୁଳ ଜିଲ୍ଲାରେ ଶିଶୁମୃତ୍ୟୁ ହାର ବୃଦ୍ଧି

### କାରଣ ଖୋଜିବେ ସରକାର

ଭୁବନେଶ୍ୱର: କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁହାର କାହିଁକି ବୃଦ୍ଧି ପାଇଛି, ତା'ର କାରଣ ଖୋଜିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଆଇଏଏସ୍ ପିକେ ପ୍ରଧାନଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ସେ ଆଦିବାସୀବହୁଳ ୪-୫ଟି ଜିଲ୍ଲା ଗସ୍ତ କରି ସେଠାରେ ଆଦିବାସୀ ପିଲାମାନଙ୍କ ମଧ୍ୟରେ କେଉଁ କାରଣରୁ ମୃତ୍ୟୁହାର ବୃଦ୍ଧି ପାଉଛି ଓ ତା'ର ନିରାକରଣ କିଭଳି ହେବ ସେ ନେଇ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବେ ବୋଲି ଜଣାପଡ଼ିଛି ।

ମିଳିଥିବା ସୂଚନା ଅନୁସାରେ, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନଏଫଏଚଏସ-୫) ତଥ୍ୟ ଆଧାରରେ ଓଡ଼ିଶାରେ ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁହାର ବୃଦ୍ଧି ପାଇବାରେ ଲାଗିଛି । ୫ବର୍ଷରୁ କମ୍ ବୟସର ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁହାର ୨୦୧୫-୧୬ରେ ପ୍ରତି ୧ହଜାରରେ ୬୫.୬% ଥିବାବେଳେ ୨୦୨୧ରେ ଏହି ପରିମାଣ ୬୬.୨%କୁ ବୃଦ୍ଧି ପାଇଛି । ଯଦିଓ



ଜାତୀୟସ୍ତରରେ ଆଦିବାସୀ ବର୍ଗର ପିଲାଙ୍କ ମୃତ୍ୟୁ ହାର ୪୧.୬%କୁ ହ୍ରାସ ପାଇଛି । ତେବେ କେଉଁ କାରଣରୁ ରାଜ୍ୟରେ ଆଦିବାସୀ ବର୍ଗର ନବଜାତ ଓ ଶିଶୁଙ୍କ ମୃତ୍ୟୁହାର ବୃଦ୍ଧି ପାଉଛି ଓ କାର୍ଯ୍ୟକାରୀ ହେଉଥିବା ଯୋଜନାରେ କ'ଣ ସବୁ ତ୍ରୁଟି ରହିଛି ତାହାର ଆକଳନ କରିବା ସହ ଏହି ଶିଶୁ ମୃତ୍ୟୁହାର ହ୍ରାସ ନିମନ୍ତେ ଆବଶ୍ୟକ ପରାମର୍ଶ ସରକାରଙ୍କୁ ଦେବାକୁ ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟା ଶ୍ରୀ ପ୍ରଧାନଙ୍କୁ କୁହାଯାଇଛି । ଏହି ସର୍ଭେ ଓ ଆକଳନ ନିମନ୍ତେ ସମସ୍ତ ପ୍ରକାରର ସହଯୋଗ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଯୋଗାଇ ଦେବେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ ଧଳ ଗତକାଲି ଏନେଇ ଶ୍ରୀ ପ୍ରଧାନଙ୍କୁ ଚିଠି ଲେଖି ଅବଗତ କରିଛନ୍ତି ।

ସୂଚନାଯୋଗ୍ୟ, ଏନଏଫଏଚଏସ-୫ ଅନୁସାରେ ରାଜ୍ୟରେ କେବଳ ଶିଶୁ ନୁହଁନ୍ତି ବରଂ ମହିଳାଙ୍କ ମଧ୍ୟରେ ରକ୍ତହୀନତା ପରିମାଣ ଅଧିକ ଭାବେ ବୃଦ୍ଧି ପାଇଛି । ମହିଳାଙ୍କ ମଧ୍ୟରେ ରକ୍ତହୀନତାର ଜାତୀୟ ହାର ୫୨.୨%(୨୦୧୯-୨୦ ମସିହା) ରହିଥିବାବେଳେ ଓନିଶାରେ ଏହି ପରିମାଣ ୪୭.୬%ରୁ ୬୧.୮%କୁ ବୃଦ୍ଧି ପାଇଛି । ଯାହାକି ରାଜ୍ୟରେ ଉଚ୍ଚ ମାତୃ ମୃତ୍ୟୁହାରର ଆଶଙ୍କାକୁ ବୃଦ୍ଧି କରିଛି । ଯଦିଓ ୫ବର୍ଷରୁ କମ୍ ଶିଶୁ ମୃତ୍ୟୁ ହାର ହ୍ରାସରେ ଓଡ଼ିଶାର ପ୍ରଦର୍ଶନ ବେଶ୍ ଭଲ ରହିଛି କିନ୍ତୁ ଆଦିବାସୀବର୍ଗର ଶିଶୁଙ୍କ ମଧ୍ୟରେ ମୃତ୍ୟୁ ହାର ଓଡ଼ିଶା ପାଇଁ ଚିନ୍ତାଜନକ ପାଲଟିଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଗତ ବିଧାନସଭା ଅଧିବେଶନରେ ଏକ ପ୍ରଶ୍ନ ଲିଖିତ ଉତ୍ତରରେ ସ୍ୱୀକାର କରିଥିଲେ ଯେ ୨୦୧୬-୧୭ରୁ ୨୦୨୧-୨୨ ମସିହା ମଧ୍ୟରେ ୫ବର୍ଷରୁ କମ୍ ୯୨୯୨୪ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୧-୨୨ରେ କେବଳ ୧୪୨୨୮ଜଣ ଶିଶୁ (୫ବର୍ଷରୁ କମ)ଙ୍କ ମୃତ୍ୟୁ ହୋଇଛି ।

## ଖୋଲିବ ରତ୍ନ ଭଣ୍ଡାର, ୨୭ରେ ବୈଠକ

ପୁରୀ: ଶ୍ରୀମନ୍ଦିର ରତ୍ନ ଭଣ୍ଡାର ମରାମତି ଓ ଯାଞ୍ଚ ନିମନ୍ତେ ଆସନ୍ତା ୨୭ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଛି । ଯେଉଁଥିରେ ରତ୍ନଭଣ୍ଡାର ମରାମତି ଓ ଯାଞ୍ଚ ନିମନ୍ତେ ଅଲୋଚନା କରାଯିବ । ରତ୍ନ ଭଣ୍ଡାର ଖୋଲିବାକୁ ରାଜ୍ୟ ସରକାରଙ୍କ ଅନୁମତି ପ୍ରଦାନ ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ଚିଠି କରିବାକୁ ଏଠାରେ ନିଷ୍ପତ୍ତି ନେବ । ଏନେଇ ସୂଚନା ଦେଇଛନ୍ତି ପୁରୀରେ ଓଡ଼ିଶା ହାଇକୋର୍ଟର ଆମିକସକ୍ୟୁରି ଏନ୍.କେ ମହାନ୍ତି । ଶ୍ରୀମନ୍ଦିର ମରାମତି ଓ ସୁରକ୍ଷା ନେଇ ଆଜି ପୁରୀରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ପରେ ସେ ଏହି ସୂଚନା ଦେଇଛନ୍ତି ।

ସେ ଗଣମାଧ୍ୟକୁ ଆହୁରି କହିଛନ୍ତି, ରତ୍ନ ଭଣ୍ଡାର ଖୋଲିବା ନେଇ ବୈଠକ ହେବ ବୋଲି ତାଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଜଣାଇଛନ୍ତି । ସରକାର ଯାହା ନିଷ୍ପତ୍ତି ନେବେ ତାହା କୋର୍ଟଙ୍କୁ ମଧ୍ୟ ଅବଗତ କରିବେ । ନିହାତି ପକ୍ଷେ ରତ୍ନଭଣ୍ଡାର ?ଖୋଲିବା ପଦକ୍ଷେପର ୮ ଦିନ ପୂର୍ବରୁ ଏହି ପଦକ୍ଷେପ ନିଆଯିବ ।

ଏହାଛଡ଼ା ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିଥିବା ବୈଠକରେ ଶ୍ରୀମନ୍ଦିର ବିଭିନ୍ନ ମରାମତି ସମ୍ପର୍କରେ ମଧ୍ୟ ଅଲୋଚନା ହୋଇଥିଲା । ବିଶେଷ ଭାବେ ଯଥାଶୀଘ୍ର ନାଟମଣ୍ଡପ ମରାମତି ହେବ ବୋଲି କୁହାଯାଇଛି । ମାର୍ଚ୍ଚ ସୁଦ୍ଧା କାମ ସରିବ ବୋଲି ଆମିକସକ୍ୟୁରି କହିଛନ୍ତି ।

ବୈଠକ ପରେ ଶ୍ରୀମନ୍ଦିର କୋର କମିଟି ସଦସ୍ୟ ତଥା ଏକ୍ସ ପର୍ଟ କମିଟି ସଦସ୍ୟ ଏନ୍‌ସି ପାଲ୍ କହିଛନ୍ତି, ନାଟମଣ୍ଡପ ବିମ୍ ?ରେ ଫାଟ ଓ ପଥ ଖସିଯିବା ନେଇ ଅଲୋଚନା ହୋଇଥିଲା । ଏହାଛଡ଼ା ଜଗମୋହନ ବାହାର ପାର୍ଶ୍ୱ ମରାମତି, ରୋଷଘର ମରାମତି, କୁରୁମ ବେଢ଼ା ମରାମତି ନେଇ ଅଲୋଚନା ହୋଇଥିଲା । ନାଟମଣ୍ଡପରେ ଫାଟ ସୃଷ୍ଟି ନେଇ ଖୁବ୍ ?ଶୀଘ୍ର ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି । ତେବେ ରତ୍ନଭଣ୍ଡାର ନେଇ କ'ଣ ନିଷ୍ପତ୍ତି ନିଆଯାଇଛି ବୋଲି ସାମ୍ବାଦିକଙ୍କ ପ୍ରଶ୍ନରେ ଏନେଇ କୌଣସି ଅଲୋଚନା ହୋଇନି ବୋଲି ସେ କହିଥିଲେ । ବୈଠକରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ, ଇଝଓ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତେ ଶ୍ରୀମନ୍ଦିର ମରାମତି, ଅଗ୍ରଗତି ଓ ଆଗକୁ ନିଆଯିବାକୁ ଥିବା ସୁରକ୍ଷା ବ୍ୟବସ୍ଥା ପଦକ୍ଷେପ ସମ୍ପର୍କରେ ସୂଚନା ଉପସ୍ଥାପିତ କରିଥିଲେ ।

## ସୋନିଆ ଗାନ୍ଧିଙ୍କୁ ନେଇ କଂଗ୍ରେସରେ ହଲଚଲ

ନୂଆଦିଲ୍ଲୀ: ଆଗକୁ କଂଗ୍ରେସ ସଭାପତି ନିର୍ବାଚନ ଥିବା ବେଳେ ତାପୂର୍ବରୁ ସୋନିଆ ଗାନ୍ଧିଙ୍କୁ ନେଇ ହୋଇଥିବା ଏକ ରଣନୀତି ଦଳରେ ହଲଚଲ ସୃଷ୍ଟି କରିଛି । କଂଗ୍ରେସର ଶୀର୍ଷ ନେତୃତ୍ୱ ପକ୍ଷରୁ ସବୁ ପିସିସି ସଭାପତିଙ୍କୁ ଏକ ନିର୍ଦ୍ଦେଶ ଯାଇଛି । ସେଥିରେ ସବୁ ପିସିସି ସଭାପତିମାନଙ୍କୁ ଚୟନ କରିବାର କ୍ଷମତା ସୋନିଆ ଗାନ୍ଧିଙ୍କ ହାତରେ ରହିବା ପାଇଁ ପ୍ରସ୍ତାବ ପାରିତ କରିବାକୁ କୁହାଯାଇଛି । ସୋନିଆ ଗାନ୍ଧି ଏବେ କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ଅଛନ୍ତି । ଖାଲି ସେତିକି ନୁହଁ ଏଆଇସିସି ସଦସ୍ୟ ଚୟନ ମଧ୍ୟ ସୋନିଆଙ୍କ ହାତରେ ରହିବା ପାଇଁ ପ୍ରସ୍ତାବ ଦିଆଯାଇଛି । ଆସନ୍ତାମାସଠାରୁ କଂଗ୍ରେସର ସାଙ୍ଗଠନିକ



ନିର୍ବାଚନ ଥିବା ବେଳେ ତାପୂର୍ବରୁ ଏହି ନିଷ୍ପତ୍ତି ଦଳରେ କମ୍ପନ ସୃଷ୍ଟି କରିଛି ।

ପ୍ରସ୍ତାବ ଅନୁଯାୟୀ, ରାଜ୍ୟର ପିସିସି ସଭାପତି ଏବଂ ଏଆଇସିସି ସଦସ୍ୟଙ୍କୁ ସୋନିଆ ଗାନ୍ଧି ମନୋନିତ କରିବେ । ଆସନ୍ତା ମାସରେ ଦଳର ସଭାପତି ନିର୍ବାଚନ ଥିବା ବେଳେ ଏଥର ପ୍ରାର୍ଥୀ ଦଉଡ଼ରେ ନାହାନ୍ତି ସୋନିଆ ଗାନ୍ଧି । ଅନ୍ୟପକ୍ଷରେ ସଭାପତି ନିର୍ବାଚନରେ ଅଂଶଗ୍ରହଣ ପାଇଁ ରାହୁଲ ଗାନ୍ଧି ମଧ୍ୟ ଅମଙ୍ଗ ଥିବା କୁହାଯାଉଛି । ଦୀର୍ଘ ୨୦ ବର୍ଷ ପରେ ଗାନ୍ଧି ପରିବାର ବାହାରୁ କେହି ସଭାପତି ହୁଅନ୍ତୁ ବୋଲି ଦଳ ଭିତରୁ ଦାବି ଉଠିଛି । ଅବଶ୍ୟ ଅନେକ ନେତା ରାହୁଲ ଗାନ୍ଧିଙ୍କ ସଭାପତି ପଦ ସପକ୍ଷରେ ରାୟ ଦେଇଛନ୍ତି । ଅନ୍ୟପଟେ ସୋନିଆ ଗାନ୍ଧିଙ୍କ ଝିଅ ପ୍ରିୟଙ୍କା ଗାନ୍ଧି ଭଦ୍ରା ମଧ୍ୟ ରେସ୍‌ରେ ନଥିବା ଚର୍ଚ୍ଚା ହେଉଛି । ପ୍ରିୟଙ୍କା ଦଳରେଏବେ ସାଧାରଣ ସମ୍ପାଦକ ଅଛନ୍ତି ।

ଅନ୍ୟପଟେ ଅଣ ଗାନ୍ଧି ପରିବାରରରୁ ସଭାପତି ପଦ ନେଇ ଅଶୋକ ଗେହଲଟଙ୍କ ନାଁ ଉଠୁଛି । ସେ କିନ୍ତୁ ମଙ୍ଗୁ ନାହାନ୍ତି । ରାହୁଲ ଗାନ୍ଧି ଔପଚାରିକ ଭାବେ ସଭାପତି ପଦରେ ନରହିଲେ ସୁଦ୍ଧା ସେ ଦଳର ମୁଖ୍ୟ ଚେହେରା ହୋଇ ରହିବେ । ଏବେ ତାଙ୍କ ନେତୃତ୍ୱରେ ଦେଶ ବ୍ୟାପି ଭାରତ ଯୋଡ଼ୁ ଅଭିଯାନ ଜାରି ରହିଛି । ୨୦୨୪ରେ ମୋଦିଙ୍କୁ ମୁକାବିଲା ପାଇଁ କଡ଼ା ପ୍ରତିଦ୍ୱନ୍ଦୀ ଭାବେ ଦଳ ରାହୁଲ ଗାନ୍ଧିଙ୍କୁ ଭାରତ ଯୋଡ଼ୁ ଅଭିଯାନ ମାଧ୍ୟମରେ ମଇଦରାନକୁ ଓହ୍ଲାଇଛି । ତେଣୁ ବିଧିବଦ୍ଧ ଭାବେ ନହେଲେ ମଧ୍ୟ ଦଳର କମାଣ୍ଡ ଯେପରି ଗାନ୍ଧି ପରିବାର ହାତରୁ ଖସି ନଯାଏ ସେଥି ପାଇଁ ପରୋକ୍ଷରେ ଏକ ରଣନୀତି ପ୍ରସ୍ତୁତ କରାଯାଇଛି । ଏଥିପାଇଁ ସୋନିଆ ଗାନ୍ଧିଙ୍କୁ ନେଇ ହୋଇଛି ଉପରୋକ୍ତ ପ୍ଲାନ୍ । ଉଲ୍ଲେଖଯୋଗ୍ୟ, କଂଗ୍ରେସ ନେତା ରାହୁଲ ଗାନ୍ଧି ୨୦୧୯ ମେ'ରେ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଥିଲେ । ଲୋକସଭା ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ପାଇଁ ରାହୁଲ ନିଜକୁ ଦାୟୀ କରିଥିଲେ ଏବଂ ନୈତିକ ଦୃଷ୍ଟିକୋଣରୁ ଦଳରୁ ଇସ୍ତଫା ଦେଇଥିଲେ । ପରେ ଏହି ପଦରେ ସୋନିଆ ଗାନ୍ଧୀ ଅନ୍ତରୀର ଅଧ୍ୟକ୍ଷ ଭାବେ ରହି ଆସିଛନ୍ତି ।

## ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ଭେଇକିଲ ସ୍କ୍ରାପେଜ୍ ପଲିସି

ଭୁବନେଶ୍ୱର(ଓଡ଼ିଶା ରିପୋର୍ଟର): ଓଡ଼ିଶାରେ ଆଉ ଗଡିବନି ପୁରୁଣା ଗାଡ଼ି । ରାସ୍ତାରେ ଆଉ ଦିଶିବନି ୧୫ ଓ ୨୦ ବର୍ଷର ପୁରୁଣା ଯାନ । କାରଣ ରାଜ୍ୟ ସରକାର ଖୁବଶୀଘ୍ର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି କେନ୍ଦ୍ର ସରକାରଙ୍କ ଭେଇକିଲ ସ୍କ୍ରାପେଜ୍ ପଲିସି । ଏହି ନୀତି ଅନୁସାରେ, ୧୫ ବର୍ଷରୁ ଅଧିକ ପୁରୁଣା ସମସ୍ତ ବାଣିଜ୍ୟିକ ଓ ୨୦ ବର୍ଷରୁ ଅଧିକ ପୁରୁଣା ଘରୋଇ ଯାନକୁ ଏବେ ରାସ୍ତାରୁ ହଟାଯିବ । ରାଜ୍ୟରେ ଏ ନୀତି କାର୍ଯ୍ୟକାରୀ କରିବାକୁ ବହୁ ଦିନରୁ ତର୍ଜମା ପରେ ଏବେ ପୁରୁଣା ଗାଡି କିଣିବା ଲାଗି ୨୦୨୨ ମେକ ଇନ ଓଡ଼ିଶା କନକ୍ଲେଭରେ ଏକ ସଂସ୍ଥା ସହ ଏମଓୟୁ ସ୍ୱାକ୍ଷର କରିବ ପରିବହନ ବିଭାଗ । ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନେଇଛି ପରିବହନ ବିଭାଗ ।



ସୂଚନା ମୁତାବକ, ପୁରୁଣା ଗାଡିମାଲିକମାନେ ନିଜ ଗାଡ଼ିକୁ ସ୍କ୍ରାପ ଦରରେ ବିକ୍ରି କଲେ ସେମାନଙ୍କୁ କିଛି ମୂଲ୍ୟ ଦେବାକୁ ଧାର୍ଯ୍ୟ କରିଛନ୍ତି ସରକାର । ପୁରୁଣା ଗାଡିର ମୂଲ୍ୟ ସେହି ଗାଡିର ଏକ୍ସ ସୋରୁମ୍ ମୂଲ୍ୟର ୬ ପ୍ରତିଶତ ରହିବ । ପୁରୁଣା ଗାଡି ବିକିବା ପରେ ଏକ ପ୍ରମାଣପତ୍ର ମିଳିବ । ଗାଡ଼ି ମାଲିକ ଯଦି ନୂଆ ଗାଡି କିଣନ୍ତି, ତେବେ ସେମାନେ ସେହି ପ୍ରମାଣପତ୍ର ଦେଖାଇଲେ, ଘରୋଇ ଯାନ ପାଇଁ ୨୫ ପ୍ରତିଶତ, ବାଣିଜ୍ୟିକ ଯାନ ଲାଗି ୮ ବର୍ଷ ପାଇଁ ୧୫ ପ୍ରତିଶତ ଟିକସରେ ରିହାତି ମିଳିବ । ସେହିଭଳି ନୂଆ ଗାଡି କିଣିବା ବେଳେ କମ୍ପାନୀ ପକ୍ଷରୁ ୫ ପ୍ରତିଶତ ରିହାତି ମିଳିପାରିବ ।

ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଯେଉଁଟା ଲୋକଙ୍କ ଲାଗି ଓ ସରକାରଙ୍କ ଲାଗି ଭଲ ତାହାକୁ କରାଯିବ । ମୁଖ୍ୟମନ୍ତ୍ରୀ ଏହି ପ୍ରସ୍ତାବକୁ ଅନୁମୋଦନ କରିନାହାନ୍ତି, ଅନୁମୋଦନ ପରେ ଏହା ଲାଗୁ କରାଯିବ । ତଥ୍ୟ ଅନୁସାରେ ଓଡ଼ିଶାରେ ଏବେ ପ୍ରାୟ ୧୬ ଲକ୍ଷ ୬୧ ହଜାର ପୁରୁଣା ଗାଡ଼ି ରହିଛି । ଏହା ମଧ୍ୟରୁ ୮ ଲକ୍ଷ ୨୮ ହଜାରରୁ ଅଧିକ ଗାଡ଼ି ୨୦ ବର୍ଷରୁ ବେଶି ପୁରୁଣା ହୋଇଥିଲା ବେଳେ ୮ ଲକ୍ଷ ୩୩ ହଜାରରୁ ଅଧିକ ଗାଡ଼ି ୧୫ ବର୍ଷରୁ ବେଶି ପୁରୁଣା । ପୂର୍ବରୁ କେନ୍ଦ୍ର ସରକାର ଦେଶରେ ସ୍କ୍ରାପିଙ୍ଗ୍ ପଲିସି ଲାଗୁ କରି ସାରିଛନ୍ତି । ଆମ ରାଜ୍ୟରେ ଏହି ନୀତି ଲାଗୁ ହେଲେ ଲୋକେ ଏହାକୁ ନିଶ୍ଚିତ ସ୍ୱାଗତ କରିବେ ବୋଲି ଆଶା କରୁଛନ୍ତି ସଡ଼କ ସୁରକ୍ଷା କର୍ମୀ ।

ସେପଟେ ପୁରୁଣା ଗାଡ଼ିର ମୂଲ୍ୟ ନୂଆ ଗାଡ଼ି ତୁଳନାରେ ମାତ୍ର ୬ ପ୍ରତିଶତ ହୋଇଥିବାରୁ ଲୋକେ ଏହାକୁ କେତେଦୂର ଗ୍ରହଣ କରୁଛନ୍ତି, ତାହା ଦେଖିବାର କଥା ।

ସୂଚନା ଥାଉକି, ପ୍ରଦୂଷଣ ରୋକିବା, ଦୁର୍ଘଟଣା କମାଇବା ଆଦି ଲକ୍ଷ୍ୟ ନେଇ ରାସ୍ତାରୁ ପୁରୁଣା ଗାଡ଼ି ହଟାଇକୁ ଗତବର୍ଷ ଅଗଷ୍ଟ ୧୩ ତାରିଖରେ କେନ୍ଦ୍ର ସରକାର ଦେଶରେ ସ୍କ୍ରାପିଙ୍ଗ ପଲିସି ଘୋଷଣା କରିଥିଲେ । ପରେ ଦିଲ୍ଲୀ ଓ ଗୁଜରାଟ ଭଳି କିଛି ରାଜ୍ୟରେ ଏ ନୀତି କାର୍ଯ୍ୟକାରୀ ହୋଇସାରିଛି ।

## ରାମ ମନ୍ଦିର ତିଆରି ପାଇଁ ଖର୍ଚ୍ଚ ହେବ ୧୮୦୦ କୋଟି !

ନୂଆଦିଲ୍ଲୀ: ଅଯୋଧାରେ ତିଆରି ଚାଲିଛି ଭବ୍ୟ ରାମ ମନ୍ଦିର । ଖୁବ ଜୋର୍‌ସେର୍‌ରେ ମନ୍ଦିର ନିର୍ମାଣ କାମ ଚାଲିଛି । ଶହ ଶହ କାରିଗର ଏହି କାମରେ ଲାଗିଛନ୍ତି । ତେବେ ଏହି ମନ୍ଦିର ସମ୍ପୂର୍ଣ୍ଣ ଭାବେ ନିର୍ମାଣ ହେବାରେ ୧୮୦୦ କୋଟି ଟଙ୍କା ଖର୍ଚ୍ଚ ହେବ । ଶ୍ରୀରାମଜନ୍ମଭୂମୀ ତିର୍ଥ କ୍ଷେତ୍ର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଏହା କହିଛନ୍ତି ।

ତାଙ୍କ କହିବା ଅନୁସାରେ, ଭବ୍ୟ ରାମ ମନ୍ଦିର ନିର୍ମାଣରେ ୧୮୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ । ଯେବେ ମନ୍ଦିର କାର୍ଯ୍ୟ ଆରମ୍ଭ ହେଲା, ସେତେବେଳେ ଅନୁମାନ କରାଯାଉଥିଲା କି, ମନ୍ଦିର ନିର୍ମାଣରେ ପାଖାପାଖି ୪୦୦ କୋଟି ଟଙ୍କା ଖର୍ଚ୍ଚ ହେବ । କିନ୍ତୁ ବର୍ତ୍ତମାନ ଆକଳନ କରାଯାଉଛି ଭବ୍ୟ ରାମମନ୍ଦିର ନିର୍ମାଣରେ ୧୮୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ । ପରବର୍ତ୍ତି ମୁହୂର୍ତ୍ତରେ ଏଥିରେ ସଂଶୋଧନ ହୋଇପାରେ ବୋଲି ଚମ୍ପତ ରାୟ ସ୍ୱଷ୍ଟ କରିଛନ୍ତି ।

ଶ୍ରୀରାମଜନ୍ମଭୂମୀ ତିର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ବସିଥିବା ବୈଠକରେ ନିଷ୍ପତ୍ତି ହୋଇଛି କି, ରାମ ଜନ୍ମଭୂମୀ ପରିସରରେ ହିନ୍ଦୁ ଧର୍ମ ସହ ଜଡିତ ମହାନ୍ ସାଧୁ ସନ୍ଥଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ଯେପରିକି, ମହର୍ଷି ବଲମିକି, ମହର୍ଷି ବିଶ୍ୱାମିତ୍ର, ମହର୍ଷି ଅଗସ୍ତ୍ୟ, ମାତା ଶବରୀ, ଜଟାୟୁଙ୍କୁ ସମ୍ମାନପୂର୍ବକ ପୂଜା ପାଇଁ ସ୍ଥାନ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।



ସୂଚନାଯୋଗ୍ୟ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାକ୍ରମେ ଉତ୍ତର ପ୍ରଦେଶର ପବିତ୍ର ଅଯୋଧ୍ୟା ନଗରୀରେ ମନ୍ଦିର ତୋଳିବା ପାଇଁ 'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ' ଗଠିତ ହୋଇଥିଲା । ବାରମ୍ବାର ବେ ?ଠକ ବସାଯାଇ ମନ୍ଦିର ନିର୍ମାଣ ନିମନ୍ତେ ରୀତିନୀତି ଏବଂ ମାନୁଆଲ୍ ଅନୁମୋଦନ କରାଯାଇଥିଲା । ମନ୍ଦିର ବେଢ଼ାରେ ଯଶସ୍ୱୀ ହିନ୍ଦୁ ସାଧୁ ସନ୍ଥମାନଙ୍କର ପ୍ରତିମା ନିର୍ମାଣ କରିବା ଲାଗି ସ୍ଥାନ ଚୟନ କରିବାକୁ ସର୍ବସମ୍ମତିକ୍ରମେ ଫେଜାବାଦ୍ ସର୍କିଟ୍ ହାଉସ୍‌ରେ ଆୟୋଜିତ ବୈଠକରେ ସ୍ଥିର କରାଯାଇଥିଲା । ଦୀର୍ଘ ସମୟ ଧରି ବିଚାର ବିମର୍ଶ ଓ ସମସ୍ତଙ୍କ ମତ ପ୍ରତି ଦୃଷ୍ଟି ଦିଆଯାଇ ଟ୍ରଷ୍ଟର ନିୟମାବଳୀ ଓ 'ବାଇଲ' ଚୂଡ଼ାନ୍ତ ହୋଇଥିବା କଥା ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ୍ ରାୟ କହିଛନ୍ତି । ଏହି ବୈଠକରେ ଟ୍ରଷ୍ଟର ୧୫ଜଣ ସଦସ୍ୟଙ୍କ ମଧ୍ୟରୁ ୧୪ଜଣ ଯୋଗ ଦେଇଥିଲେ ।

## ଲାଲବାହିନୀକୁ ଶକ୍ତ ଧକ୍କା, ସଂଗଠନ ଛାଡ଼ିଲେ ୭୦୦ ନକ୍ସଲ ସମର୍ଥକ

ଲମତାପୁଟ: ମାଓ ସଂଗଠନକୁ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଲେ ୭୦୦ ମାଓ ସମର୍ଥକ । ସେମାନଙ୍କ ଭିତରେ ୩୧୪ ଜଣ ମାଓ ମିଲିସିଆ ରହିଛନ୍ତି । ବିଏସଏଫ ଓ ପୁଲିସ ପକ୍ଷରୁ ଆୟୋଜିତ ଘର ବାହୁଡା କାର୍ଯ୍ୟକ୍ରମରେ ଏମାନେ ଆତ୍ମ ସମର୍ପଣ କରିଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲା ସୀମାନ୍ତ ହନ୍ତ୍ରାହାଲସ୍ଥିର ୬୫ ବାଟାଲିଆନ ବିଏସଏଫ କ୍ୟାମ୍ପ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ଅଧିକାରୀମାନଙ୍କୁ ଅଂଚଳର ମହିଳାମାନେ ପାରମ୍ପରିକ ସଙ୍ଗୀତ ଭିତରେ ଫୁଲ ମାଳ ଦେଇ ସ୍ୱାଗତ କରିଥିଲେ ।

ଏଥିରେ କୋରାପୁଟ ପୁଲିସ ଡିଆଇଜି ରାଜେଶ ପଣ୍ଡିତ, କୋରାପୁଟ ବିଏସଏଫ ଡିଆଇଜି ମଦନ ଲାଲ, ମାଲକାନଗିରି ଏସପିଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ରହିଥିଲେ । ଆତ୍ମ ସମର୍ପଣ କରିଥିବା ମାଓ ସମର୍ଥକଙ୍କ ଭିତରେ ୩ଶହ ଜଣ ମାଲକାନଗିରି ଜିଲ୍ଲା ସୀମାନ୍ତ ସିନ୍ଧିଗୁଡା, ଅଣ୍ଡେଇଗୁଡା, ଗଲାଗୁଡା, ପାତ୍ରପୁଟ, ଉଜନଗୁଡା ଓ ବିଶୋଇଗୁଡା ଗାଁର ମାଓ ମିଲିସିଆ ରହିଥିଲେ । ସେହିପରି ଆନ୍ଧ୍ରପ୍ରଦେଶର ରାଙ୍ଗବେଲ ପଂଚାୟତର ପାଡାଲପୁଟ, କସପୁଟ ଗାଁର ୧୩ ଜଣ ମାଓ ମିଲିସିଆ ଏଠାରେ ଆତ୍ମସମର୍ପଣ କରିଥିଲେ ।

ଆତ୍ମସମର୍ପଣ କରିଥିବା ମିଲିସିୟମାନେ ପୂର୍ବରୁ ମାଓବାଦୀଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରୁଥିଲେ । ହେଲେ ଏବେ ମାଓବାଦୀ



କାର୍ଯ୍ୟକଳାପକୁ ଛାଡି ଅଞ୍ଚଳର ବିକାଶ ନିମନ୍ତେ ପୁଲିସ ଓ ସରକାରଙ୍କ ଉନ୍ନତିକରଣ କାମକୁ ସହଯୋଗ କରିବେ ବୋଲି ମତ ଦେଇଛନ୍ତି । ଆତ୍ମସମର୍ପଣକାରୀ ମିଲିସିଆମାନେ ଏହି ଅବସରରେ ମାଓବାଦୀଙ୍କ କୁଶପୁତଳିକା ଦାହ କରିଥିଲେ । ମାଓ ବିରୋଧୀ ନାରାବାଜି ଦେଇଥିଲେ । ଆତ୍ମସମର୍ପଣକାରୀ ମିଲିସିଆଙ୍କୁ ଉପସ୍ଥିତ ଅଧିକାରୀମାନେ ଶାଢ଼ି, ଲୁଙ୍ଗି, ଗାମୁଛା, ଖେଳ ଉପକରଣ ପ୍ରଭୃତି ପ୍ରଦାନ କରି ସ୍ୱାଗତ କରିଥିଲେ । ସମସ୍ତଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇଥିଲା ।

ସୂଚନା ଥାଉକି, ପୂର୍ବରୁ ହନ୍ତରାହାଲ ଅଞ୍ଚଳରେ ମାଓବାଦୀଙ୍କ ଦବଦବା ଜାହିର ରହିଥିଲା । ମାଓବାଦୀମାନେ ମାଓ ସମର୍ଥକଙ୍କ ପଛରେ ରହି ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିଲେ । ତେବେ ଏହି ଅଂଚଳରେ ବିଏସ୍‌ଏଫ୍ କ୍ୟାମ୍ପ ସ୍ଥାପନ ହେବା ପରେ ମାଓବାଦୀଙ୍କ ଚଳପ୍ରଚଳ କମି ଯାଇଛି । ଫଳରେ ଅଂଚଳର ବିଭିନ୍ନ ପ୍ରକାଶ ବିକାଶ କାମ ହୋଇପାରିଛି । ଯାହାକୁ ନେଇ ମାଓ ସମର୍ଥକମାନେ ବେଶ ଖୁସି ହୋଇ ହିଂସା ପଥ ଛାଡ଼ି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିଥିବା ଜଣାପଡ଼ିଛି ।

ଏନେଇ ବିଏସ୍‌ଏଫ୍ କୋରାପୁଟ ଡିଭିଜନ ଡିଆଇଜି ମୋଦନ ଲାଲ ଓ ଡିଆଇଜି ରାଜେଶ ପଣ୍ଡିତ କହିଛନ୍ତି, ଲୋକେ ମାଓ ହିଂସା ଛାଡ଼ି ସମାଜର ମୁଖ୍ୟସ୍ରୋତକୁ କିପରି ଅଧିକରୁ ଅଧିକ ମାତ୍ରାରେ ଫେରି ଆସିବେ ପାଇଁ ପ୍ରୟାଶ ଜାରି ରହିଛି । ମାଓ ଗତିବିଧି ରହିଥିବା ଅଞ୍ଚଳରେ ପୁଲିସର ଆବଶ୍ୟକତା ମୁତାବକ ବିଏସ୍‌ଏଫ୍ କ୍ୟାମ୍ପ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି । ଫଳରେ ମାଓ ଅଞ୍ଚଳରେ ରାସ୍ତାଘାଟ, ସ୍କୁଲ, କଲେଜ ପ୍ରଭୃତି ପ୍ରତିଷ୍ଠା ହୋଇପାରୁଛି ।



# ଡିପ୍ରେସନ୍ ଦୂର କରିବ 'ମ୍ୟାଜିକ୍ ଛତୁ'

ଜୀବନଶୈଳୀରେ ପରିବର୍ତ୍ତନ ଏବଂ କାମ ବୋଝ ସହ ଲୋକଙ୍କ ମଧ୍ୟରେ ଡିପ୍ରେସନ ତଥା ଅବସାଦ ସମସ୍ୟା ବି ଲଗାତାର ବଢ଼ି ଚାଲିଛି। କେବଳ ଏତିକି ନୁହେଁ, ଆମ ଦେଶର ଲୋକମାନେ ଡିପ୍ରେସନ ବିଷୟରେ କହିବାକୁ ବି ଲଜ୍ଜିତ ମନେକରନ୍ତି। ଅନେକ ଲୋକ ଅନୁଭବ କରନ୍ତି ଯେ ଡିପ୍ରେସନ ବିଷୟରେ କଥାବାର୍ତ୍ତା କରିବା ଅର୍ଥ ସାମ୍ନାରେ ଥିବା ବ୍ୟକ୍ତି ସେମାନଙ୍କୁ ପାଗଳ ବୋଲି ଭାବିବେ। ଏହି କାରଣରୁ ଡିପ୍ରେସନ ତଥା ଅବସାଦ ବିଷୟରେ ଖୋଲାଖୋଲି ଭାବରେ କଥାବାର୍ତ୍ତା କରିବାକୁ ଲୋକେ ପଛଘୁଞ୍ଚା ଦିଅନ୍ତି। କିନ୍ତୁ ଏକ ଅଧ୍ୟୟନରୁ ଜଣାପଡିଛି ଯେ ଏବେ ଡିପ୍ରେସନର ଶିକାର ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ଅତି ସହଜରେ ହୋଇପାରିବ। କେବଳ ଗୋଟିଏ ଛତୁ ଖାଇବା ଦ୍ୱାରା ଆପଣ ଡିପ୍ରେସନ ମୁକ୍ତ ହୋଇପାରିବେ।

ଯଦି ଆପଣ ଡିପ୍ରେସନର ଶିକାର ହୋଇଛନ୍ତି ତେବେ ଛତୁ ଖାଇବା ଉଚିତ। ତେବେ ସାଧାରଣ ଛତୁ ନୁହେଁ, ଏଥିପାଇଁ ଆପଣଙ୍କୁ ଖାଇବାକୁ ପଡିବ ମ୍ୟାଜିକ୍ ? ଛତୁ। ଏହି ମ୍ୟାଜିକ୍ ଛତୁରେ ଏଭଳି କିଛି ଗୁଣ ରହିଛି ଯାହା ମାନସିକ ଅବସାଦରୁ ମୁକ୍ତି ଦେଇଥାଏ ଏବଂ ଲୋକଙ୍କୁ ଡିପ୍ରେସନରୁ ବାହାରକୁ ବାହାରିବା ପାଇଁ ସହାଯ୍ୟ କରିଥାଏ। ଏକ ଅଧ୍ୟୟନରୁ ଏହା ପ୍ରମାଣିତ ହୋଇଛି।

ଇମ୍ପେରିଆଲ କଲେଜ ଲଣ୍ଡନ୍‌ର ବିଶେଷଜ୍ଞଙ୍କ ଏକ ଅଧ୍ୟୟନ ମୁତାବକ, ମ୍ୟାଜିକ ଛତୁ ଡିପ୍ରେସନ ଦୂର କରିବାରେ ସକ୍ଷମ। ଏଥିରେ ଯୌଗିକ ସିଲୋସାଇବିନ୍ ମିଳିଥାଏ, ଯାହା ମନୋବଳ ଉପରେ ସକରାତ୍ମକ ପ୍ରଭାବ ପକାଇଥାଏ। ଏହା ମଶରୁମ୍ ବା ଛତୁରେ ପ୍ରାକୃତିକ ଭାବେ ଥାଏ। ସିଲୋସାଇବିନ୍ ମସ୍ତିଷ୍କର ଏକ ନିର୍ଦ୍ଦିଷ୍ଟ ଅଂଶକୁ ସକ୍ରିୟ କରିଥାଏ, ଯାହାର ମାନସିକ ସ୍ଥିତି ଉପରେ ସିଧାସଳଖ ପ୍ରଭାବ ପଡିଥାଏ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ଛତୁ ମୁଖ୍ୟତଃ ମସ୍ତିଷ୍କର ସର୍କିଟ୍‌କୁ ପୁନଃ ନିର୍ମାଣ କରେ ଯାହା ପ୍ରଭାବିତ ଢ଼ଙ୍ଗରେ ଅବସାଦରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଡିପ୍ରେସନ ଯୋଗୁଁ ମସ୍ତିଷ୍କର ଏକ ନିର୍ଦ୍ଦିଷ୍ଟ ଅଂଶରେ ରକ୍ତର ପ୍ରଭାବ କମିଯାଏ, ଯେଉଁଥିପାଇଁ ଏହି ସମସ୍ୟା ଉପୁଜେ।

ନିକଟରେ ମ୍ୟାଜିକ ଛତୁକୁ ନେଇ ଏକ କ୍ଲିନିକାଲ ଟ୍ରାଏଲ ହୋଇଥିଲା, ଯେଉଁଥିରେ କୁହାଯାଇଛି ଯେ ଏହି ଛତୁରୁ ବାହାରୁଥିବା ହାଲୁସିନୋଜେନିକ୍ ପଦାର୍ଥ ମସ୍ତିଷ୍କକୁ ସକ୍ରିୟ କରିଥାଏ। ନକାରାତ୍ମକ ଚିନ୍ତାଧାରା ଆସିବା ମାତ୍ରେ, ଏହି ସ୍ୱୟଂଚାଳିତ ଭାବେ ସକ୍ରିୟ ହୁଏ। ଏହା ମଣିଷର ମନକୁ ନକାରାତ୍ମକ ଚିନ୍ତାଧାରାରୁ ରକ୍ଷା କରିଥାଏ ଏବଂ ମନକୁ ଶାନ୍ତ ରଖେ। ସିଲୋସାଇବିନର ପ୍ରଭାବ ବୁଝିବା ପାଇଁ ବୈଜ୍ଞାନିକମାନେ ୬୦ ରୋଗୀଙ୍କ ଉପରେ କ୍ଲିନିକାଲ୍ ପରୀକ୍ଷା କରିଥିଲେ ଏବଂ ପ୍ରତ୍ୟେକ ରୋଗୀର ମସ୍ତିଷ୍କ ଉପରେ ଭିନ୍ନ ପ୍ରଭାବ ପଡିଥିଲା। ସିଲୋସାଇବିନ ନେବା ପରେ, ଏହି ସମସ୍ତ ରୋଗୀଙ୍କ ମସ୍ତିଷ୍କ ଅଧିକ ସକ୍ରିୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା।

ଏହାପୂର୍ବରୁ ଏକ ଛୋଟ ଅଧ୍ୟୟନ କରାଯାଇଥିଲା ଯେଉଁଥିରେ କୁହାଯାଇଥିଲା ଯେ ମ୍ୟାଜିକ୍ ଛତୁରେ ମିଳୁଥିବା ରାସାୟନିକ ସିଲୋସାଇବିନ ଯେକୌଣସି ସାଧାରଣ ଆଣ୍ଟିଡିପ୍ରେସଣ୍ଟ ଏସସିଟେଲୋପ୍ରାମ (ଲେକ୍ସାପ୍ରୋ) ଭଳି କାମ କରେ। କିନ୍ତୁ ଏହାର ଅଧିକ ତୀବ୍ରତା ଏବଂ କ୍ଷମତା ଅଛି। ଏହା ସେହି ଲୋକଙ୍କୁ ଆରାମ ପ୍ରଦାନ କରିବ ଯେଉଁମାନେ ମଧ୍ୟମରୁ ଘୋର ଅବସାଦର ଶିକାର ହୋଇଥାନ୍ତି। ମ୍ୟାଜିକ୍ ଛତୁରେ ଏପରି ହାଲୁସିନୋଜେନିକ୍ ପଦାର୍ଥ ଥାଏ, ଯାହା ମସ୍ତିଷ୍କକୁ ଏକ ହାଇପର୍ କେନେକ୍ଟେଡ୍ ବ୍ରେନ୍ କରିବାରେ କରିବାରେ ସାହାଯ୍ୟ କରିଥାଏ। ଏହା ଜରିଆରେ ଡିପ୍ରେସନର ଚିକିତ୍ସା ମଧ୍ୟ କରାଯାଇପାରେ। ଏକ ନୂତନ ଅଧ୍ୟୟନରେ, ଦାବି କରାଯାଇଛି ଯେ ଏହି ଛତୁ ମସ୍ତିଷ୍କର ବିଭିନ୍ନ ଅଂଶକୁ ସଂଯୋଗ କରିବାରେ ସାହାଯ୍ୟ କରିଥାଏ ଏବଂ ଏହାର ସାଇକେଡେଲିକ୍ ପଦାର୍ଥ ଅବସାଦକୁ ରୋକିଥାଏ ଏବଂ ନକାରାତ୍ମକ ଚିନ୍ତାଧାରାରୁ ମଣିଷକୁ ଦୂରେଇ ରଖିଥାଏ।

# ଏକ ଗୋଡ଼ରେ ୧୦ ସେକେଣ୍ଡ ଠିଆ ନ ହୋଇ ପାରିଲେ ମୃତ୍ୟୁ ଆଶଙ୍କା ଅଧିକ !

ମଧ୍ୟ ବୟସ୍କଙ୍କ ପାଇଁ ସତର୍କ ଘଣ୍ଟି।୧୦ ସେକେଣ୍ଡର ଫିଜିକାଲ ଟେଷ୍ଟରେ ଫେଲ ମାରିଲେ ମୃତ୍ୟୁ ଆଶଙ୍କା ଅଧିକ। ଗୋଟିଏ ଗୋଡ଼ରେ ଠିଆ ନ ହୋଇ ପାରିଲେ,ମରିବାର ବିପଦ ଅଧିକ । ମାତ୍ର ୧୦ ସେକେଣ୍ଡ ପାଇଁ ଏକ ନିର୍ଦ୍ଧିଷ୍ଟ ମୁଦ୍ରାରେ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ନଥିପାରୁନଥିବା ବ୍ୟକ୍ତି ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର



ବିପଦ ରହିଛି । ବ୍ରିଟିଶର ଏକ ସ୍ପୋର୍ଟ ମେଡିସିନ୍ ଜର୍ନାଲରେ ଏମିତି ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି ।

ଗବେଷଣାରୁ ଜଣା ପଡିଛି, ମାତ୍ର ୧୦ ସେକେଣ୍ଡ ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁ ନଥିବା ମଧ୍ୟବୟସ୍କଙ୍କ ଭିତରୁ ପ୍ରାୟ ୮୪ ପ୍ରତିଶତ ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର ଆଶଙ୍କା ରହିଛି । ବିନା କୌଣସି ସହଯୋଗରେ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁନଥିବା ବ୍ୟକ୍ତି ଅସୁସ୍ଥ ବୋଲି ଜାଣି ରଖିବା ଦରକାର । ୨୦୦୯ରେ ବ୍ରାଜିଲର ୧୭୦୨ ଜଣ ୫୦ ବର୍ଷ ବୟସ୍କଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ନେଇ ଏକ ସର୍ଭେ କରାଯାଇଥିଲା । ଗୋଟିଏ ଗୋଡ଼ରେ ଏକ ନିର୍ଦ୍ଦିଷ୍ଟ ମୁଦ୍ରାରେ ୧୦ ସେକେଣ୍ଡ ପାଇଁ ଠିଆ ହୋଇ ପାରୁନଥିବା ବ୍ୟକ୍ତିର ଭବିଷ୍ୟତ ୧୦ ବର୍ଷ ପରେ କଣ ହେବ ଏ ନେଇ ଚାଲିଥିଲା ଗବେଷଣା । ଆଉ ସେହି ଗବେଷଣା ଆଧାରରେ ଜଣା ପଡିଛି ଯେ, ମଧ୍ୟବୟସ୍କଙ୍କ ଜୀବନ କେତେ ବିପଦରେ ।

ଯଦି କେହି ଏହାକୁ ପରୀକ୍ଷା କରିବାକୁ ଚାହୁଁଥିବ, ତାହାଲେ ଭୂମିରେ ଗୋଟିଏ ପାଦ ରଖି, ଅନ୍ୟପାଦଟି ଗୋଟିଏ ହାତରେ ପଛପଟୁ ଉପରକୁ ଉଠାଇବାକୁ ପଡିବ । ଏବଂ ଅନ୍ୟହାତଟି ସମ୍ମୁଖକୁ ରଖି ବଢାଇବାକୁ ପଡିବ । ଏହା ଏକ ପ୍ରକାର ଭାରତୀୟଙ୍କ ଯୋଗାସନର ମୁଦ୍ରା । ଏହିମୁଦ୍ରାକୁ ନେଇ ଗବେଷଣା କରାଯାଇଥିଲା ।ଏଥିପାଇଁ ପ୍ରତି ବ୍ୟକ୍ତିଙ୍କୁ ୩ ଥର ସୁଯୋଗ ଦିଆଯାଇଥିଲା । ତେବେ ପ୍ରତି ୫ ଜଣରୁ ଜଣେ ହିଁ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ଠିଆ ହେବାକୁ ସକ୍ଷମ ହୋଇ ପାରିଥିଲା । କେବଳ ବ୍ରାଜିଲ ନୁହେଁ,ଫିନଲାଣ୍ଡସ ଅଷ୍ଟ୍ରେଲିଆ,ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଏହି ସର୍ଭେ କରାଯାଇଛି । ପ୍ରତି ବର୍ଷ ସାରା ବିଶ୍ୱରେ ପ୍ରାୟ ୬ ଲକ୍ଷ୮୦ ହଜାର ଲୋକ ପ୍ରାଣ ହରାଉଛନ୍ତି । ତେଣୁ ଏହି ୧୦ ସେକେଣ୍ଡର ପରୀକ୍ଷା ହିଁ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା କେତେ ସଙ୍କଟାପର୍ଣ୍ଣ ତାହା ଜାଣିବା ପାଇଁ ବେଶ ଭଲ ଉପାୟ ବୋଲି ମତ ରଖିଛନ୍ତି ଗବେଷକ । ତେବେ ମୃତ୍ୟୁର କାରଣ କ'ଣ ହୋଇଥାଏ ପାରେ, ଏହି ପରୀକ୍ଷାରୁ ତାହା ସ୍ପଷ୍ଟ ହୋଇ ପାରି ନାହିଁ ।

# ଓଜନ କମାଇବାକୁ ଚାହୁଁଛନ୍ତି କି ?

ଆଜିକାଲିର ଯୁବଗୋଷ୍ଠୀ ସମସ୍ତେ ସ୍ଲିମ୍‌ଫିଟ୍ ରହିବାକୁ ପସନ୍ଦ କରୁଛନ୍ତି। ଏମିତିକି ସେମାନେ ମୋଟାପଣରୁ ଦୂରେଇ ରହିବାକୁ ପ୍ରୟାସରେ ବିଭିନ୍ନ ଉପାୟ ଆପଣାଇଥାନ୍ତି। ଫଳରେ ସେମାନେ ମନ ମୁତାବକ ନିଜ ଶରୀରର ଓଜନ ହ୍ରାସ କରିଥାନ୍ତି। ଓଜନ କମାଇବା ପ୍ରାୟ ଲୋକେ ପାଇଁ ଖାଦ୍ୟ ଖାଇବା ବନ୍ଦ କରିଦିଅନ୍ତି। ନିଜ ୱେଟ୍ ଲସ୍ କରିବା ପାଇଁ ସାଲାଡ୍ ଆଦି ହାଲୁକା ଖାଦ୍ୟ ଖାଇଥାନ୍ତି। ହେଲେ ଆପଣ ଜାଣନ୍ତି ଏହା କରିବା ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ। କାରଣ ୱେଟ୍ ଲସ୍ ପାଇଁ ଖାଦ୍ୟ ଛାଡ଼ିବା ଆବଶ୍ୟକ ନୁହେଁ ବରଂ ଖାଦ୍ୟପେୟରେ ନିୟନ୍ତ୍ରିତ ଡାୟେଟ୍‌କୁ ସାମିଲ କରିବା ଉଚିତ୍। ତେବେ ଆସନ୍ତୁ ଜାଣିବା କ'ଣ ଏହି 'ବାଲାନ୍ସ ଡାୟେଟ୍'।

ଯେଉଁ ଖାଦ୍ୟଗୁଡ଼ିକରେ ସଠିକ୍ ପରିମାଣରେ କ୍ୟାଲ୍‌ସିୟମ, ପ୍ରୋଟିନ୍, ଫାଇବର ଓ ଭିଟାମିନ୍ ରହିଥାଏ ସେହି ଖାଦ୍ୟକୁ 'ବାଲାନ୍ସ ଡାୟେଟ୍' କୁହାଯାଏ। ଏହା ଖାଇବା ଦ୍ୱାରା ଶରୀରକୁ ଉପଯୁକ୍ତ ପୋଷଣ ମିଳିଥାଏ। କେଉଁ ସମୟରେ ଖାଦ୍ୟ ଖାଇଲେ ଓଜନ କମିପାରିବ ବୋଲି ନିକଟରେ ଏକ ରିସର୍ଚ୍ଚରେ ଦର୍ଶାଯାଇଛି। ତେବେ ଆସନ୍ତୁ ଜାଣିବା ରିସର୍ଚ୍ଚରେ କ'ଣ ସବୁ ଉଲ୍ଲେଖ ରହିଛି।

- **ୱେଟ୍ ଲସ୍ କରିବା ପାଇଁ କେଉଁ ସମୟରେ ଭୋଜନ ଗ୍ରହଣ କରିବା ଆବଶ୍ୟକ ?**

ବୈଜ୍ଞାନିକଙ୍କ ରିସର୍ଚ୍ଚ ଅନୁଯାୟୀ, ଭୋକ ଲାଗୁଥିବା ସମୟରେ ଖାଦ୍ୟ ଖାଇଲେ ଓଜନ କମିବାରେ ସହାୟତା ମିଳିଥାଏ। ତେଣୁ ଭୋକ ଲାଗିବା ସମୟରେ ଖାଦ୍ୟ ଖାଉଥିବା ଲୋକଙ୍କ ହିଁ ଓଜନ କମିବାର ଅଧିକ ସମ୍ଭାବନା ରହିଛି ବୋଲି ଡେଲି ନ୍ୟୁଜ୍ ଏଜେନ୍ସି ମେଲ୍‌ର ଏକ ରିପୋର୍ଟରେ ଦର୍ଶାଯାଇଛି।

୬୦୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେଇ ଏହି ରିସର୍ଚ୍ଚ କରାଯାଇଛି। ସେମାନଙ୍କୁ କିଛି ପ୍ରଶ୍ନ ପଚରାଯିବା ସହ ସେମାନଙ୍କ ଶରୀରକୁ 'ବଡି ମାସ୍ ଇଣ୍ଡେକ୍ସ' (Body mass index) ଦ୍ୱାରା ଯାଂଚ କରାଯାଇଥିଲା ।ଯାହାପରେ ସେମାନେଙ୍କ ଖାଇବା ଡାଏଟିଂ ଷ୍ଟାଇଲ୍ ?କୁ ଯାଂଚ କରାଯାଇଛି। ଯେଉଁଥିରେ ୩ ଟି ପ୍ରକାରର ଖାଇବା ସମୟ ରହିଥିଲା। ସେଥିରେ ଭୋକ ଲାଗିବା ଦ୍ୱାରା ଖାଇବା, ଇମୋସ୍ ?ନାଲ ହୋଇ ଖାଇବା ଓ କମ୍ ଖାଇବା ଅନ୍ତର୍ଭୁକ୍ତ କରାଯାଇଥିଲା।

- **ପ୍ରଭାବଶାଳୀ ନୁହେଁ ଡାଏଟିଂ**

ଓଜନ କମାଇବା ପାଇଁ ଖାଦ୍ୟ ତ୍ୟାଗ କରିବା ଉଚିତ୍ ବୋଲି ଅନେକ ଲୋକ ପରାମର୍ଶ ଦିଅନ୍ତି। କିନ୍ତୁ ଏହା ଉଚିତ୍ ନୁହେଁ। ଭୋକିଲା ଥିବାବେଳେ ଖାଦ୍ୟ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ଓଜନ ହ୍ରାସ ମଧ୍ୟ ହୋଇଥାଏ।



# ଲେମ୍ବୁ ପାଣି ପିଉଥିଲେ ସାବଧାନ

ସାଧାରଣତଃ ଲେମ୍ବୁ ପାଣି ପିଇବା ଅଧିକାଂଶଙ୍କୁ ଭଲ ଲାଗେ। ସ୍ୱାସ୍ଥ୍ୟ ପାଇଁ ଏହା କେତେ ଲାଭଦାୟକ ତାହା ଆମେ ସମସ୍ତେ ଜାଣୁ। ସକାଳୁ ଉଠି ଗରମ ପାଣିରେ ଲେମ୍ବୁ ମିଶାଇ ପିଇବା ଦ୍ୱାରା ଓଜନ କମ୍ ହୋଇଥାଏ। ଏହା ଆମକୁ ଫିଟ୍ ରଖିବାରେ ସହାୟତା କରେ। ଏଥିସହ ଲେମ୍ବୁ ଖାଦ୍ୟ ହଜମ କରିବାରେ ସହାୟତା କରେ। ଯଦ୍ୱାରା ପେଟ ସହ ଜଡିତ ଅନେକ ସମସ୍ୟା ଦୂର ହୋଇଯାଇଥାଏ। ଏତେ ସବୁ ଲାଭ ଥିବା ସତ୍ତ୍ୱେ ବି ଲେମ୍ବୁପାଣି ଆମ ପାଇଁ ବିପଦ ହୋଇପାରେ। ଯେକୌଣସି ଜିନିଷର ଅତ୍ୟଧିକ ବ୍ୟବହାର କ୍ଷତିକାରକ ହୋଇଥାଏ। ଲେମ୍ବୁ ପାଣିକୁ ମଧ୍ୟ ଆବଶ୍ୟକତା ଠାରୁ ଅଧିକ ପିଇବା ଦ୍ୱାରା ଏହା ଆମ ଶରୀରକୁ ଲାଭ ପହଞ୍ଚାଇବା ବଦଳରେ କ୍ଷତି ପହଞ୍ଚାଇଥାଏ।

– ଲେମ୍ବୁ ହେଉଛି ଭିଟାମିନ୍ ?-ସି'ର ଗନ୍ତାଘର। ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ?-ସି' ରହିଛି। ତେବେ ଲେମ୍ବୁର ଅତ୍ୟଧିକ ପ୍ରୟୋଗ ଦ୍ୱାରା ଆମ ଶରୀରରେ ନ୍ୟୁଟ୍ରିଏଣ୍ଟ ସ୍ତର ବଢ଼ିଯାଏ। ଏହା ଆମକୁ କ୍ଷତି ପହଞ୍ଚାଇଥାଏ।



ଏହାଦ୍ୱାରା ଅନେକ ଅଙ୍ଗ ଅକାମୀ ହୋଇଯିବା ବିପଦ ରହିଛି। ଏଥିପାଇଁ ଡାକ୍ତରମାନେ ଲେମ୍ବୁକୁ ସୀମିତ ମାତ୍ରାରେ ସେବନ କରିବାକୁ ପରାମର୍ଶ ଦେଇଥା'ନ୍ତି।

- ଭିଟାମିନ୍-ସି'ର ମାତ୍ରା ଅତ୍ୟଧିକ ବଢ଼ିବା ଦ୍ୱାରା ଆସିଡ଼ିକ୍ ସିକ୍ରେସନ୍ ବଢ଼ିବା ଭୟ ରହିଥାଏ। ଅଧିକ ଲେମ୍ବୁ ପାଣି ପିଇବା ଦ୍ୱାରା ବାନ୍ତି, ଝାଡ଼ା ଭଳି ସମସ୍ୟା ହୋଇଥାଏ। ଏପରିକି ପେଟରେ ଯନ୍ତ୍ରଣା ମଧ୍ୟ ହୁଏ। ଯେଉଁମାନେ ଗ୍ୟାଷ୍ଟ୍ରୋସୋଫେଜ୍ ରିଫ୍ଲକ୍ସରେ ପୀଡିତ, ସେମାନେ କମ୍ ଲେମ୍ବୁ ପାଣି ପିଇବା ଉଚିତ୍।
- ଅନେକ ଥର ଲେମ୍ବୁ ଜରିଆରେ ପାଟିରୁ ଦୁର୍ଗନ୍ଧ ଏବଂ ଦାନ୍ତ ସଫା କରାଯାଏ। କିନ୍ତୁ ଯଦି ଆପଣ ଅଧିକ ମାତ୍ରାରେ ଲେମ୍ବୁ ପାଣି ପିଅନ୍ତି, ତା'ହେଲେ ଏଥିରେ ଥିବା ସାଇଟ୍ରିକ୍ ଏସିଡ୍ ପାଟିରେ ଘା' ସୃଷ୍ଟି କରିପାରେ। ପାଟି ଭିତରେ ଜଳାପୋଡା ମଧ୍ୟ ହୁଏ।
- ଅତ୍ୟଧିକ ଲେମ୍ବୁ ପାଣି ପିଇବା ଦ୍ୱାରା ଦାନ୍ତ କ୍ଷୟ ହୋଇପାରେ। ତେଣୁ ଯେବେବି ଆପଣ ଲେମ୍ବୁ ପାଣି ପିଉଛନ୍ତି ଷ୍ଟ୍ର ବ୍ୟବହାର କରନ୍ତୁ। କାରଣ ଏହାଦ୍ୱାରା ଦାନ୍ତ ସହିତ ଲେମ୍ବୁ ରସର ସମ୍ପର୍କ କମ୍ ରହିବ ଓ ଦାନ୍ତ ଦୁର୍ବଳ ହେବ ନାହିଁ।

# ହୃଦଘାତ ଆଶଙ୍କା କମ୍ କରିଥାଏ ସୁପରଫୁଡ୍

ହୃଦଘାତ ଏବେ ଏକ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ଭାବେ ଉଭା ହୋଇଛି। ହୃଦଘାତରେ ଶିକାର ହୋଇ ଅକାଳରେ ବହୁ ଜୀବନ ଚାଲିଯାଉଛି। ସବୁବେଳେ ଫିଟନେସ୍‌କୁ ଗୁରୁତ୍ୱ ଦେଉଥିବା ସେଲିବ୍ରିଟି ବି ଏଥିରୁ ବାଦ ପଡୁ ନାହାନ୍ତି। ନିକଟ ଅତୀତରେ ପୁନୀତ ରାଜକୁମାର, କେକେ, ସିଦ୍ଧାର୍ଥ ଶୁକ୍ଲାଙ୍କ ପରି ସେଲିବ୍ରିଟି ହୃଦଘାତର ଶିକାର ହୋଇ ପ୍ରାଣ ହରାଇ ସାରିଛନ୍ତି। ଏବେ ପ୍ରସିଦ୍ଧ କମେଡିଆନ ରାଜୁ ଶ୍ରୀବାସ୍ତବ ହୃଦଘାତର ଶିକାର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

ଏପରି ପରିସ୍ଥିତିରେ, ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ଏକ ଭୟ ଅଛି ଯେ କିପରି ନିଜ ହୃଦୟକୁ ସୁରକ୍ଷିତ ରଖିପାରିବେ। ହୃଦୟକୁ ସୁସ୍ଥ ରଖିବାରେ ଖାଦ୍ୟାଭ୍ୟାସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଆଜି ଏପରି କିଛି ସୁପରଫୁଡ୍ ବିଷୟରେ ଜାଣିବା ଯାହାକୁ ଡେଲି ରୁଟିନ୍‌ରେ ସାମିଲ କଲେ ହୃଦଘାତର ବିପଦକୁ ଏଡାଇ ହେବ।

**ରସୁଣ-** ଆମେ ଦୈନନ୍ଦିନ ଖାଦ୍ୟରେ ରସୁଣକୁ ସାମିଲ କଲେ ତାହା ହୃଦୟ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । କାରଣ ଏହାର ସ୍ୱାଦ ସହିତ ଅନେକ ଔଷଧୀୟ ଗୁଣ ବି ରହିଛି। ରସୁଣ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ଏବଂ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସୁରୁଖୁରରେ ହୋଇଥାଏ। ଅନୁସନ୍ଧାନରୁ ଜଣାପଡିଛି ଯେ ରନ୍ଧା ହୋଇଥିବା ରସୁଣ ବ୍ୟବହାର କରିବା ଅପେକ୍ଷା କଞ୍ଚା ରସୁଣ ବ୍ୟବହାର କରିବା ଅଧିକ ଲାଭଦାୟକ ଅଟେ।

**ବାଦାମ-** ପ୍ରତିଦିନ ବାଦାମ ଖାଇବା ଦ୍ୱାରା ହୃଦରୋଗ ହେବାର ଆଶଙ୍କା କମିଯାଏ । କାରଣ ବାଦାମରେ ଅସନ୍ତୁଳିତ ଚର୍ବି ଥାଏ । ଆହୁରି ମଧ୍ୟ ବାଦାମ ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରିଥାଏ ଏବଂ ଭଲ କୋଲେଷ୍ଟ୍ରଲକୁ ବୃଦ୍ଧି କରିଥାଏ । କେବଳ ଏତିକି ନୁହେଁ, ବାଦାମରେ ଓମେଗା -୩ ଫ୍ୟାଟି ଏସିଡ୍ ଏବଂ ଆମିନୋ ଏସିଡ୍ ଥାଏ ଯାହା ସଠିକ୍ ରକ୍ତ ସଞ୍ଚାଳନକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ । ବାଦାମ ମଧ୍ୟରେ, ବିଶେଷତ ଅଖରୋଟକୁ ହୃଦୟ ପାଇଁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ ।

**ଫ୍ୟାଟି ଫିସ୍-** ହୃଦୟକୁ ସୁସ୍ଥ ରଖିବା ପାଇଁ ସାଲମାନ, ସାର୍ଡିନ୍ ଏବଂ ମ୍ୟାକେରଲ ଭଳି ଚର୍ବିଯୁକ୍ତ ମାଛ ମଧ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ଭାବରେ ବିବେଚନା କରାଯାଏ । ଏହି ପ୍ରକାର ଫ୍ୟାଟି ମାଛରେ ଓମେଗା -୩ ଫ୍ୟାଟି ଏସିଡ୍ ଭରପୂର ଅଟେ, ଯାହା ଅନିୟମିତ ହୃଦସ୍ପନ୍ଦନର ଆଶଙ୍କା ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏହା ହୃଦୟର ଧମନୀରେ ପ୍ଲାକ୍ ? ନିର୍ମାଣକୁ ହ୍ରାସ



କରିବାରେ ମଧ୍ୟ ସାହାଯ୍ୟ କରେ।

**ଡାଲି-** ଯେତେବେଳେ ହୃଦୟକୁ ସୁସ୍ଥ ରଖିବା କଥା, ଆମେ ଡାଲି କଥା ଭୁଲି ପାରିବୁ ନାହିଁ । ଡାଲି ଖାଇବା ଦ୍ୱାରା ହୃଦଘାତ ହେବାର ଆଶଙ୍କା କମ୍ ହୋଇଥାଏ। ତାହା ଫୋଲେଟ୍, ହାଇ ଫାଇବର ଏବଂ ମ୍ୟାଗ୍ନେସିୟମ୍ ?ରେ ଭରପୂର । ମସୁର ଡାଲି ସେବନ ହୃଦୟ ପାଇଁ ସବୁଠାରୁ ଲାଭଦାୟକ ବୋଲି ବିବେଚନା କରାଯାଏ ।

# ଗର୍ଭାବସ୍ଥାରେ ଅମୃତଭଣ୍ଡା, ସପୁରୀ ଖାଇବା ମନା କି ?

ଗର୍ଭଧାରଣ ସମୟ ପ୍ରତି ମହିଳା ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ମାତ୍ର ଏହି ସମୟରେ ଗର୍ଭବତୀ ମହିଳାମାନେ କ'ଣ ଖାଇବେ, କ'ଣ ଖାଇବେ ନାହିଁ ତାହା ସବୁବେଳେ ଏକ ବଡ଼ ପ୍ରଶ୍ନବାଚୀ ହୋଇ ଉଭା ହୋଇଥାଏ । ଗର୍ଭଧାରଣକୁ ନେଇ ଥିବା କିଛି ପୁରୁଣା ଧାରଣା ଉପରେ ନିଜ ମତ ରଖିଛନ୍ତି ସ୍ତ୍ରୀ ରୋଗ ବିଶେଷଜ୍ଞ ତଥା ଆଇଭିଏଫ୍ ବିଶେଷଜ୍ଞ ଡକ୍ଟର ଅରଖାନା ଧାଓ୍ୱନ ବଜାଜ ।



- ଗର୍ଭାବସ୍ଥାରେ ଅମୃତଭଣ୍ଡା ଖାଇବା ଉଚିତ କି ନୁହେଁ ତାହା ସବୁଠୁ ଏକ ବଡ଼ ଗୁଜବ । ଏହି ସମୟରେ ଅମୃତଭଣ୍ଡା ଖାଇବା ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ ଏହାର କ'ଣ ପ୍ରଭାବ ପଡ଼େ ସେ ନେଇ ଭିନ୍ନ ମତ ଶୁଣିବାକୁ ମିଳେ। ଏନେଇ ଡକ୍ଟର ଅରଖାନା କହିଛନ୍ତି, ବାସ୍ତବରେ କଞ୍ଚା କିମ୍ବା ଦର ପାଚିଲା ଅମୃତଭଣ୍ଡାରେ ଥିବା ଲାଟେକ୍ସ ଏବଂ ପେପେନ୍ ଗର୍ଭରେ ବଢୁଥିବା ଭୃଣ ପାଇଁ କ୍ଷତିକାରକ । ହେଲେ ପାଚିଲା ଅମୃତଭଣ୍ଡା ଗର୍ଭାବସ୍ଥାରେ ଖାଇବା ଲାଭଦାୟକ ହୋଇଥାଏ। ମାତ୍ର ଲୋକେ କଞ୍ଚା, ଦରପାଚିଲା ଓ ପାଚିଲା ଅମୃତଭଣ୍ଡାକୁ ନେଇ ଯେପରି ଦ୍ୱନ୍ଦ୍ୱରେ ନ ପଡ଼ନ୍ତୁ ସେଥିନିମନ୍ତେ ଡାକ୍ତରମାନେ ଗର୍ଭାବସ୍ଥାରେ ଅମୃତଭଣ୍ଡା ଖାଇବାକୁ ମନା କରିଦେଇଥାନ୍ତି। ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଗର୍ଭ ନଷ୍ଟ ହେବାର ଆଶଙ୍କା ନ ଥାଏ।
- ମାତ୍ର ଗର୍ଭାବସ୍ଥାରେ ସପୁରୀ ଖାଇବାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇବା ଉଚିତ । କାରଣ ଏହା ଗର୍ଭରେ ଥିବା ଶିଶୁ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ ବୋଲି କହିଛନ୍ତି ଡା.ଅରଖାନା ।
- ଗର୍ଭାବସ୍ଥାରେ ପାଳଙ୍ଗ ଶାଗ ଖାଇବା ଉଚିତ ନୁହେଁ ବୋଲି ବହୁ ପୁରୁଣା କାଳରୁ ଶୁଣିବାକୁ ମିଳୁଛି। ହେଲେ ପାଳଙ୍ଗରେ ଭରପୁର ମାତ୍ରାରେ ଆଇରନ ଥାଏ। ଯାହାକି ଉଭୟ ମା' ଓ ଗର୍ଭସ୍ଥ ଶିଶୁ ପାଇଁ ଖୁବ୍ ? ଲାଭଦାୟକ ସାବ୍ୟସ୍ତ ହୋଇଥାଏ। କିନ୍ତୁ ରୋଷେଇ ପୂର୍ବରୁ ଏହାକୁ ଭଲ ଭାବେ ଧୋଇ ଦିଅନ୍ତୁ। କେବଳ ସେତିକି ନୁହେଁ ବାଇଗଣ ବି ଏହି ସମୟରେ ଖାଇହେବ । କାରଣ ଏଥିରେ ଥିବା ପୋଷକ ତତ୍ତ୍ୱ ଉଭୟ ମା' ଓ ଶିଶୁ ପାଇଁ ଭଲ ।
- ନଡ଼ିଆରେ ସାଧାରଣତଃ ପୋଟାସିୟମ ଥିବାରୁ ଗର୍ଭାବସ୍ଥାରେ ଏହାକୁ ଖାଇଲେ ଭୃଣର ବିକାଶରେ ଏହା ସହାୟକ ହୋଇଥାଏ। ତେଣୁ ଗର୍ଭାବସ୍ଥାରେ ଏହାକୁ ଭରପୁର ମାତ୍ରାରେ ସେବନ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି।
- ପ୍ରେଗନେନ୍ସି ସମୟରେ ସାଧାରଣତଃ ମହିଳାମାନଙ୍କୁ ଡାର୍କ ଚକୋଲେଟ ବେଶି ଖାଇବାକୁ ବାରଣ କରାଯାଇଥାଏ। କାରଣ ଏହାର ପ୍ରଭାବ ପିଲାର ରଙ୍ଗ ଉପରେ ପଡ଼ିଥାଏ ବୋଲି ବିଶ୍ୱାସ ରହିଛି। ହେଲେ ଏଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି ଡା. ଅରଖାନା ଧାଓ୍ୱନ ବଜାଜ । ତେଣୁ ଏହି ସମୟରେ ଗର୍ଭବତୀ ମହିଳାମାନେ ନିଜ ମନ ପସନ୍ଦ ଚକୋଲେଟର ମଜା ଉଠାଇ ପାରିବେ।
- ଗର୍ଭଧାରଣ ସମୟରେ ଭରପୁର ମାତ୍ରାରେ ଡ୍ରାଏ ଫ୍ରୁଟସ୍ ଖାଇବା ଉଚିତ। ଏହି ସମୟରେ ପ୍ରଥମ ଟ୍ରାଇମେଷ୍ଟାର ସମୟରେ ଡ୍ରାଏ ଫ୍ରୁଟସ୍ ଖାଇବା ଉଚିତ ନୁହେଁ ବୋଲି ଲୋକଙ୍କ ମଧ୍ୟରେ ଧାରଣା ଥିବା ବେଳେ ଏହା ଭୁଲ୍ ବୋଲି କହିଛନ୍ତି ବିଶେଷଜ୍ଞ। ଗର୍ଭଧାରଣ ପରଠୁ ମହିଳାମାନେ ପ୍ରତିଦିନ ୨ଟି ଭିଜା ଯାଇଥିବା ବାଦାମ, ଗୋଟିଏ ଅଞ୍ଜିର, ୨ଟି କାଜୁ ଓ ୫,୬ଟି କିସମିସ୍ ଖାଇବା ଉଚିତ। ଏହା ଉଭୟ ମା' ଓ ଗର୍ଭସ୍ଥ ଶିଶୁ ପାଇ ଲାଭଦାୟକ ସାବ୍ୟସ୍ତ ହୋଇଥାଏ।
- ଗର୍ଭାବସ୍ଥାରେ ଡାକ୍ତରମାନେ ଚାଇନିଜ୍ ଆଇଟମ୍ ଖାଇବାକୁ ମନା କରିଥାନ୍ତି । କାରଣ ଏଥିରେ ମିଶିଥିବା ଅଜିନୋମୋଟୋ ଶିଶୁର ମସ୍ତିଷ୍କର ବିକାଶରେ ବାଧା ସୃଷ୍ଟି କରିଥାଏ। ତେଣୁ ଆପଣ ଘରେ ଅଜିନୋମୋଟୋ ବିନା ଚାଇନିଜ୍ ଆଇଟମ୍ ତିଆରି କରି ତାହାର ମଜା ଉଠାଇ ପାରିବେ।
- କ୍ଷୀର ଘିଅ ମିଶାଇ ଗର୍ଭବତୀ ମହିଳା ପିଇବା ଦ୍ୱାରା ସାଧାରଣ ପ୍ରସବ ହୋଇଥାଏ ବୋଲି ଲୋକଙ୍କ ମନୀରେ ଧାରଣା ରହିଛି। ମାତ୍ର ଏହାର କୌଣସି ସତ୍ୟତା ନାହିଁ। କାରଣ କ୍ଷୀରରେ ଘିଅ ମିଶ୍ରିତ ହେବା ଦ୍ୱାରା ଏହା ନିଶ୍ଚିତ ଭାବେ ମା' ଓ ପିଲାର ପ୍ରୋଟିନ ଓ କ୍ୟାଲସିୟମର ଅଭାବ ପୂରଣ କରିଥାଏ । କିନ୍ତୁ ଏହା ସହ ସାଧାରଣ ପ୍ରସବର କିଛି କନେକ୍ସନ ନାହିଁ ବୋଲି କହିଛନ୍ତି ବିଶେଷଜ୍ଞ ।

## ଆସନ୍ତା ବର୍ଷ ଏସସିଓରେ ସଭାପତି ପଦ ଗ୍ରହଣ କରିବ ଭାରତ

ନୂଆଦିଲ୍ଲୀ: ଆସନ୍ତା ବର୍ଷ ଭାରତ ସାଂଘାଇ ସହଯୋଗ ସଂଗଠନ ଏସସିଓର ସଭାପତି ପଦ ଗ୍ରହଣ କରିବ। ଏହା ସହିତ ଆସନ୍ତା ବର୍ଷ ଭାରତ ଏହି ସଂଗଠନର ସମ୍ମିଳନୀ ଆୟୋଜନ କରିବ। ଏ ନେଇ ଚୀନ ଭାରତକୁ ସମର୍ଥନ କରିଛି । ଏହା ସହିତ ନୂଆ ସଭାପତି ଭାରତକୁ ଚୀନ ରାଷ୍ଟ୍ରପତି ସି ଜିନ ପିଙ୍ଗ୍ ଅଭିନନ୍ଦନ ଜଣାଇଛନ୍ତି। ଭାରତକୁ ସବୁ ପ୍ରକାରର ସହଯୋଗ କରାଯିବ ବୋଲି କହିଛନ୍ତି ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ମଧ୍ୟ ସାଂଘାଇ ସହଯୋଗ ସଂଗଠନର ନୂଆ ସଭାପତି ଭାରତକୁ ଅଭିନନ୍ଦନ ଜଣାଇବା ସହ ସମର୍ଥନ ଘୋଷଣା କରିଛନ୍ତି। ଉଜବେକିସ୍ତାନରେ ହେଉଥିବା ଏହି ସମ୍ମିଳନୀରେ ମୋଦୀ କହିଛନ୍ତି ଯେ, ସଂଗଠନର ସବୁ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଓ ଭରସାକୁ ଭାରତ ସମର୍ଥନ କରୁଛି ।



ସେହିପରି ଭାରତରେ ୭୦ ହଜାରରୁ ଅଧିକ ଷ୍ଟାର୍ଟ-ଅପ୍ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ହୋଇଗଲାଣି । ଏସସିଓ ଦେଶମାନଙ୍କ ସହିତ ଭାରତ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି ମୋଦି । ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ କୋଭିଡ୍‌-୧୯ ମହାମାରୀକୁ କାବୁ କରୁଛି କୋଭିଡ୍‌-୧୯ ଏବଂ ୟୁକ୍ରେନ୍ ସଙ୍କଟ ଯୋଗୁଁ ବୈଶୟିକ ଯୋଗାଣ ଶୃଙ୍ଖଳରେ କେତେକ ବାଧାବିଘ୍ନ ଘଟିଥିଲା । ଉତ୍ତମ ଯୋଗାଯୋଗ ନିମନ୍ତେ ଆଞ୍ଚଳିକସ୍ତରରେ ଗୋଷ୍ଠୀ କରାଯିବା ଆବଶ୍ୟକ ବୋଲି ଗୁରୁତ୍ୱ ଦେଇଛନ୍ତି ମୋଦି। ଭାରତର ପାରମ୍ପରିକ ଔଷଧ କ୍ଷେତ୍ରରେ ମଧ୍ୟ ସହଯୋଗିତା ପାଇଁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି । ସେ କହିଛନ୍ତି, ଡାକ୍ତରୀ ଓ ସୁସ୍ଥତା ପର୍ଯ୍ୟଟନ କ୍ଷେତ୍ରରେ ବିଶ୍ୱରେ ଭାରତ ହେଉଛି ସବୁଠୁ ଶସ୍ତା ଦେଶ। ତେଣୁ, ପାରମ୍ପରିକ ଔଷଧ ନିମନ୍ତେ ଆମେ ଏସସିଓ ଦେଶଗୁଡ଼ିକ ସହିତ ସହଯୋଗିତା ବୃଦ୍ଧି କରିବା ଉଚିତ ବୋଲି ମୋଦି କହିଛନ୍ତି। ଉଦବୋଧନରେ ପ୍ରଧାନମନ୍ତ୍ରୀ ମୋଟି ଆନ୍ତର୍ଜାତିକ ବାଜରା ବର୍ଷକୁ ମଧ୍ୟ ସ୍ୱୀକୃତି ଦେଇଛନ୍ତି । ୨୦୨୩ ଅନ୍ତର୍ଜାତୀୟ ବାଜରା ବର୍ଷ ଭାବେ ପାଳନ କରାଯିବ। ବିକଳ୍ପ ତଥା ଶସ୍ତା ହୋଇଥିବାରୁ ଆମେ ବାଜରାରୁ ଶକ୍ତି ହାସଲ କରିବାକୁ ଚାହୁଁଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଝିଅମାନଙ୍କ ସ୍କୁଲ ବନ୍ଦ କଲା ତାଲିବାନ

କାବୁଲ: ଯାହା ଆଶଙ୍କା ଥିଲା, ଠିକ୍ ସେଇଆ ହେଲା। ବନ୍ଧୁକ ମୁନରେ ଆଫଗାନିସ୍ତାନକୁ ଦଖଲ କରିଥିବା ତାଲିବାନ ଏବେ ଝିଅମାନଙ୍କ ପାଇଁ ଥିବା ସ୍କୁଲଗୁଡ଼ିକୁ ବନ୍ଦ କରିଦେଇଛି। ଆଜି ତାଲିବାନ ପ୍ରଶାସନ ପୂର୍ବ ଆଫଗାନିସ୍ତାନର ପାକଟିଆ ପ୍ରଦେଶରେ ୬ଷ୍ଠରୁ ତଦୁର୍ଦ୍ଧ୍ୱ ଶ୍ରେଣୀ ଥିବା ବାଳିକା ବିଦ୍ୟାଳୟଗୁଡ଼ିକୁ ବନ୍ଦ କରିଛି।



କିଛି ଦିନ ତଳେ ଏହି ସ୍କୁଲଗୁଡ଼ିକୁ ଆଦିବାସୀ ସଂପ୍ରଦାୟର ବରିଷ୍ଠ ନାଗରିକ ଓ ପ୍ରିନ୍ସିପାଲଙ୍କ ଅନୁରୋଧକ୍ରମେ ଖୋଲା ଯାଇଥିଲା। ହେଲେ ଏବେ ଏଗୁଡ଼ିକୁ ବନ୍ଦ କରାଯାଇଛି। ହେଲେ ବନ୍ଦର କାରଣ ସମ୍ପର୍କରେ ତାଲିବାନ ପକ୍ଷରୁ କୌଣସି ପ୍ରକାରର ସ୍ପଷ୍ଟୀକରଣ ଦିଆଯାଇ ନାହିଁ।

ଚଳିତ ମାସରେ ଗାରଡେଜର ୪ଟି ଓ ସାମକାନି ଜିଲ୍ଲାରେ ଥିବା ଗୋଟିଏ ବାଳିକା ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ଏଗୁଡ଼ିକ ତାଲିବାନ ଶିକ୍ଷା ମନ୍ତ୍ରଣାଳୟର ବିନା ଅନୁମତିରେ ଝିଅ ପିଲାଙ୍କୁ ପାଠପଢ଼ାଉଥିବାରୁ ପ୍ରଶାସନ ଏପରି ନିଷ୍ପତ୍ତି ନେଇଥିଲା। ସ୍କୁଲ ବନ୍ଦ ନିଷ୍ପତ୍ତିକୁ ମଧ୍ୟ ପିଲାମାନେ ବିରୋଧ କରିଛନ୍ତି।

ଆଜି ଛୋଟ ପିଲାମାନେ କାନ୍ଦି କାନ୍ଦି ସ୍କୁଲ ଡ୍ରେସରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗାରଡେଜର ବିଭିନ୍ନ ରାସ୍ତାରେ ଏପରି ବିକ୍ଷୋଭ ଦେଖିବାକୁ ମିଳିଛି। ଗାରଡେଜରେ ରହୁଥିବା ମହମ୍ମଦ ସିଦ୍ଦିକ ନାମକ ଜଣେ ଯୁବକ କହିଛନ୍ତି, ମୋର ଦୁଇ ଭଉଣୀ ସ୍କୁଲ ଯାଉଥିବାରୁ ମୁଁ ବହୁତ ଖୁସି ଥିଲି। ହେଲେ ଏବେ ତାଲିବାନ ସ୍କୁଲଗୁଡ଼ିକୁ ବନ୍ଦ କରି ଆମକୁ ନିରାଶ କରିଛି। କେବଳ ମହମ୍ମଦ ନୁହନ୍ତି, ଅନେକ ଲୋକ ତାଲିବାନ ସରକାରର ଏପରି ନିଷ୍ପତ୍ତିକୁ ବିରୋଧ କରିଛନ୍ତି।

## ପ୍ରମୁଖ ବିବାଦୀୟ ସ୍ଥାନରୁ ପଛକୁ ହଟିଲେ ଭାରତ-ଚାଇନା ସୈନ୍ୟ

ନୂଆଦିଲ୍ଲୀ: ଭାରତ ଓ ଚାଇନା ସୀମା ବିବାଦକୁ ନେଇ ବଡ଼ ଖବର ଆସିଛି। ଲଦାଖର ଗୋଗ୍ରା-ହଟ ସ୍ପ୍ରିଙ୍ଗସ ଅଞ୍ଚଳରୁ ଉଭୟ ଦେଶ ସେମାନଙ୍କ ସୈନ୍ୟମାନଙ୍କୁ ପଛକୁ ହଟାଇବା ଆରମ୍ଭ କରିଛନ୍ତି। ଦୁଇ ଦେଶ ମଧ୍ୟରେ ୧୬ତମ ମିଲିଟାରୀ ବୈଠକରେ ଡିସଏନଗେଜମେଣ୍ଟ ନେଇ ସହମତି ପ୍ରକାଶ ପାଇଥିଲା। ଏହି ବୁଝାମଣା ଅନୁଯାୟୀ ଏବେ ଗୋଗ୍ରା-ହଟ ସ୍ପ୍ରିଙ୍ଗସରୁ ସୈନ୍ୟ ଅପସାରଣ କରାଯାଉଥିବା ଦୁଇ ଦେଶ ପକ୍ଷରୁ ସୂଚନା ଦିଆଯାଇଛି।

ଦୀର୍ଘ ଦିନ ହେଲା ଭାରତୀୟ ସୀମା ନିକଟରେ ମୁତୟନ ଥିବା ଚାଇନିଜ ସୈନ୍ୟମାନେ ୨୦୨୦ ମସିହାର ସ୍ଥିତାବସ୍ଥା ବଜାୟୀ ରଖିବେ। ଏହାର ଅର୍ଥ ସେମାନେ ୨୦୨୦ ପୂର୍ବରୁ ଯେଉଁ ସ୍ଥାନରେ ମୁତୟନ ହୋଇଥିଲେ ଏବେ ସେହି ସ୍ଥାନକୁ ଫେରିବେ। ଭାରତୀୟ ସୈନ୍ୟ ମଧ୍ୟ



ସ୍ଥିତାବସ୍ଥା ବଜାୟୀ ରଖିବ ବୋଲି ଜଣାପଡ଼ିଛି।

ଚାଇନାର ଯବାନମାନେ ବିଭିନ୍ନ ସ୍ଥାନରେ ସୀମା ନିୟମ ଉଲ୍ଲଙ୍ଘନ କରିବାରୁ ୨୦୨୦ ମସିହାର ଏପ୍ରିଲ-ମେରୁ ତିକ୍ତତା ଆରମ୍ଭ ହୋଇଥିଲା। ସ୍ଥିତାବସ୍ଥାକୁ ବିଜୟୀ ନ ରଖିବାରୁ ଭାରତ ପକ୍ଷରୁ ଚାଇନାକୁ କଡ଼ା ଜବାବ ଦିଆଯାଇଥିଲା। ଫଳରେ ଦୁଇ ଦେଶ ମଧ୍ୟରେ ତିକ୍ତତା ଦେଖାଯାଇଥିଲା। ସ୍ଥିତି ଏପରି ହୋଇଥିଲା ଯେ ୨୦୨୦ ମସିହା ଜୁନ ମାସରେ ଲଦାଖର ଗଲୱାନ ଘାଟିରେ ଦୁଇ ଦେଶର ଯବାନଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏହି ବିବାଦର ସମାଧାନ କରିବା ପାଇଁ ଉଭୟ ଦେଶ ଆଲୋଚନାକୁ ଫେରିଥିଲେ। ଏବେ ଧୀରେଧୀରେ ଆଲୋଚନା ଫଳପ୍ରଦ ହେବାରେ ଲାଗିଛି।

ଉଭୟ ଦେଶ ଜାରି କରିଥିବା ମିଳିତ ବିବୃତିରେ କହିଛନ୍ତି, ୧୬ତମ ଭାରତ-ଚାଇନା କ୍ରପ୍ସ କମାଣ୍ଡ ସ୍ତରୀୟ ଆଲୋଚନାରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆଜି ଠାରୁ ଅର୍ଥାତ ୮ ସେପ୍ଟେମ୍ବରରୁ ସୀମାରେ ଡିସଏନଗେଜମେଣ୍ଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଭାରତ ଓ ଚାଇନିଜ ଟ୍ରୁପ୍ସ ଗୋଗ୍ରା-ହଟ ସ୍ପ୍ରିଙ୍ଗସ(ପିପି-୧୫) ଅଞ୍ଚଳରୁ ଯୋଜନା ଅନୁଯାୟୀ ପଛକୁ ହଟିବାରେ ଲାଗିଛନ୍ତି। ଏହି ପଦକ୍ଷେପ ସୀମାରେ ଶାନ୍ତି ଓ ସ୍ଥିରତା ଆଣିବାରେ ସହାୟକ ହେବ ବୋଲି ବିବୃତିରେ କୁହାଯାଇଛି। ଜୁଲାଇ ୧୭ରେ ଉଭୟ ଦେଶ ମଧ୍ୟରେ କ୍ରପ୍ସ କମାଣ୍ଡର ସ୍ତରୀୟ ଆଲୋଚନା ହୋଇଥିଲା। ଏହା ପୂର୍ବରୁ ଭାରତ ଓ ଚାଇନାର ଅଧିକାରୀମାନେ ମାର୍ଚ୍ଚ ମାସରେ ମଧ୍ୟ ବୈଠକ କରିଥିଲେ। ବୈଠକ ପରେ ଉତ୍ତର ଓ ଦକ୍ଷିଣ ପାଙ୍ଗୋଙ୍ଗ ଟିଏସଓ ଏବଂ ଗଲୱାନ ଘାଟିରୁ ସେନା ପ୍ରତ୍ୟାହାର ହୋଇଥିଲା।

## ଚାଇନାର ଆତଙ୍କବାଦୀ ପ୍ରୀତି: ଜାତିସଂଘରେ ଆସିଥିବା ପ୍ରସ୍ତାବକୁ ଅଟକାଇଲା

ନୂଆଦିଲ୍ଲୀ: ପୁଣିଥରେ ଚାଇନାର ଅସଲ ଚେହେରା ସାମ୍ନାକୁ ଆସିଛି। ମୁମ୍ବାଇ ୨୬/୧୧ ହମଲାରେ ସାମିଲ ଥିବା ଆତଙ୍କବାଦୀ ସାଜିଦ ମୀରକୁ କଳାତାଲିକା ଭୁକ୍ତ କରିବାକୁ ଜାତିସଂଘରେ ଆସିଥିବା ପ୍ରସ୍ତାବକୁ ଚାଇନା ଅଟକାଇ ଦେଇଛି। ମୀରକୁ କଳାତାଲିକା ଭୁକ୍ତ କରି ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା କରିବାକୁ ଆମେରିକା ଓ ଭାରତ ସମେତ ଏକାଧିକ ରାଷ୍ଟ୍ର ପ୍ରସ୍ତାବ ଆଗତ କରିଥିଲେ। ହେଲେ ଚାଇନା ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ହୋଇଥିବାରୁ ଭିଟୋ ପ୍ରୟୋଗ କରି ଏହା ଉପରେ ରୋକ ଲଗାଇ ଦେଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଜାତିସଂଘ ସୁରକ୍ଷା ପରିଷଦର ଅଲ କାଏଦା କଟକଣା କମିଟି ୧୨୬୭ ଅଧୀନରେ ଆମେରିକା ଓ ଭାରତ ସମର୍ଥନରେ ମୀରକୁ କଳା ତାଲିକାଭୁକ୍ତ କରିବାକୁ ପ୍ରସ୍ତାବ ଆସିଥିଲା। ଏହି ପ୍ରସ୍ତାବ ଦ୍ୱାରା ମୀରକୁ ବିଶ୍ୱସ୍ତରୀୟ ଆତଙ୍କବାଦୀ ଘୋଷଣା କରାଯିବା ସହ ତା'ର ସମ୍ପତ୍ତିକୁ ଜବତ ଓ ଯାତ୍ରା ଉପରେ ବ୍ୟାନ ଲଗାଯାଇଥାଆନ୍ତା। ହେଲେ ଚାଇନା ଏହି ପ୍ରସ୍ତାବକୁ ବିରୋଧ କରିଛି।

ଏହାପୂର୍ବରୁ ଗତମାସରେ ଜୈଶ-ଇ-ମହମ୍ମଦର ମୁଖ୍ୟ ମାସୁଦ ଆଝାରର ଭାଇ ଅବଦୁଲ ରୌଫ ଆଝାରକୁ କଳା ତାଲିକାଭୁକ୍ତ କରିବାକୁ ଆମେରିକା ଓ



ଭାରତ ଆଣିଥିବା ପ୍ରସ୍ତାବକୁ ମଧ୍ୟ ଜାତିସଂଘରେ ଚାଇନା ବିରୋଧ କରିଥିଲା। ଏବେ ମୀର କ୍ଷେତ୍ରରେ ମଧ୍ୟ ଚାଇନା ସମାନ ଆଭିମୁଖ୍ୟ ଗ୍ରହଣ କରିଛି।

ମୀର ହେଉଛି ଭାରତର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ। ୨୬/୧୧ ଆତଙ୍କବାଦୀ ହମଲାର ସେ ମୁଖ୍ୟ ହ୍ୟାଣ୍ଡେଲର ଥିଲା। ତା'କୁ ଧରିବା ପାଇଁ ଆମେରିବା ସରକାର ମଧ୍ୟ ୫ ମିଲିୟନ ଡଲାର ପୁରସ୍କାର ଘୋଷଣା କରିଛନ୍ତି। ଚଳିତ ବର୍ଷ ଜୁନ ମାସରେ ଟେରର ଫଣ୍ଡିଂ ମାମଲାରେ ପାକିସ୍ତାନର ଆତଙ୍କବାଦ ନିରୋଧ କୋର୍ଟ ମୀରକୁ ୧୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ।

ଏହାପୂର୍ବରୁ ମୀର ପ୍ରାଣ ହରାଇ ସାରିଥିବା ପାକିସ୍ତାନ ସରକାର ସାରା ବିଶ୍ୱକୁ ଜଣାଇଥିଲେ। ହେଲେ ପଶ୍ଚିମ ଦେଶଗୁଡ଼ିକ ଏହାକୁ ବିଶ୍ୱାସ କରି ନଥିଲେ ଓ ମୀର ମୃତ୍ୟୁର ପ୍ରମାଣ ମାଗିଥିଲେ। ଆତଙ୍କବାଦୀଙ୍କ ପ୍ରତି ପାକିସ୍ତାନର ଦୋମୁହାଁ ନୀତିକୁ ଦେଶକୁ ବାରମ୍ବାର ଏଫଏଟିଏଫର ଗ୍ରେ ଲିଷ୍ଟରେ ରହିବାକୁ ପଡୁଛି।

ଏଥିରୁ ମୁକୁଳିବା ପାଇଁ ପାକିସ୍ତାନ ଯେତେ ଲୋକଦେଖାଣିଆ ଆତଙ୍କବାଦୀଙ୍କ ବିରୋଧରେ କାମ କରୁଥିଲେ ମଧ୍ୟ କିଛି ବି ସୁଫଳ ମିଳୁନି। ଏବେ ଚାଇନା ମଧ୍ୟ ଖୋଲାଖୋଲି ଭାବେ ମୀରର ସମର୍ଥନ କରିଛି।

ମୀର ଆତଙ୍କୀ ସଂଗଠନ ଲସ୍କର-ଇ-ତାଏବାର ଜଣେ ବରିଷ୍ଠ ସଦସ୍ୟ। ୨୦୦୮ ମସିହା ୨୬/୧୧ ମୁମ୍ବାଇ ଆକ୍ରମଣ ବେଳେ ମୀର ଲସ୍କର ଅପରେସନ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲା। ମୁମ୍ବାଇରେ କେମିତି ହମଲା ହେବ ଓ ୧୦ ଆତଙ୍କବାଦୀ କେମିତି ଭାରତରେ ପହଞ୍ଚିବେ, ତା'ର ସବୁ ରୋଡମ୍ୟାପ ମୀର ହିଁ ପ୍ରସ୍ତୁତ କରିଥିଲା।

### ଗୁଜୁରାଟ ରାଜନୀତି

## ଗୁଜରାଟ ମୈଦାନରେ ସେନାପତି ଭାବେ ରାଘବ ଚଢ଼ାଙ୍କୁ ଓହ୍ଲାଇବ ଆପ୍ ?

ନୂଆଦିଲ୍ଲୀ: ଗୁଜରାଟରେ ଆମ ଆଦମୀ ପାର୍ଟିର ପ୍ରମୁଖ ଚେହେରା ହେବେ ଯୁବ ନେତା ରାଘବ ଚଢ଼ା। ଆଉ କିଛି ମାସ ପରେ ଗୁଜରାଟ ବିଧାନସଭା ନିର୍ବାଚନ ଥିବା ବେଳେ ପୂରା ଦମରେ ଲାଗିପଡ଼ିଛି ଆପ୍। ଆପ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗୁଜରାଟକୁ ଘନ ଘନ ଗସ୍ତ କରି ଆଗୁଆ ପ୍ରଚାରକୁ ଜୋରଦାର କରିଛନ୍ତି। ପଞ୍ଜାବ ପରେ ଗୁଜରାଟ ମିଶନ୍‌ରେ ଥିବା ଆପ୍ ରାଜ୍ୟ ପାଇଁ ଜଣେ ଯୁବ ଏବଂ ଲୋକପ୍ରିୟ ଚେହେରାକୁ ଲଞ୍ଚ କରିବାକୁ ଯୋଜନା କରିଛି। ଏଥିପାଇଁ ଦଳ ରାଘବ ଚଢ଼ା ଉପରେ ଭରସା କରିଛି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏବେ ଆପ୍ ପକ୍ଷରୁ ରାଜ୍ୟସଭା ସଦସ୍ୟ ଥିବା ରାଘବ ଚଢ଼ାଙ୍କୁ ଗୁଜରାଟ ମୈଇଦାନରେ ସେନାପତି ଭାବେ ଓହ୍ଲାଇବାକୁ ଯୋଜନା କରିଛି । କାରଣ ପଞ୍ଜାବ ବିଜୟ ପଛରେ ପ୍ରମୁଖ ଭୂମିକା ନିଭାଇଥିଲେ ରାଘବଚଢ଼ା। ଦଳ ପାଇଁ ଉଭୟ ଦିଲ୍ଲୀ ଏବଂ ପଞ୍ଜାବ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାମ କରିଛନ୍ତି ରାଘବ। ରାଜନୀତିରେ ଯୁବପିଢ଼ିଙ୍କ ମଧ୍ୟରେ ଅତି ଅଳ୍ପ ଦିନରେ ରାଘବ ବେଶ ଲୋପ୍ରିୟ ହୋଇ ପାରିଥିବା ଦଳ ଅନୁଭବ କରିଛି। ତେଣୁ ରାଘବଙ୍କ ଲୋକପ୍ରିୟତାକୁ ଦଳ କାମରେ ଲଗାଇବାକୁ ଯୋଜନା କରୁଛି । ଚଳିତ ବର୍ଷ ଶେଷ ଆଡ଼କୁ ଗୁଜରାଟ ବିଧାନସଭା ନିର୍ବାଚନ ରହିଛି। ଦୀର୍ଘ ବର୍ଷ ହେବ ଏଠାରେ କଂଗ୍ରେସ କ୍ଷମତାରୁ ଅପସାରିତ ହୋଇ ବନବାସ ଅବସ୍ଥାରେ ଅଛି। ତେଣୁ ମୋଦିଙ୍କ ହାତକୁ କ୍ଷମତା ଗଲା ପରେ ବିଜେପିର ଗଡ଼ ହୋଇ ରହି ଆସିଛି ଗୁଜରାଟ । କିନ୍ତୁ କିଛି ମାସ ହେଲା କେଜ୍ରିୱାଲ ଘନ ଘନ ଗସ୍ତ କରିବା ରାଜ୍ୟ ରାଜନୀତୀର ପାଣିପାଗକୁ ଚହଲେଇ ଦେଇଛି । ଏବେ କଂଗ୍ରେସ ନୁହେଁ ବିଜେପି ପାଇଁ ଚିନ୍ତାର କାରଣ ପାଲଟିଛି ଆପ୍। କାରଣ କିଛି ମାସ ତଳେ ଆପ୍ ପଞ୍ଜାବକୁ ଅକ୍ତିଆର କରିବା ପରେ ସମଗ୍ର ଦେଶରେ ଦବଦବା



ବଜାୟ ରଖିଥିବା ବିଜେପିକୁ ମଧ୍ୟ ଭୟ ଘାରିଛି। ଏହାରି ଭିତରେ କେଜ୍ରିୱାଲ ରାଜ୍ୟବାସୀଙ୍କୁ ୧୦ଟି ଗ୍ୟାରେଣ୍ଟି ଦେଇଛନ୍ତି। ଗ୍ୟାରେଣ୍ଟିରେ ମୁଖ୍ୟତଃ ଛାତ୍ର-ଛାତ୍ରୀମାନଙ୍କୁ ମାଗଣା ବସ ଯାତ୍ରାର ସୁବିଧା ଦିଆଯିବା ସହ ୨୪ଘଣ୍ଟା ପାଣି ଓ ବିଦ୍ୟୁତ୍ ପାରିବେ ବୋଲି କୁହାଯାଇଛି।

ତେବେ ୨୦୧୭ରେ ଆପ ପ୍ରଥମ ଥର ପାଇ ଗୁଜରାଟରେ ବିଧାନସଭା ନିର୍ବାଚନ ଲଢ଼ିଥିଲା। କିନ୍ତୁ ଗୋଟିଏ ବି ସିଟ୍ ଜିତିପାରି ନଥିଲା। ବିଜେପି ପାଇଁ କଂଗ୍ରେସ ମୁଖ୍ୟ ଚ୍ୟାଲେଞ୍ଜ ହୋଇଥିଲା। ୧୮୨ ବିଧାନସଭା ଆସନ ବିଶିଷ୍ଟ ଗୁଜରାଟରେ କଂଗ୍ରେସ ୭୭ଟି ଜିତି ଥିବା ବେଳେ ବିଜେପି ୯୯ଟି ଜିତି ସରକାର ଗଠନ କରିଥିଲା।

### ଅବକାରୀ ନୀତି ଦୁର୍ନୀତି

## ୪୦ଟି ସ୍ଥାନରେ ଇଡିର ରେଡ୍ ?

ନୂଆଦିଲ୍ଲୀ: ଲାଗୁ ହେବା ପରେ ବର୍ତ୍ତମାନ ପ୍ରତ୍ୟାହାର ହୋଇ ସାରିଥିବା ତଥାକଥିତ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦେଶବ୍ୟାପୀ ୪୦ଟି ସ୍ଥାନରେ ଏକକାଳୀନ ରେଡ୍ କରିଛି। ଦିନକ ପୂର୍ବରୁ ବିଜେପି ପକ୍ଷରୁ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଗୋଟିଏ ଷ୍ଟିଙ୍ଗ ଅପରେସନ ଭିଡିଓ ଜାରି କରାଯାଇଥିଲା। ଏହାକୁ ଆଧାର କରି ଦିଲ୍ଲୀ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ବିଜେପିକୁ ଖୋଲା ଚ୍ୟାଲେଞ୍ଜ ଦେବା ସହ ଗିରଫ କରିବାକୁ ଆହ୍ୱାନ କରିଥିଲେ। ଏହାର ଦିନକ ପରେ ହିଁ ମନି ଲଣ୍ଡରିଂ ମାମଲାରେ ଇଡି ଆଜି ବିଭିନ୍ନ ସ୍ଥାନରେ ରେଡ୍ କରିଛି।




ମିଳିଥିବା ସୂଚନା ଅନୁଯାୟୀ, ମଦ ବ୍ୟବସାୟୀ, ଡିଷ୍ଟ୍ରିବ୍ୟୁଟର୍ ଓ ସପ୍ଲାଏ ଚେନ ନେଟୱାର୍କସ ସହ ଜଡ଼ିତ ଥିବା ଲୋକଙ୍କ ଠିକଣାରେ ରେଡ କରାଯାଇଛି। ଆନ୍ଧ୍ର ପ୍ରଦେଶର ନେଲ୍ଲୋର ସମେତ କର୍ଣ୍ଣାଟକା, ତାମିଲନାଡୁ ଓ ଦିଲ୍ଲୀ ଏନସିଆର ଅଞ୍ଚଳର ୪୦ଟି ସ୍ଥାନରେ ଏକକାଳୀନ ରେଡ୍ କରାଯାଉଛି।

ଅବକାରୀ ଦୁର୍ନୀତି ଘଟଣାରେ ଇଡି ଦ୍ୱିତୀୟଥର ପାଇଁ ଏପରି ରେଡ୍ କରିଛି। ଗତ ସପ୍ତାହରେ ତଦନ୍ତକାରୀ ସଂସ୍ଥା ଦିଲ୍ଲୀ, ତେଲେଙ୍ଗାନା, ମହାରାଷ୍ଟ୍ର, ହରିଆଣା, ଉତ୍ତରପ୍ରଦେଶ ଓ କର୍ଣ୍ଣାଟକାର ପ୍ରାୟ ୪୫ଟି ସ୍ଥାନରେ ରେଡ୍ କରିଥିଲା। ରେଡ୍ ବେଳେ କ'ଣ ସବୁ ମିଳିଲା, ସେକଥା ଜଣାପଡ଼ିନି। କିନ୍ତୁ ଆଜି ପୁଣି ଇଡି ୪୦ଟି ସ୍ଥାନରେ ଇଡି ଛାନଭିନ କରିଛି।

ଆଉ ଗୋଟିଏ ମନି ଲଣ୍ଡରିଂ ମାମଲା ୩ ମାସ ତଳେ ଗିରଫ ହୋଇଥିବା ସତ୍ୟେନ୍ଦ୍ର ଜୈନ ଏବେ ତିହାର ଜେଲରେ ରହିଛନ୍ତି। ତାଙ୍କୁ ମଧ୍ୟ ଇଡି ଅବକାରୀ ନୀତି ଦୁର୍ନୀତି ଘଟଣାରେ ଦିନକ ତଳେ ଜେଲ ଭିତରେ ଜେରା କରିଥିଲା।

ସୂଚନାଯୋଗ୍ୟ, ଅବକାରୀ ନୀତି ଦୁର୍ନୀତି ଘଟଣାର ତଦନ୍ତ ପ୍ରଥମେ ସିବିଆଇ ଆରମ୍ଭ କରିଥିଲା। ଏହାପରେ ଏବେ ଇଡି ଦୁର୍ନୀତି ଘଟଣାର ଆର୍ଥିକ କାରବାର ଦିଗର ଖୋଳତାଡ଼ କରୁଛି। ସିବିଆଇ ତଦନ୍ତ କରୁଥିବା ବେଳେ ଉପ ମୁଖ୍ୟମନ୍ତ୍ରୀ ସିସୋଦିଆ, ଆଇଏଏସ୍ ଅଫିସର ଓ ପୂର୍ବତନ ଅବକାରୀ କମିଶନର ଅରବ ଗୋପି କ୍ରିଷ୍ଣାଙ୍କ ଠିକଣା ସମେତ ୧୯ଟି ସ୍ଥାନରେ ରେଡ୍ ? କରିଥିଲା।

## ଦିନେ ସେ ଥିଲେ ଦୁର୍ଦ୍ଧାନ୍ତ ଡକାୟତ, ଏବେ ଚିତାବାଘର ବନ୍ଧୁ

ନୂଆଦିଲ୍ଲୀ: ରମେଶ ଶିକାରୱାର। ଦେଖିବାକୁ କୌଣସି ସିନେମାର ଦୁର୍ଦ୍ଧାନ୍ତ ଭିଲିଆନଠାରୁ କମ୍ ନୁହଁ। ପହଲବାନ ଭଳି ଶରୀର, ନାକତଳେ ଛାଟ ନିଶ ଆଉ ହାତରେ ବନ୍ଧୁକ ସାଙ୍ଗକୁ ସର୍ଦ୍ଦାରଙ୍କ ଭଳି ଠାଣି। ସେ ଦେଖିବାକୁ ଯେମିତି ତାଙ୍କ କାରନାମା ବି ସେମିତି। ରମେଶଙ୍କ ନାମରେ ରହିଛି ୭୦ରୁ ଉର୍ଦ୍ଧ ହତ୍ୟା ଅଭିଯୋଗ। ଡକାୟତି ମାମଲାର ହିସାବ ନାହିଁ। କିନ୍ତୁ ରମେଶ ଏବେ ଚିତା ମିତ୍ର। ଚିତା ବାଘର ସୁରକ୍ଷା ପାଇଁ ଜଙ୍ଗଲରେ ପଇଁତରା ମାରିବେ ରମେଶ। କାରଣ ବାଘର ସୁରକ୍ଷା ପାଇଁ ରମେଶଙ୍କୁ ନିଯୁକ୍ତ କରିଛନ୍ତି ସରକାର। ମଧ୍ୟପ୍ରଦେଶ ବନ ବିଭାଗ ତାଙ୍କୁ ଚିତାମିତ୍ର ଭାବେ ଆଖ୍ୟା ଦେଇଛି। ସୂଚନା ଅନୁଯାୟ ମଧ୍ୟପ୍ରଦେଶ କୁନୋ ପାଲପୁର ଅଭୟାରଣ୍ୟ ୮ଟି ଚିତା ବାଘକୁ ଛଡ଼ାଯିବ। କେନ୍ଦ୍ର ସରକାରଙ୍କ ବହୁ ପ୍ରତୀକ୍ଷିତ ଚିତା ପ୍ରକଳ୍ପ ପାଇଁ ଆଫ୍ରିକାର ନାମ୍ବିଆରୁ ୮ଟି ଚିତା ବାଘ ଆସିବ । ତେବେ କୁନୋ ପାଲପୁର ଅଭୟାରଣ୍ୟରେ ଚିବାଘ ବଂଶ ବିଲୁପ୍ତ ହେଉଥିବାରୁ ମଧ୍ୟପ୍ରଦେଶ



ସରକାର ସେମାନଙ୍କ ସୁରକ୍ଷା ପାଇ 'ଚିତା ମିତ୍ର' ନାମରେ ସୁରକ୍ଷାକର୍ମୀ ନିୟୋଜିତ କରିଛନ୍ତି। ଏହି ନିଯୁକ୍ତି ହେଉଛି ସ୍ୱେଚ୍ଛାକୃତ। ଏହି ଚିତା ମିତ୍ରମାନେ ସ୍ଥାନୀୟ ଅଞ୍ଚଳରେ ଗାଁ ଲୋକଙ୍କଠାରୁ ବାଘର ସୁରକ୍ଷା ପାଇଁ ସଚେତନ କରିବେ। ଆଉ ଚିତାମିତ୍ର ସୁରକ୍ଷା କର୍ମୀଙ୍କ ତାଲିକାରେ ଶୀର୍ଷରେ ଅଛନ୍ତି ରମେଶ। ୭୧ ବର୍ଷୀୟ ରମେଶ ପୂର୍ବରୁ ଡକାୟତି କରୁଥିଲେ। ତାଙ୍କ ନାମରେ ୭୦ଟି ହତ୍ୟା ମାମଲା ରହିଛି। ୧୯୮୪ରେ ସେ ଆତ୍ମସମର୍ପଣ କରିଥିଲେ। କିନ୍ତୁ ଉକ୍ତ ଇଲାକାରେ ରମେଶ ଡକାୟତ ଭାବେ ବେଶ କୁଖ୍ୟାତି ରହିଛି। ଏବେ ବାଘଙ୍କ ସୁରକ୍ଷାରେ ତାଙ୍କ ନାମ ଘୋଷଣା ହେବା ପରେ ରମେଶ ଭାରି ଖୁସି ଥିବା କହିଛନ୍ତି। ରମେଶ କହିଛନ୍ତି ଯେ, ମୁଁ ମୋ ଜୀବନ ଦେଇଦେବି। କିନ୍ତୁ ଚିତା ବାଘଙ୍କର କିଛି କ୍ଷତି ହେବାକୁ ଦେବିନି। ମୁଁ ପୂର୍ବରୁ ବନ୍ୟଜନ୍ତୁ ସୁରକ୍ଷା ପାଇଁ କାମ କରିଛି। ସୂଚନା ଅନୁଯାୟୀ, ପ୍ରାୟ ୭୦ ବର୍ଷ ଅର୍ଥାତ ସାତ ଦଶନ୍ଧି ପରେ ଭାରତରେ ଜଙ୍ଗଲରେ ଦୌଡ଼ିବ ଚିତା ବାଘ। କେନ୍ଦ୍ର ସରକାରଙ୍କ ବହୁ ପ୍ରତୀକ୍ଷିତ ଚିତା ପ୍ରକଳ୍ପ ପାଇଁ ଆଫ୍ରିକାର ନାମ୍ବିଆରୁ ୮ଟି ଚିତା ବାଘ ଆସିବ । ନାମ୍ବିଆରୁ ଏକ ସ୍ୱତନ୍ତ୍ର ବିମାନରେ ଚିତା ବାଘଙ୍କୁ ଭାରତ ଅଣାଯିବ। ଏଥି ପାଇଁ ଭାରତରୁ ଏକ ସ୍ୱତନ୍ତ୍ର ବିମାନ ନାମ୍ବିଆରେ ପହଞ୍ଚି ସାରିଛି।

ନାମ୍ବିଆରେ ଚିତା ବାଘଙ୍କୁ ନେଇ ଆସିବାକୁ ଥିବା ବିମାନର ଫଟୋ ସେୟାର କରିଛନ୍ତି ଭାରତୀୟ ହାଇ କମିସନ । ବିମାନର ଚିତା ବାଘର ମୁହଁ ଚିତ୍ରିତ କରାଯାଇଥିବା ଦେଖିବାକୁ ମିଳିଛି । ଏଥିରେ ୩ଟି ଅଣ୍ଡିରା ଓ ୫ଟି ମାଇ ଚିତା ଅଛନ୍ତି। ଚିତା ବାଘଙ୍କ ବୟସ ୨ରୁ ୫ ବର୍ଷ ବୟସ ହୋଇଥିବା ବେଳେ ବାଘୁଣୀଙ୍କ ବୟସ ସାଢେ ୪ ବର୍ଷରୁ ସାଢେ ୫ ବର୍ଷ ଭିତରେ ରହିଛି । ତେବେ ଆଣିବା ବାଟରେ ଚିତାଙ୍କୁ କୌଣସି ଖାଦ୍ୟ ଦିଆଯିବ ନାହିଁ । ବିମାନ ଇନ୍ଧନ ଭର୍ତ୍ତି କରିବାକୁ କୌଣସି ସ୍ଥାନରେ ଅଟକିବ ନାହିଁ। ଆସନ୍ତା ୧୭ ତାରିଖରେ ସକାଳ ୬ଟାରୁ ୭ଟା ଭିତରେ ରାଜସ୍ଥାନ ଇିମାନ ବନ୍ଦରରେ ପହଂଚିବ । ଏହାପରେ ହେଲିକପ୍ଟର ଯୋଗେ ୮ଟି ଚିତାକୁ ମଧ୍ୟପ୍ରଦେଶ କୁନୋ ପାଲପୁର ଅଭୟାରଣ୍ୟକୁ ଅଣାଯିବ । ସେପ୍ଟେମ୍ବର ୧୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନରେ କୁନୋ ପାଲପୁର ଅଭୟାରଣୟରେ ନିର୍ମିତ ସ୍ୱତନ୍ତ୍ର ଖୁଆଡରେ ୮ଟି ଚିତା ବାଘକୁ ଛାଡି ଚିତା ପ୍ରକଳ୍ପର ଶୁଭାରମ୍ଭ କରିବେ।

## ସୁପ୍ରିମକୋର୍ଟରେ ପଡ଼ି ରହିଥିବା ମାମଲା ସଂଖ୍ୟା ୧୩ ଦିନରେ ୪ ହଜାର କମିଲା

ନୂଆଦିଲ୍ଲୀ: ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ୟୁୟୁ ଲଳିତ ଦାୟିତ୍ୱ ନେବା ପରେ ବିଭିନ୍ନ ମାମଲାର ତ୍ୱରିତ ଶୁଣାଣି ଆରମ୍ଭ ହୋଇଯାଇଛି। ସେ ମାମଲାର ଶୁଣାଣି ପାଇଁ ନୂଆ ବ୍ୟବସ୍ଥା ଲାଗୁ କରିଛନ୍ତି। ଏଥିଯୋଗୁ ସୁପ୍ରିମକୋର୍ଟରେ ପଡ଼ି ରହିଥିବା ମାମଲାର ସଂଖ୍ୟା ମଧ୍ୟ ହ୍ରାସ ପାଇବା ଆରମ୍ଭ ହୋଇଛି। ଗଲା ୧୩ଟି କାର୍ଯ୍ୟ ଦିବସରେ ମୋଟ ୫,୨୦୦ଟି ମାମଲାକୁ ରଫାଦଫା କରାଯାଇଛି। ଏହି ସମୟରେ ୧୧୩୫ଟି ନୂଆ ମାମଲା ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ଏହାର ଅର୍ଥ ସୁପ୍ରିମକୋର୍ଟରେ ଶୁଣାଣି ପାଇଁ ଅପେକ୍ଷା କରିଥିବା ମାମଲା ସଂଖ୍ୟା ପ୍ରାୟ ୪ ହଜାର ହ୍ରାସ ପାଇଛି।



ନୂଆ ସିଜେଆଇଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ସୁପ୍ରିମକୋର୍ଟ ଓକିଲ ସଂଘ ପକ୍ଷରୁ ଗୋଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଯୋଗ ଦେଇ ସିଜେଆଇ ଜଷ୍ଟିସ ଲଳିତ କହିଛନ୍ତି ଯେ ସୁପ୍ରିମକୋର୍ଟର ସମସ୍ତ ବିଚାରପତି ଓ ଅନ୍ୟମାନଙ୍କ ସହଯୋଗ ପାଇଁ ପଡ଼ି ରହିଥିବା ମାମଲା ସଂଖ୍ୟା ହ୍ରାସ ପାଇଛି। ନୂଆ ଲିଷ୍ଟିଂ ବ୍ୟବସ୍ଥାକୁ ନେଇ ବିଚାରପତିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଗୁଜବ ଭିତରେ ବି କାମ ହୋଇଛି। ଲିଷ୍ଟିଂକୁ ନେଇ ଅନେକ ପ୍ରକାରର କଥା କୁହାଯାଉଛି। କିନ୍ତୁ ଏଠାରେ ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଆମେ ନୂଆ ଲିଷ୍ଟିଂ ବ୍ୟବସ୍ଥାକୁ ଲାଗୁ କରି ରିସ୍କ ନେଇଛୁ। ତେଣୁ ସ୍ୱାଭାବିକ ଭାବେ ଏହାକୁ ନେଇ କିଛି କିଛି ସମସ୍ୟା ରହିବ। ଗତକାଲି ସୁଦ୍ଧା ପ୍ରାୟ ୫,୨୦୦ ମାମଲାର ଶୁଣାଣି ଶେଷ ହୋଇଥିବା ବେଳେ ମାତ୍ର ୧୧୩୫ ନୂଆ ଆବେଦନ ରୁଜୁ କରାଯାଇଛି। ଏହା କେବଳ ମୋର ଭାଇ, ଭଉଣୀ ବିଚାରପତି ଓ ବାରର ସଦସ୍ୟମାନଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି।

## ସଂ ପା ଦ କୀ ୟ

### ସମାହିତ ଉତ୍ତର

ଜନ୍ମ ଦେବାଠାରୁ ଆରମ୍ଭ କରି ତାର ମୃତ୍ୟୁ ପର୍ଯ୍ୟନ୍ତ ଯିଏ ନିରବଚ୍ଛିନ୍ନ ଭାବେ ସବୁ ଦୁଃଖ କଷ୍ଟକୁ ଛାତିରେ ଚାପି ରଖି ପିଲାମାନଙ୍କର ଭଲ ଚାହୁଁଥାଏ ସେ ହେଉଛି ସବୁ ପ୍ରଶ୍ନର ଏକ ସମାହିତ ଉତ୍ତର। ପାଞ୍ଚଟା ପିଲାଙ୍କୁ ଲାଳନ ପାଳନ କରି ଉପଯୁକ୍ତ ଶିକ୍ଷା ଓ ପ୍ରଶିକ୍ଷଣ ଦେବାକୁ ଅନେକ କଷ୍ଟ ସହିବାକୁ ପଡିଛି, ତାକୁ ଯାହା ଶବ୍ଦ ପ୍ରକାଶ କରିବା କଷ୍ଟସାଧ। ନିଜର ଜୀବନଟାକୁ ତିଳତିଳ କରି ଜାଳିପୋଡି ଆମକୁ ବଡ଼କରିବାକୁ ଅଦମ୍ୟ ସାହସ ତୋର ଥିଲା। ଯାହାକି ଏବେ ଆମେ ଚେଷ୍ଟା କରି ବି ଅନେକ ସମୟରେ ବିଫଳ ହେବାକୁ ପଡୁଛି। ସିଲଟ ଖଡିରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ମଡାଇବାକୁ ପ୍ରଥମେ ତୁ ଶିକ୍ଷା ଦେଇଥିଲୁ। ପରବର୍ତ୍ତୀ ପର୍ଯ୍ୟାୟରେ ଆମ ଗାଁ ସ୍କୁଲକୁ ମା' ନେଇଯାଇ ନାଁ ଲେଖାଇ ଦେଇଥିଲା। ତା'ପରେ ଆରମ୍ଭ ହେଲା ବିଦ୍ୟାଳୟ ପାଠପଢ଼ା। ସେଇଠୁ ଶୈଶବ ହଜି ହଜି ଚାଲିଲା ଏବଂ ବିଭେଦତା ଆରମ୍ଭ ହେଲା। ତୁଳନାତ୍ମକ ପ୍ରତିଯୋଗିତାରେ ଆମେ ଗୋଟିଏ ଗୋଟିଏ ଚରିତ୍ର ହୋଇ ଯୋଡିହେଲୁ। ସେତେବେଳର ସ୍ମୃତିକୁ ନେଇ ଛୋଟ ମୁଣ୍ଡରେ ଏସବୁ ଅଜବ ଲାଗୁଥିଲେ ବି ଧୀରେ ଧୀରେ ଆମେ ଶିକାର ବନିଗଲୁ ପ୍ରତିଯୋଗିତାର। ଘରେ ବି ଉତ୍ସାହିତ କଲେ କେମିତି ୪୦ ଜଣଙ୍କ ମଧ୍ୟରେ ପ୍ରଥମ ହେବୁ। ନିଜର ଅଜାଣତରେ ମନଭିତରେ ଧିରେଧିରେ ଶଙ୍କା ଆରମ୍ଭ ହେଲା, ତାହା ପୁଣି କାଳେ ପଛରେ ପଡିଯିବାର ଶଙ୍କା, ଆଗକୁ ଯିବାର ନିଶା ଯେତେବେଳେ ଆମକୁ ଗ୍ରାସକରି ଉପରମୁହାଁ କରୁଥିଲା ସେତେବେଳେ ତୋର ଉପଦେଶ ମୂଳକ ଛାଟ ମତେ ଫେରାଇ ଆଣୁଥିଲା ବାସ୍ତବତାକୁ। ଅନେକ ଥର ଅନେକ ଗପ ମାଧ୍ୟମରେ ହେଉ ବା କାହାର ଉଦାହରଣ ଦେଇ ସଠିକ ମାର୍ଗରେ ଚାଲିବାର ରାସ୍ତା ଦେଖାଇ ଦେଉଥିଲୁ। ତା ପରେ ରଘୁନାଥପୁରରେ ପାଠପଢ଼ା ଚାଲିଲା ୬ ବର୍ଷ। ସେଠି ଅନେକ ଅନୁଭୂତି ପାଠ ସହିତ ନୂଆ ସାଙ୍ଗସାଥୀ ପୁଣି ବିଦ୍ୟାଳୟର ପାଠପଢ଼ା ଖେଳ ଇତ୍ୟାଦିକୁ ନେଇ ଛୋଟମୋଟ ଆନ୍ଦୋଳନ। ସେତେବେଳେ ଏବେକାର ପରିସ୍ଥିତି ନଥିଲା। ତେଣୁ ତମେ ସବୁ ପଛରେ ଜାଣୁଥିଲ। ହେଲେ ଆମ ଉପରେ ତୋର ବିଶ୍ୱାସ ଅନେକ ଥିଲା ଯେ ଅବାଟକୁ ଯିବେ ନାହିଁ ମୋ ପିଲେ, କାରଣ ତୋ ନିଜ ଉପରେ ତୋର ଭରଷାଥିଲା। ତୁ ତିଆରି କରିଥିବା ପିଲାଟା କୋଉ ବାଟରେ ଖରାପ ହୋଇପାରିବ? ସେଠାରୁ ପାଠପଢ଼ା ପରେ କଟକ ସହରକୁ ଆସିଲୁ ଉଚ୍ଚଶିକ୍ଷା ପାଇଁ। ଏଇଠୁ ଆରମ୍ଭ ହେଲା ନୂଆ ଏକ ଜୀବନ। ଫୁଲ ପ୍ୟାଣ୍ଟ୍ ପିନ୍ଧା, ଲଗାମହୀନ ଜୀବନ; ପିଲାବେଳେ ଶୁଣିଥିବା ଅନେକ ଇତିହାସକୁ ବହନ କରିଥିବା ସହରକୁ ତନ୍ନତନ୍ନ କରି ବୁଲି ଦେଖିଲୁ। ଏଭଳି ସମୟ ଆସିଲା ପାଠ ଅପେକ୍ଷା ଶାଠରେ ବେସି ସମୟ ଗଲା। ଅନେକ ସମୟରେ ଶଶିମଉସା କଟକ ଆସିଲେ ଛାତ୍ରବାସ ଆଡେ ବୁଲି ଆସନ୍ତି କିନ୍ତୁ ଅଧିକାଂଶ ସମୟରେ ମୋର ଅନୁପସ୍ଥିତ ତାଙ୍କୁ ଅନେକ ଆଘାତ ଦେଉଥିଲା। ଯାହାକି ସେ ମୋର କକ୍ଷରେ ରହୁଥିବା ଅନ୍ୟ ସହପାଠୀମାନଙ୍କ ପାଖରେ ପରିପ୍ରକାଶ କରୁଥିଲେ। ମୁଁ କିନ୍ତୁ ଅବୁଝା ରାସ୍ତାର ଜଣେ ଶୁଙ୍ଖଳିତ ବାଟୋଇ ହୋଇଯାଇଥିଲି। ଅନେକ ସମୟରେ ବାପା ଆସି ମତେ ବୁଝାଉଥିଲେ, ଆମ ଘରର ପରିସ୍ଥିତି ଓ ସମାଜରେ ବଞ୍ଚିବାର ବାଟ ବିଷୟରେ। କଥା ଥିଲା ଗାଁରୁ ହାପ୍‌ପ୍ୟାଣ୍ଟ୍ ଛାଡି ସହରକୁ ଫୁଲପ୍ୟାଣ୍ଟ୍ ପିନ୍ଧି ଆସିବାର କାରଣ କଣ ଥିଲା। ଭଲ ପାଠ ପଢ଼ିବା ଏବଂ ପାଠକୁ ନେଇ ଉପଯୁକ୍ତ ଚାକିରୀଟିଏ ଖୋଜିବା। ଥରେ କିମ୍ବା ଦୁଇଥର ନୁହେଁ ଅନେକ ଥର ମତେ ଏକଥା ବୁଝାଇଛନ୍ତି। କିନ୍ତୁ ମୁଁ ତ ବୁଝିବା ରାସ୍ତାରୁ ବାହାରେ ଥିଲି। ପାଠ ସାଙ୍ଗରେ ଶାଠକୁ ଯଦିଓ ସନ୍ତୁଳନ ରକ୍ଷା କରୁଥିଲି କିନ୍ତୁ ବେଶୀ ସମୟ ଶାଠରେ ଯାଉଥିଲା। ତା'ପରେ ରେଭେନ୍ସା ମହାବିଦ୍ୟାଳୟରେ ପାଠ ପଢ଼ିବାର ସୁଯୋଗ ଆସିଲା, ପୁଣି ଏକ ସାଙ୍ଗରେ ଥେରୁବାଲି (ଇମ୍ଫା)ରେ ମଧ୍ୟ ଚାକିରୀର ସୁଯୋଗ। ମୁଁ ଦୋଛକିରେ ଥିବାବେଳେ ବାପା ବୋଉଙ୍କର ନିଷ୍ପତ୍ତି ରେଭେନ୍ସାରେ ପାଠ ପଢ଼ିବ। ସୌଭାଗ୍ୟବସତ ସେଇବର୍ଷ ଛାତ୍ର ସଂସଦ ନିର୍ବାଚନରେ ସଭାପତି ବି ହେଲି। ତା'ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଲା ଛାତ୍ର ସଂଗଠନ, ପାଖାପାଖି ତତ୍‌କାଳୀନ ତିନୋଟି ଯାକ ବିଶ୍ୱ ବିଦ୍ୟାଳୟକୁ ଗସ୍ତ କରି କଂଗ୍ରେସ ବିରୁଦ୍ଧରେ ଏକ ଶକ୍ତିଶାଳୀ ଛାତ୍ର ସଂଗଠନ ତିଆରିରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲି। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ରେଭେନ୍ସାରେ ଅଧ୍ୟାପକମାନଙ୍କ ସମର୍ଥନରେ ଆରମ୍ଭ ହେଲା ଛାତ୍ର ଆନ୍ଦୋଳନ। ଆମେ ମାନେ ଆଗଧାଡିରେ ନେତୃତ୍ୱ ନେଉଥିଲୁ। ସେଦିନ ରାତିରେ କିଛି ଅଣଛାତ୍ର ଆମ ଛାତ୍ରମାନଙ୍କୁ ମତେଇ ନିଆଁ ଲଗାଇଦେଲେ ମା' ରେଭେନ୍ସାର ଅଫିସରେ। ଷ୍ଟେସନ ପାଖକୁ ଖାଇବାକୁ ଯାଇଥିଲୁ- ମୁଁ ଏବଂ ମୋର କିଛି ବନ୍ଧୁ। ଜଣେ ଜୁନିୟର ଛାତ୍ର ଯାଇ ଖବର ଦେଲା, ଖାଇ ପାରିଲୁନି ସେଠାରେ ଦୌଡି ଦୌଡି କଲେଜକୁ ଆସି ଦେଖିଲୁ ହୃଦୟବିଦାରକ ଦୃଶ୍ୟ। ବିଚିଭାଇନାଙ୍କ ଘରୁ ଫୋନ କରି ଅଗ୍ନିଶମ ଗାଡି ଡାକିଲୁ, କିଛି ମୁଷ୍ଟିମେୟ ଛାତ୍ର ଓ ଅଣଛାତ୍ରଙ୍କ ବିରୋଧ ସତ୍ତ୍ୱେ ମୁଁ ଏବଂ ଅନେକ ବନ୍ଧୁ ମିଶି ଗାଡି ଭିତରକୁ ଆଣି ନିଆଁ ଲିଭାଇଲୁ। ଯେଉଁ ଛାତ୍ରମାନେ ସେଥିରେ ସଂପୃକ୍ତ ଥିଲେ ରାତି ପାହିବା ପୂର୍ବରୁ ତାଙ୍କୁ ଛାତ୍ରାବାସ ଛାଡି ପଳାଇବାକୁ ଉପଦେଶ ଦେଲି ଏବଂ ଧାରଣା ଜାରି ରହିଲା। ଗିରଫ ହେଲି ଏବଂ ଜେଲକୁ ଗଲି। ସେତେବେଳେ ରାଜାଭାଇ ଆମପାଖରେ ଖୁଣ୍ଟଭଳି ଠିଆ ହେଲେ ଏବଂ ତା ପରଦିନ ଜେଲ୍‌ରେ ମତେ ଦେଖାକରି ମୋ ବୋଉ ସାଙ୍ଗରେ ତାଙ୍କର ହୋଇଥିବା କଥାବାର୍ତ୍ତାର କିଛି ଅଂଶ କହି କାନ୍ଦି ପକାଇଲେ। ସାରାଂଶ ଥିଲା ଯେ ମୋ ପୁଅ କଣ ଚୋରୀ-ଡକାୟତି କରି ଜେଲ ଯାଇଛି ନା ସେ ଅନ୍ୟମାନଙ୍କ ପାଇଁ ଲଢ଼େଇ କରି ଜେଲ ଯାଇଛି। ଯାଉ ତମେ ଡର ନାହିଁ, ପରିବାର ଏଥିରେ ଭାଙ୍ଗି ପଡିନି ଇତ୍ୟାଦି... ଇତ୍ୟାଦି। ବୋଉର ଏଇ କେଇପଦ କଥା ଶୁଣିଲା ପରେ ମନରେ ମୋର ଶତସିଂହର ବଳ ଆସିଲା। ତା ପରେ ସେଇଟା ଗୋଟିଏ ଅଭୁଲା ସ୍ମୃତି ହୋଇ ରହିଗଲା ଏବଂ ରହିବ ମୃତ୍ୟୁ ପର୍ଯ୍ୟନ୍ତ। ଆମେ ବାପା ହେଲା ପରେ ଚିନ୍ତା କରୁଛୁ, ସେଭଳି ସାହସିକତା ଆମର ନାହିଁ, କେଜାଣି ସମୟ ଆସିଲେ ନିଜକୁ ପରଖିବାକୁ ପଡିବ। ସର୍ବଶେଷରେ ଯେତେ ସୁବିଧା-ଅସୁବିଧା, ଦୁଃଖ-ଦୁର୍ଦ୍ଦଶା ଅଭାବ-ଅନଟନ ଏବଂ ଦ୍ୱନ୍ଦ ଭିତରେ ବୋଉ ହିଁ ଥିଲା ଏକମାତ୍ର ସମାହିତ ଉତ୍ତର। ଯଦି ପୁଣି ସୁଯୋଗ ମିଳେ ତୋର କୋଳରୁ ଜନ୍ମ ନେବାକୁ ଭଗବାନଙ୍କ ପାଖରେ ମାଗୁଣି କରୁଛି।

**ସଂପାଦକୀୟ ପୃଷ୍ଠା ପାଇଁ ଲେଖା ଦେବାକୁ ଚାହୁଁଥିଲେ ଆମ ଠିକଣାରେ**
**Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021**
**E-mail: odishasanket@gmail.com**

# ଗୁରୁ ମୋକ୍ଷ ରୂପକ ମାର୍ଗ ଦେଖାଉଥିବା ମଣିଷ

**ବିଜ୍ଞାନ ରଞ୍ଜନ ସାହୁ**

"
ସମାଜରେ ଶିକ୍ଷକ ହେବା ଏତେ ସହଜ ନୁହେଁ । ଛୋଟ ବେଳୁ ଶିକ୍ଷକ ପରିବାରରେ ମୋର ଜନ୍ମ ବାପା- ମା ଦୁହେଁ ଶିକ୍ଷକ କ୍ରମଶଃ ବଡ଼ ଭାଇ ମଧ ଶିକ୍ଷା ବୃତ୍ତି ଆପଣେଇଛନ୍ତି । ଛୋଟ ବେଳେ ଯେବେ ଗାଁ କିମ୍ବା ଅଜଣା ଲୋକ କିଏ ଆମ ପ୍ରତି ଜାଣତରେ କି ଅଜାଣତରେ କିଛି ଦୁର୍ବ୍ୟବହାର କରେ ବାପା କ୍ରୋଧ ନକରି ଶାନ୍ତ ମନରେ ତାଙ୍କୁ ବୁଝାନ୍ତି ଆଦର ମଧ କରନ୍ତି । ଛୁଆ ବେଳୁ ମୋର ଗୋଟାଏ ପ୍ରଶ୍ନ ଆମର କିଛି ଭୁଲ ନାହିଁ ଆପଣ ତାଙ୍କୁ କାହିଁ କିଛି କହିଲେନି ଆଉ ସବୁବେଳେ ସେଇ ଗୋଟାଏ ଉତ୍ତର ବାବାରେ ଆମେ ଶିକ୍ଷକ, କ୍ରୋଧର ବଶବର୍ତ୍ତୀ ହେବା ଶିକ୍ଷକର ଧର୍ମ ନୁହେଁ ।

ମୃତ୍ତିକା ପିଣ୍ଡୁଳା ମୁଁ , ସେ ଭବ ମୂର୍ତ୍ତି କାରିଗର । ଜନ୍ମ ଯେମିତି ସତ୍ୟ ମୃତ୍ୟୁ ମଧ୍ୟ ଅଟଳ ବାସ ସେଇ କ୍ଷଣିକ ମୁହୂର୍ତ୍ତ ଯାହା ଜନ୍ମକୁ ସାର୍ଥକ କରେ ତାର ସଠିକ୍ ମାର୍ଗଦର୍ଶକ, ଛାତ୍ର ଜୀବନର ଲେଖକ, ନିର୍ଦ୍ଦେଶକ, ଦର୍ଶକ ଓ ବିଚାରକ, ଅଜ୍ଞାନର ଏଇ ଅଗଭୀର ଅତଳ ସମୁଦ୍ର କୂଳରେ ଜ୍ଞାନ ରୂପକ ନାଉରୀ, ଅଜ୍ଞାନର ଘୋର ଅନ୍ଧକାର ମଧ୍ୟରେ ଉଜ୍ଜଳ ଅଗ୍ନି ଶିଖା, ଯୁଗେ ଯୁଗେ ଚିର ବନ୍ଦନୀୟ ସେ ବାସ୍ତବିକ ସମାଜର ରକ୍ତ ମାଂସ ଗଢା ମାନବ ରୁପି ଈଶ୍ୱର । ସେ ଗୁରୁ, କେବେ ଆକଟ ଭରା କଠୋର ଅନୁଶାସନତ ପୁଣି କେବେ ଉତ୍ସାହପ୍ରଦ ପ୍ରେରଣାର ଉତ୍ସ , ସାଧାରଣକୁ ଅସାଧାରଣର ମୁକୁଟ ପିନ୍ଧାଇ ବାରେ ଧୂରନ୍ଧର କୁଶଳୀ କାରିଗର, ପାଠ ହେଉ କି ସାଠ ପ୍ରତିଟି କ୍ଷେତ୍ରରେ ପ୍ରତି ମୂହୁର୍ତରେ ଆଗମୀ ପାଦ ପାଇଁ ଉଚିତ୍ ପଥ ପଦର୍ଶକର ଭଣ୍ଡାର ..ସେ ଗୁରୁ । ମଣିଷ ଜୀବନ ଏକ ସୁନ୍ଦର ସରସ ଏବଂ ସ୍ୱତନ୍ତ୍ର ଯାତ୍ରା, ଏହାକୁ କିଏ ରୋମାଞ୍ଚ ଭରା କାହାଣୀ କୁହେ ତ ଆଉ କିଏ ଲକ୍ଷ୍ୟ ହୀନ ପଥ ଭାବେ । ଜନ୍ମ ପରଠାରୁ ମୃତ୍ୟୁ ପର୍ଯନ୍ତ ମଣିଷ ଯେଉଁ ସଂସାରରେ ବାସକରେ ସେଇଠି ତାରି ଭଳି ଅନେକ ମଣିଷ ବସ ବାସ କରନ୍ତି ତାହାକୁ ଆମେ ସମାଜ କହୁ । ଏଇ ସମାଜରେ ମଣିଷ ମଣିଷ ଭିତରେ ସମନ୍ୱୟ ରକ୍ଷା କରି ବଞ୍ଚିବା ପାଇଁ ଶିକ୍ଷା ଏକ ମାତ୍ର ମାଧ୍ୟମ ଯାହା ସମାଜରେ ମଣିଷକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ । ପୃଥିବୀ ସୃଷ୍ଟି ହେଲା ପରଠାରୁ ଶିକ୍ଷାର ବିଶେଷ ଭୂମିକା ରହିଛି। ଏଇ ଶିକ୍ଷା ଆମକୁ ସମୟ ଅନୁସାରେ ଅନେକ ଉତ୍ସରୁ ମିଳିଥାଏ । ପ୍ରତ୍ୟେକଙ୍କ ଜୀବନର ପ୍ରଥମ ଗୁରୁ ମା, ସୃଷ୍ଟି ତାଙ୍କଠୁ ହୋଇଥାଏ ପ୍ରଥମ ଶିକ୍ଷ୍ୟା ମଧ୍ୟ ତାଙ୍କଠୁ ଭି ମିଳିଥାଏ ମାଆଙ୍କ ପରେ ଯିଏ ଦୁନିଆ ସହ ପିଲାଟିର ପରିଚୟ କରାନ୍ତି ସେ ହେଉଛନ୍ତି ଶିକ୍ଷା ଗୁରୁ। ଯିଏ ଆମକୁ ଶିକ୍ଷା ଦାନ କରନ୍ତି । ପିତାମାତାଙ୍କ ପରେ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଥାନ୍ତି। କୁହା ଯାଏ ଏକ ଶିଶୁ ପାଇଁ ଘର ହେଇଛି ପ୍ରଥମ ବିଦ୍ୟାଳୟ ଆଉ ବିଦ୍ୟାଳୟ ହେଉଛି ଦ୍ୱିତୀୟ ଘର, ବାପ- ମା ହେଉଛନ୍ତି ପ୍ରଥମ ଗୁରୁ ଆଉ ଶିକ୍ଷକ ହେଉଛନ୍ତି ଦ୍ୱିତୀୟ ବାପା ମା ।



ଖଡ଼ି ଧରି ପାଠ ପଢ଼ାଇଥିବା ଲୋକଟେ ଯେ ଗୁରୁ ତାହା ନୁହେଁ, ଶିକ୍ଷା ପ୍ରଦାନକାରୀ ଯେ କେହି ଗୁରୁ ପଦବାଚ୍ୟ।'ଗୁ' ଶବ୍ଦର ଅର୍ଥ ହେଲା ଅନ୍ଧାର ଓ 'ରୁ' ଶବ୍ଦର ଅର୍ଥ ହେଲା ଆଲୁଅ । ଯିଏ ଅନ୍ଧାରରୁ ଆଲୁଅକୁ ବାଟ କଢ଼େଇ ନିଅନ୍ତି, ତାଙ୍କୁ ଗୁରୁ ବୋଲାଯାଏ । ଆଧୁନିକ ଭାରତରେ ଗୁରୁ ଶବ୍ଦକୁ ମୁଖ୍ୟତଃ ଶିକ୍ଷକ ହିସାବରେ ବ୍ୟବହାର କରାଯାଉଛି । ଗୁରୁ ଗୀତାରେ କୁହାଯାଇଛି ଯିଏ ଗୁ(ଗୁଣମୁକ୍ତ) ଓ ରୁ (ନିରାକାର) ସେ ହେଉଛନ୍ତି ଗୁରୁ। ଗୁରୁ ବିନା ମଣିଷ କୌଣସି ଜ୍ଞାନଲାଭ କରିବା ଅସମ୍ଭବ। ସ୍ୱୟଂ ବିଶ୍ୱ ନିୟନ୍ତା ଭଗବାନ ଶ୍ରୀ କୃଷ୍ଣଙ୍କର ମଧ୍ୟ ଲୀଳାରେ ଗୁରୁଙ୍କ ଅଭିନୟ ଅବର୍ଣ୍ଣନୀୟ ଥିଲା । ଭକ୍ତ କବି ଜଗନ୍ନାଥ ଦାସ ଶ୍ରୀମଦ୍ ଭାଗବତରେ ଉଲ୍ଲେଖ କରିଛନ୍ତି ଗୁରୁ ନଥାଇ ସଦ୍ ଜ୍ଞାନ କାହୁଁତୁ ପାଇବୁ ଅର୍ଜୁନ । ସନ୍ଥ କବି କବିରଙ୍କ ମତରେ ଯଦି ଗୁରୁ ଓ ଈଶ୍ୱର ଉପସ୍ଥିତ ହୁଅନ୍ତି ତେବେ ମୁଁ ପ୍ରଥମେ ଗୁରୁଙ୍କୁ ହିଁ ପ୍ରଣାମ କରିବି କାହିଁଙ୍କି ନା ମତେ ଗୁରୁ ହିଁ ଈଶ୍ୱରଙ୍କ ପରିଚୟ ପ୍ରଦାନ କରିଛନ୍ତି ସେ ହିଁ ମୋ ମନରେ ଈଶ୍ୱର ବିଶ୍ୱାସ ଜଗେଇଛନ୍ତି । ପୃଥିବୀ ପୃଷ୍ଠରେ ଥିବା ସବୁ ଦେଶ ମଧ୍ୟରୁ ସଂସ୍କୃତି ଓ ପରମ୍ପରାକୁ ନେଇ ସବୁଠି ପ୍ରସିଦ୍ଧି ଲାଭ କରିଥିବା ମୋ ଦେଶ ଭାରତରେ ପ୍ରତ୍ୟେକ ଦିନର କିଛି ନା କିଛି ମହତ୍ତ୍ୱ ଥାଏ ସେହି ଭଳି ଭାବେ ଗୁରୁଙ୍କୁ ସମ୍ମାନ ଦେବା ପାଇଁ ଗୁରୁଙ୍କ ଉଦ୍ଦ୍ୟେଶ୍ୱରେ ପ୍ରତିବର୍ଷ ସେପଟ୍ମ୍ବେର ମାସ ୫ ତାରିଖକୁ ଗୁରୁ ଦିବସ ଭାବେ ପାଳନ କରାଯାଏ । ଏହି ଦିନ, ଏକଧାରରେ ଜଣେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ ଏବଂ କୂଟନୀତିଜ୍ଞ, ଭାରତର ପ୍ରଥମ ଉପ-ରାଷ୍ଟ୍ରପତି ଏବଂ ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସ । ଶିକ୍ଷା ପ୍ରତି ତାଙ୍କର ଅତୁଳନୀୟ ଅବଦାନକୁ ମନେ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବେ ପାଳନ କରାଯାଏ ।

ଆଧୁନିକ ଯୁଗରେ ଧର୍ମ, ସଂସ୍କୃତି, ପରମ୍ପରା ଓ ଅନୁଶାସନକୁ ଆଗମୀ ପିଢ଼ି ପାଇଁ ଉଜ୍ଜୀବିତ କରି ରଖିବାରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । କିନ୍ତୁ ଆଜିକାଲିର ଗୁରୁ ଆଉ ଆଗ ଭଳି ସମ୍ମାନିତ ନାହାଁନ୍ତି । ଆଧୁନିକତାର ସ୍ପର୍ଶରେ ଏବେ ଗୁରୁଙ୍କ ପ୍ରତି ଭକ୍ତି ଲୋକଦେଖାଣିଆ ହେବାରେ ଲାଗିଛି କେବଳ ସେପଟ୍ମ୍ବେର ମାସ ୫ ତାରିଖ ପଡ଼ିଲେ ମନେପଡେ ଗୁରୁ ଦିବସ କେତେକ ଛାତ୍ର ଗୋଟେ ଦିନ ଛୁଟି ପାଇଁ ଖୁସି ଥାଆନ୍ତି ତ ଆଉ କେତେକ ବିଦ୍ୟାଳୟରେ ଭଲ ମଜା ମସ୍ତି ପାଇଁ କିନ୍ତୁ ବାସ୍ତବିକ୍ ଗୁରୁ ଭକ୍ତି ଆଉ ନାହିଁ । ବର୍ତ୍ତମାନ ଆଧୁନିକ ମଣିଷମାନଙ୍କର ଏକ ଅବିଚ୍ଛେଦ୍ୟ ଜରୁରୀ ଅଙ୍ଗ ମଧ୍ୟରୁ ମୋବାଇଲ ଅନ୍ୟତମ। ପିଲା ଠୁ ବୁଢ଼ା ଯାଏ ମୋବାଇଲ ନହେଲେ ବଞ୍ଚିବା କଷ୍ଟ । ଇଣ୍ଟର୍ନେଟ୍ ଏବେ ଆଧୁନିକ ଗୁରୁର ସ୍ଥାନ ନେଇଛି ଯାହା କି ଗୁଗୁଲ୍ ଗୁରୁ ନାମରେ ବେଶ୍ ପରିଚିତ । ଶୀଘ୍ର ଜ୍ଞାନ ପ୍ରଦାନକାରୀ ଗୁଗଲ ହିଁ ଆଜିର ଆଧୁନିକ ଗୁରୁ । ଆଧୁନିକ ଯୁଗରେ ଛାତ୍ର ଛାତ୍ରୀ ଗୁରୁଦିବସ କେତେ ତାରିଖରେ ପଡେ ତାହା ମଧ୍ୟ ଏଇ ଗୁଗଲରେ ଖୋଜନ୍ତି । ପୁରାତନ ଯୁଗରେ ଶିଷ୍ୟର ନିଷ୍ଠା ଗୁରୁଭକ୍ତି ଓ ନିରନ୍ତର ସେବା ମନୋଭାବ ହିଁ ଥିଲା ଗୁରୁ ଦକ୍ଷିଣା କିନ୍ତୁ ଆଜିର ଆଧୁନିକଯୁଗରେ ସମୟ ସ୍ରୋତରେ ସମାଜର ଆବଶ୍ୟକତା ଅନୁଯାୟୀ ବଦଳି ଯାଇଛି ଶିକ୍ଷାର ପରିଭାଷା । ଟଙ୍କା ପଇସା ବଦଳରେ ଶିକ୍ଷାର ବଜାରରେ ଚାଲିଛି ଅଭିଭାବକ ଓ ସଂସ୍ଥାଙ୍କ ମଧ୍ୟରେ କିଣା ବିକା । କ୍ଷୁର୍ଣ୍ଣ ହେଉଛି ଶିକ୍ଷାର ମୂଲ୍ୟ ଓ ଶିଷ୍ୟଙ୍କର ଶିକ୍ଷା ପ୍ରତି ସମର୍ପିତ ଭାବ।

ସମାଜରେ ଶିକ୍ଷକ ହେବା ଏତେ ସହଜ ନୁହେଁ । ଛୋଟ ବେଳୁ ଶିକ୍ଷକ ପରିବାରରେ ମୋର ଜନ୍ମ ବାପା- ମା ଦୁହେଁ ଶିକ୍ଷକ କ୍ରମଶଃ ବଡ଼ ଭାଇ ମଧ୍ୟ ଶିକ୍ଷା ବୃତ୍ତି ଆପଣେଇଛନ୍ତି । ଛୋଟ ବେଳେ ଯେବେ ଗାଁ କିମ୍ବା ଅଜଣା ଲୋକ କିଏ ଆମ ପ୍ରତି ଜାଣତରେ କି ଅଜାଣତରେ କିଛି ଦୁର୍ବ୍ୟବହାର କରେ ବାପା କ୍ରୋଧ ନକରି ଶାନ୍ତ ମନରେ ତାଙ୍କୁ ବୁଝାନ୍ତି ଆଦର ମଧ୍ୟ କରନ୍ତି । ଛୁଆ ବେଳୁ ମୋର ଗୋଟାଏ ପ୍ରଶ୍ନ ଆମର କିଛି ଭୁଲ ନାହିଁ ଆପଣ ତାଙ୍କୁ କାହିଁ କିଛି କହିଲେନି ଆଉ ସବୁବେଳେ ସେଇ ଗୋଟାଏ ଉତ୍ତର ବାବାରେ ଆମେ ଶିକ୍ଷକ, କ୍ରୋଧର ବଶବର୍ତ୍ତୀ ହେବା ଶିକ୍ଷକର ଧର୍ମ ନୁହେଁ । ଜଣେ ଶିକ୍ଷକ ଆଦର୍ଶ, ନୀତିନିଷ୍ଠ, ସଚ୍ଚୋଟ, କର୍ତ୍ତବ୍ୟପରାୟଣ, ସମୟାନୁବର୍ତ୍ତୀ, ସମଦର୍ଶୀ ଗୁଣ ବହନ କରୁଥିବା ବ୍ୟକ୍ତି । ସେ ଯଦି କ୍ରୋଧ ବଶବର୍ତ୍ତୀ ହୋଇ ଝଗଡ଼ା କରିବ ତେବେ ସମାଜରେ ଶାନ୍ତି ଆସିବ କିଭଳି । ଶିକ୍ଷା ,ଶିଷ୍ୟ ଓ ସମାଜ ପ୍ରତି ସମର୍ପିତ ଭାବନା ହିଁ ଶିକ୍ଷକକୁ ମହାନ କରିଦିଏ । ବିଭିନ୍ନ ଜାଗାରେ ଗୁରୁ ଶିଷ୍ୟ ପରମ୍ପରା ଆଜିବି ବଞ୍ଚିଛି, ଏକ ପବିତ୍ର ଅନୁଭବ ଯାହା ଆଧୁନିକତାର ଆଢୁଆଳରେ କେବେ ଲୁଚି ପାରେନା ଏହାର ସ୍ଥାନ ସବୁ ବେଳେ ସ୍ୱତନ୍ତ୍ର ଅଟେ । ଶେଷରେ ଅନ୍ଧାରରେ ଥିଲି ଅଲୋକ ଦେଖିଲି ଗୁରୁ ଖୋଲିଦେଲେ ମୋ ଆଖି ,ମୋହୋ ମାୟା ଭରା ଏହି ଜଟିଳ ଦୁନିଆକୁ ତାଙ୍କ ପାଇଁ ଆଜି ମୁଁ , ସହଜରେ ପାରେ ଦେଖି। ଗୁରୁଙ୍କ ପାଇଁ ଆଜି ଏଇ ସମାଜରେ ଯେଉଁ କିଞ୍ଚିତ ପରିଚୟ ମୋର ,ତାଙ୍କ ନିକଟରେ ଆଜୀବନ ଚିରଋଣି ମୁଁ ଗୁରୁଙ୍କ ପାଦ ତଳେ ମୋର କୋଟି କୋଟି ନମସ୍କାର । ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର, ଗୁରୁ ସାକ୍ଷାର ପରମବ୍ରହ୍ମ ତୈସ୍‌ମୈସେ ଗୁରବେ ନମଃ'

**କୃଷି ସ୍ନାତୋତ୍ତର ,**
**ମୃତ୍ତିକା ବିଜ୍ଞାନ , ଓୟୁଏଟି ,**
**ଭୁବନେଶ୍ୱର**
**ମୋ-୯୫୫୬୨୫୯୯୧୯**



# ଜହ୍ନମାମୁଁ ଓ ମୋବାଇଲ୍

**ପ୍ରଣତି ପାତ୍ର**



"
ଠିକ୍ ଅଛି, ଜହ୍ନ ମାମୁଁ କିମ୍ବା କାଉ ଆଉ ଦେଖା ଯାଉନାହାଁନ୍ତି ଯାହାକୁ ଦେଖାଇ ଶିଶୁର ମନକୁ ଭୁଲେଇ ହେବ, କିନ୍ତୁ କେବଳ ମାଁର ଦୁଇ ପଦ କଥାରେ ଶିଶୁଟି କାହିଁକି ନିମଜ୍ଜିତ ହେଉନାହିଁ ? ସତେ କ'ଣ ଆମେ ପିଲାର ମଙ୍ଗଳ କଥା ଚିନ୍ତା କରୁଛୁ ନା ପିଲା ଯାହା ଦାବି କରୁଛି ତାହା ତାକୁ ଧରେଇ ଦେଇ ନିଜକୁ ଜାଣିଶୁଣି ଠକି ଚାଲିଛି ? ମାଁର କଥାରେ କାହିଁକି ଶିଶୁଟି ଏକ ବାତ୍ସଲ୍ୟର ସମ୍ପର୍କରେ ସଂଯୋଗ ସ୍ଥାପନ କରିପାରୁନାହିଁ ?

ଦୁଇ ଘଣ୍ଟା ହେଲା କୁହୁର କାନ୍ଦ ବନ୍ଦ ହେଉ ନାହିଁ। ତା' ମମ୍ମି ତାକୁ କେତେ ଖେଳନା ଓ ରଙ୍ଗବେରଙ୍ଗର ଚିତ୍ର ବହି ଦେଖାଇ ଟିକେ ଖୁଆଇବାକୁ ଚେଷ୍ଟା କରି ହାରିଲେଣି। ହେଲେ ଅବୁଝା କୁହୁକୁ ମୋବାଇଲ୍ ଦରକାର। କୁହୁର ପାପା ସଂଧ୍ୟା ବେଳୁ କୌଣସି ଜରୁରୀ କାମରେ ବାହାରକୁ ଯାଇଛନ୍ତି। କୁକୁର ମମ୍ମି ରାଧାର ମୋବାଇଲ୍ ଯେଉଁ ଦିନଠାରୁ ଖରାପ ହୋଇଯାଇଛି, ପିଲାଟାର ଖାଇବାପିଇବାରେ ଘୋର ଅବ୍ୟବସ୍ଥା ଦେଖାଦେଇଛି।

ତା' ପାପା ଭାରି ବ୍ୟସ୍ତ ଲୋକ। ବ୍ୟବସାୟ କରୁଥିବା ଯୋଗୁଁ ତାଙ୍କ ମୋବାଇଲ୍‌ରେ ବାରମ୍ବାର କଲ୍ ଆସେ। କୁହୁର ଖାଇବା ସମୟରେ ସେ ୟୁଟ୍ୟୁବ୍‌ରେ କିଛି ଦେଖେ। ସେତିକିବେଳେ ବାରମ୍ବାର କଲ୍ ଆସିଲେ କୁହୁର ଦେଖିବା ବାଧାପ୍ରାପ୍ତ ହୁଏ। ଆଉ ସେ ଚିତ୍କାର କରି ଉଠେ। ଆଉ ସେତିକିରେ ତା'ର ଖାଇବା ବନ୍ଦ। ଦେଢ଼ ବର୍ଷର ଛୋଟ ଶିଶୁଟିକୁ ମୋବାଇଲ୍ ବିନା କେମିତି ଖୁଆଇବ, ଉଚ୍ଚ ଶିକ୍ଷିତା ରାଧା ବୁଝିପାରେନାହିଁ।

ରାଧା ନିଜ ପିଲାବେଳର କଥା ମନେପକାଏ। କେମିତି ତା' ମାଆ ତାକୁ କାଖରେ ଧରି ବାଡ଼ିପଟ ପିଜୁଳି ଗଛ ପାଖରେ ତାକୁ ଆକାଶର ଜହ୍ନକୁ ଦେଖାଇ ଗିନାରେ ଗିନାଏ ଭାତ ଖୁଆଇ ଦେଉଥିଲେ। ପ୍ରତିଦିନ ଆକାଶରେ ପୂର୍ଣ୍ଣିମା ଚାନ୍ଦ ନ ଥାଏ। ଶୁକ୍ଳପକ୍ଷର ଅପୂର୍ଣ୍ଣ ଜହ୍ନକୁ ଦେଖାଇ ତା' ମାଆ କହୁଥିଲେ - 'ରାଧା, ଆଜି ଜହ୍ନ ତୋ ପରି ଛୋଟ ପିଲାଟିଏ ହୋଇଛି। ଦେଖିବୁ, କାଲି କି ଆଉ ଟିକେ ବଡ଼ ହୋଇଯିବ। ତୁ ତାକୁ ପ୍ରତିଦିନ ଦେଖି ପୁରା ଭାରତ ଗିନାଟା ଖାଇଦେଲେ ସେ ଧିରେ ଧିରେ ବଡ଼ ହୋଇଯିବ। ତା'ସହିତ ତୁ ମଧ୍ୟ ଧିରେ ଧିରେ ବଡ଼ ହୋଇଯିବୁ।

ଏହା ଦେଖିବା ପାଇଁ ରାଧା ମାଁର କାଖରେ ବାଡ଼ିକି ଯାଏ ଆଉ ଜିଜ୍ଞାସୁ ନୟନରେ ଜହ୍ନକୁ ଚାହିଁଥାଏ। ଏତିକି କଥାରେ ସେ ସବୁତକ ଭାତ ଖାଇଦିଏ। ଯେଉଁ ଦିନ ଆକାଶରେ ଜହ୍ନ ନଥାଏ ତା ମାଁ ତାକୁ କାଉ, ଘର ଚଟିଆ, ବିଲେଇ ନ ହେଲେ ପିମ୍ପୁଡ଼ିକୁ ଦେଖାଇ ଖୁଆଇଦିଏ।

ଜଟିଳ କଥାକୁ ସରଳ ଭାବେ ବୁଝେଇ ପାରିବାର କଳା ଓ ଶିଶୁର ନିଚ୍ଛକ ସରଳ ବିଶ୍ୱାସରେ ମାନି ଯିବାର ଏଇ ଦୃଷ୍ଟାନ୍ତ ଯୁଗ ଯୁଗ ଧରି ଆମ ପରିବାର ମାନଙ୍କରେ ଶୈଶବର ଜୟଗାନ କରୁଥିଲା। ବଢୁଥିବା ଶିଶୁଟିର ସାବଲୀଳ ଭାବେ ଗ୍ରହଣଶୀଳତା ପରିବାରର ସଦସ୍ୟମାନଙ୍କ ଜୀବନକୁ ମଧୁର କରି ଦେଉଥିଲା।

ଭାରତୀୟ ସମାଜରେ ମାଁ, ଛୁଆ ଓ ଜହ୍ନମାମୁଁ ଏହି ତିନୋଟି ସତ୍ତାର ଏକ ତ୍ରିକୋଣିଆ ସମ୍ପର୍କ ରହି ଆସିଛି। ବାପ ଘରକୁ ଝୁରି ହେଉଥିବା ମାଁଟି ଜହ୍ନକୁ ନିଜ ଭାଇ ଭାବେ ଚିତ୍ରଣ କରି ପିଲାଟିର ମନରେ ଏକ କାଳ୍ପନିକ ଭଲ ପାଇବାର ଭ୍ରମ ସୃଷ୍ଟି କରିପାରୁଥିଲା। ଜହ୍ନ ଯେ ଏକ ଉପଗ୍ରହ ଏବଂ ମାମୁଁ ନୁହେଁ, ଏହା ଜାଣିବା ବେଳକୁ ପିଲାଟି ନିଜ କାମ ନିଜେ କରିପାରିଲା ପରି ବଡ଼ ହୋଇଯାଉଥିଲା।

ଆଧୁନିକ ଯୁଗର ପିଲାମାନେ ଇଣ୍ଟରନେଟରୁ ଅଧିକାଂଶ ତଥ୍ୟ କମ୍ ବୟସରୁ ପାଇ ଯାଉଛନ୍ତି। ଅପର ପକ୍ଷେ ଆମ ମାଁ ମାନେ ପିଲାଟି ନ ଖାଇଲେ ମୋବାଇଲ ଧରେଇ ଦେବାକୁ ଏକ ସହଜ ଉପାୟ ବୋଲ ମନେ କରନ୍ତି। ଏବେ ଆମ ମାନଙ୍କ ଘରର ଆକାର ଛୋଟ। ଚାରି ଆଡ଼େ ବଡ଼ ବଡ଼ କୋଠା ଭିତରେ ଆକାଶ ଦିଶେ ନାହିଁ। ତା'ଛଡା ଆମ ମାନଙ୍କ ଘରେ ବାଡ଼ି ନାହିଁ କିମ୍ବା ଘର ଉପରେ ଖୋଲା ଛାତ ନାହିଁ।

ତେବେ ଏଠାରେ ପ୍ରସଙ୍ଗ ନୁହେଁ, ଯେ ଜହ୍ନ ଦିଶୁ ନାହିଁ। କିମ୍ବା କାଉ ବିଲେଇ ଦେଖାଯାଉନାହାନ୍ତି। ଯାହା ବୁଝିଲା ଆଧାର କରି କୋମଳମତି ଶିଶୁକୁ କଥା ମାନିବା ପାଇଁ ବୁଝେଇ ହେବେ। ଏଠି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଭାବ ରହୁଛି-ମା ଓ ଶିଶୁର ନିବିଡ ସମ୍ପର୍କ। ଆଜି କାହାର ପିଲାମାନେ ନାନା ରକମର ଖେଳନା, ଚିତ୍ର ବହି କିମ୍ବା ମା'ର କଥା ସହିତ ଯେତିକି ସଂଯୋଗ ସ୍ଥାପନ କରିପାରୁନାହାଁନ୍ତି ମୋବାଇଲ ସହିତ ସେମିତି ଏକ ଅଦୃଶ୍ୟ ସମ୍ପର୍କରେ ଯୋଡ଼ି ହୋଇଯାଉଛନ୍ତି।

ନିଃଶବ୍ଦ ବାତାବରଣରେ ମାଁଟିଏ ଜହ୍ନ ଆଡ଼େ ଆଙ୍ଗୁଠି ଦେଖାଇ ଦେଲେ ଯେଉଁ ପିଲା ପେଟପୁରା ଖାଇ ଦେଉଥିଲା, ଆଜିର ପିଲାକୁ ଦରକାର ପଡୁଛି ରଙ୍ଗୀନ ଚକମକ୍ ଦୃଶ୍ୟ ଓ ଶବ୍ଦ ! ଏଥିରେ ମାଁର ସ୍ନେହଭରା ସ୍ୱର ପିଲାକୁ ପ୍ରଭାବିତ କରିପାରୁନାହିଁ। ଆଜିକାଲି ମୋବାଇଲ ଆମର ଏକ ଗୁରୁତ୍ୱପୂର୍ଣ୍ଣ ପରିବାରର ସଦସ୍ୟ ପାଲଟିଯାଇଛି। ପ୍ରତି କଥାରେ ପିଲାଟି ମୋବାଇଲ ଦାବି କରୁଛି। ମାଁ ବାପା ପିଲାକୁ କହୁଛନ୍ତି- 'ତୁ ହୋମୱାର୍କ କରିଦେ, ମୋବାଇଲ ମିଳିବ। ତୁ ଟ୍ୟୁସନ ସାରିକି ଆସିଲେ ମୋବାଇଲ ଦେବି। ତୁ ଜେଜେମାଁକୁ ପାଣି ଗ୍ଲାସ ଦେଇଦିଏ ମୋବାଇଲ ଦେବି।

ପିତାମାତା ମୋବାଇଲକୁ ଅହେତୁକ ଗୁରୁତ୍ୱ ଦେଉଥିବା ଯୋଗୁଁ ପିଲାମାନଙ୍କ ମନରେ ମଧ୍ୟ ଏହି ଯନ୍ତ୍ରକୁ ନେଇ ଭ୍ରମ ସୃଷ୍ଟି ହୋଇଛି। କାରଣ ବାପା ମାଁ ମଧ୍ୟ ସବୁବେଳେ ମୋବାଇଲ ଫୋନରେ ବ୍ୟସ୍ତ ରହୁଛନ୍ତି।

ଜହ୍ନକୁ ନେଇ ଗପ ଶୁଣେଇ ଖୁଆଇବା କେତେକଙ୍କୁ ବୋକାମୀ ପରି ଲାଗିପାରେ। କିନ୍ତୁ ଏହି ପରମ୍ପରା ପଛରେ ମଧ୍ୟ ବୈଜ୍ଞାନିକ କାରଣ ରହିଛି। ଚନ୍ଦ୍ରର ପ୍ରାକୃତିକ କିରଣର ମନୁଷ୍ୟର ମନ ଓ ଶରୀର ଉପରେ ଅଦ୍ଭୁତ ପ୍ରଭାବ ପଡ଼ିଥାଏ। ସେହିପରି ଉଦ୍ଭିଦ ଜଗତରେ ରସ ଉତ୍ପାଦନ ହୋଇଥାଏ। ଚନ୍ଦ୍ରର କୋମଳ କିରଣ ଦ୍ୱାରା ବିଭିନ୍ନ ପ୍ରକାର ସ୍ତ୍ରୀ ରୋଗ, ନିଦ୍ରାହୀନତା, ସ୍ନାୟବିକ ଦୁର୍ବଳତା ଦୂର ହୋଇଥାଏ ଏବଂ ଶରୀରକୁ ସତେଜ ରଖିଥାଏ। ତେବେ ମୋବାଇଲରୁ ବାହାରୁଥିବା ତୀବ୍ର ରଶ୍ମି ଶିଶୁର ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ। ଦେଖାଯାଏ, ଶିଶୁଟି ମାତ୍ର ୨-୩ ଇଞ୍ଚ୍ ଦୂରତାରୁ ମୋବାଇଲ ସ୍କ୍ରିନକୁ ଅପଲକ ନୟନରେ ଅନେଇ ରହିଥାଏ। ଏହାର କୁପ୍ରଭାବ ବିଷୟରେ କାହାକୁ ଅଛପା ନାହିଁ। ତେବେ ଏହାର ବ୍ୟବହାର ଦ୍ୱାରା ଶିଶୁର ଯେ କେତେ ଜୀବନବ୍ୟାପୀ କ୍ଷତି ଘଟୁଛି ତାହାକୁ ନେଇ ପିତାମାତା ସଚେତନ ହେବା ଆବଶ୍ୟକ।

ଠିକ୍ ଅଛି, ଜହ୍ନ ମାମୁଁ କିମ୍ବା କାଉ ଆଉ ଦେଖା ଯାଉନାହାଁନ୍ତି ଯାହାକୁ ଦେଖାଇ ଶିଶୁର ମନକୁ ଭୁଲେଇ ହେବ, କିନ୍ତୁ କେବଳ ମାଁର ଦୁଇ ପଦ କଥାରେ ଶିଶୁଟି କାହିଁକି ନିମଜ୍ଜିତ ହେଉନାହିଁ ? ସତେ କ'ଣ ଆମେ ପିଲାର ମଙ୍ଗଳ କଥା ଚିନ୍ତା କରୁଛୁ ନା ପିଲା ଯାହା ଦାବି କରୁଛି ତାହା ତାକୁ ଧରେଇ ଦେଇ ନିଜକୁ ଜାଣିଶୁଣି ଠକି ଚାଲିଛି ? ମାଁର କଥାରେ କାହିଁକି ଶିଶୁଟି ଏକ ବାତ୍ସଲ୍ୟର ସମ୍ପର୍କରେ ସଂଯୋଗ ସ୍ଥାପନ କରିପାରୁନାହିଁ ? ପିଲାଟି ଏକ ଅଜଣା ସ୍ଥାନରୁ ଆସୁଥିବା ଶବ୍ଦ, ନୃତ୍ୟ ସଙ୍ଗୀତର ମନୋରଞ୍ଜନକୁ ମାଁର ସାନ୍ନିଧ୍ୟ ଠାରୁ ଅଧିକ ଗୁରୁତ୍ୱ ଦେଉଛି।

ଆଧୁନିକ ସମାଜର ଏକ ବିଚିତ୍ର ବିଡମ୍ବନା ଯେ, ବାହାର ଲୋକଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ଛୋଟ ପିଲାଙ୍କ ପାଇଁ ମୋବାଇଲ ନିଷିଦ୍ଧ ଅଛି କିନ୍ତୁ ନିଜ ରକ୍ତ ସମ୍ପର୍କୀୟ ମାନଙ୍କୁ ନେଇ ଗଠିତ ପରିବାରରେ ପିଲାକୁ ମୋବାଇଲ ଅବାଧ ବ୍ୟବହାରରେ କୌଣସି ବାରଣ ନାହିଁ। ଏବେ ଆତ୍ମ ସମୀକ୍ଷାର ବେଳ ଆସିଛି, ସତରେ ଆମେ ସବୁ କଥାରେ ଛୋଟ ପିଲାଙ୍କ ହାତରେ ମୋବାଇଲ ଧରେଇ ଦେଇ ନିଜେ ଦାୟିତ୍ୱମୁକ୍ତ ହୋଇ ସେମାନଙ୍କ ଅମଙ୍ଗଳ ସାଧନ କରୁନାହାନ୍ତି ତ ?

**ମୋ-୯୪୩୭୧୩୪୮୮**

ଲମ୍ପି ଭାଇରସ୍ ଆତଙ୍କ

# ୧୪ ଜିଲ୍ଲାକୁ ସତର୍କ ସୂଚନା, ଗୋ-ମଇଁଷି ପରିବହନ ମନା

ଭୁବନେଶ୍ୱର: ଏବେ ମହାମାରୀ କବଳରେ ଗୋରୁ ଗାଇ । ଏହି ଗୃହପାଳିତ ପ୍ରାଣୀଙ୍କ ଉପରକୁ ମାଡ଼ି ଆସିଛି ଲମ୍ପି ଭାଇରସ୍ । ଗୋଟିଏ ପରେ ଗୋଟିଏ ରାଜ୍ୟକୁ ଡେଉଁଛି ଏହି ସ୍କିନ୍ ରୋଗ । ଲମ୍ପି ପଞ୍ଝାରେ କବଳିତ ହୋଇ ସାରିଲାଣି ଦେଶର ୮ଟି ରାଜ୍ୟ । ବିଶେଷ କରି ମଇଁଷିଙ୍କ ଦେହରେ ଦେଖାଦେଉଛି ଏହି ଲମ୍ପି ଚର୍ମ ରୋଗ। ଗୋଟିଏ ପରେ ଗୋଟିଏ ରାଜ୍ୟର ଗୋରୁ ଗାଇ ଏହି ରୋଗ ଦ୍ୱାରା କବଳିତ ହେବା ପରେ ତତ୍ପର ହୋଇ ଉଠିଛନ୍ତି ରାଜ୍ୟ ସରକାର। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ବାଲେଶ୍ୱର, ଝାରସୁଗୁଡ଼ା, ଗଞ୍ଜାମ ସମେତ ୧୪ ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି ପ୍ରାଣୀ ସମ୍ପଦ ବିଭାଗ। ବିଶେଷ ଭାବେ ସୀମାନ୍ତ ଜିଲ୍ଲାର ବ୍ଲକ ଗୁଡ଼ିକ ଉପରେ ଖାସ ନଜର ରଖାଯାଇଛି। ଆନ୍ତଃରାଜ୍ୟ ଗୋ-ମଇଁଷି ପରିବହନ ଉପରେ ମଧ୍ୟ କଡ଼ା କଟକଣା ଲଗାଇଛି ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ।

ଲମ୍ପି ଭାଇରସ୍‌କୁ ନିୟନ୍ତ୍ରଣକୁ ଆଣିବାକୁ ଏବେ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲାକୁ ସ୍କାନରରେ ରଖିଛନ୍ତି ରାଜ୍ୟ ସରକାର । ମୁଖ୍ୟତଃ ସୀମାନ୍ତ ଜିଲ୍ଲା, ବ୍ଲକ ଓ ଗାଁ ଗୁଡ଼ିକରେ ବ୍ୟାପକ ସଚେତନତା ସହ ୫ କିମି ପରିଧି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗୋ-ମଇଁଷି ପରିବହନ ଉପରେ କଟକଣା ଲଗାଯିବା ସହ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ମଶା ଓ ଟିକ୍‌ଙ୍କ ଦ୍ୱାରା ଏହି ରୋଗ ଗୋଟିଏ ପଶୁଠାରୁ ଅନ୍ୟକୁ ବ୍ୟାପିଥାଏ । ରୋଗରେ ଆକ୍ରାନ୍ତ ଗାଇଗୋରୁ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିଲେ ମଧ୍ୟ ଏହା ବ୍ୟାପିଥାଏ । ଗାଁ ଗହଳିରେ ଗାଇ ଦୁହିଁବାକୁ ଆସୁଥିବା ଲୋକେ



ହାତ ନ ଧୋଇ ବିଭିନ୍ନ ଗାଇ ଦୁହିଁଲେ ଏହି ରୋଗ ବ୍ୟାପୁଥିବା ପ୍ରାଣୀ ଚିକିତ୍ସକଙ୍କ ମତ । ତେଣୁ ଗାଇ ଖିର ଖାଉଥିଲେ କ୍ଷୀରକୁ ଭଲ ଭାବରେ ଗରମ କରି ଖାଇବା ପାଇଁ ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ।

**ଲମ୍ପି ସ୍କିନ ରୋଗର ଲକ୍ଷଣ କଣ ?**

ଏହି ରୋଗ ହେଲେ ପ୍ରଥମେ ଗୋରୁଗାଇଙ୍କୁ ଜ୍ୱର ହେବ । ପରେ ଚର୍ମରେ ଗୋଲ ଗୋଲ ବିଣ୍ଡି ଭଳି ହୋଇଯିବ । ନିମୋନିଆ ହେବା ସହ ଲଙ୍ଗସ୍ ଇନଫେକସନ ହୋଇ ନିଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ ସମସ୍ୟା ଦେଖାଦିଏ । ଫଳରେ ଗୋରୁଗାଇ ଖାଇବା ବନ୍ଦ କରି ଦେଇଥାନ୍ତି । ଏପରକି ଆସନ୍ନ ପ୍ରସବା ଗାଇର ଛୁଆ ବାହାରିଯାଏ । କ୍ଷୀର ଦେଉଥିବା ଗାଇ ମାନଙ୍କର କ୍ଷୀର ବହୁତ କମି ଯାଏ । ଯଦି ଗାଇ ଥରେ ଏହି ରୋଗରେ ଆକ୍ରାନ୍ତ ହୁଏ, ତେବେ ବହୁ ଦିନ ଯାଏ ଛୁଆ ଜନ୍ମ କରିପାରିବେ ନାହିଁ । ପ୍ରତିକାର ପାଇଁ ଗୋ ମଇଁଷି ରହୁଥିବା ସ୍ଥାନରେ ନିୟମିତ ବିଶୋଧନ କରିବାକୁ ହେବ । ଏଥିସହ ଗାଇ ଗୁହାଳରେ ସୋଡିୟମ ହାଇପ୍ରୋ କ୍ଲୋରାଇଡ୍ ସ୍ପ୍ରେ କରିବା ପାଇଁ ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ ।

## ୮ଜଣ ଶିଳ୍ପୀଙ୍କୁ ମିଳିବ ରାଜ୍ୟ ଚାରୁକଳା ପୁରସ୍କାର

ଭୁବନେଶ୍ୱର: ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ୨୦୨୨ ମସିହା ନିମନ୍ତେ ରାଜ୍ୟସ୍ତରୀୟ ଚାରୁକଳା ପୁରସ୍କାର ଘୋଷଣା ହୋଇଛି । ୮ଜଣ ଶିଳ୍ପୀଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯିବ । ପୁରସ୍କାର ବାବଦରେ ସେମାନଙ୍କୁ ୨ଲକ୍ଷ ଟଙ୍କା ଲେଖାଁଏ, ତାମ୍ର ଫଳକ, ପ୍ରମାଣପତ୍ର ଓ ଉପଢ଼ୌକନ ମିଳିବ ।

ଓଡ଼ିଶା ଲଳିତ କଳା ଏକାଡେମୀରୁ ମିଳିଥିବା ସୂଚନା ଅନୁସାରେ, ଦେଶର ସୁନାମଧନ୍ୟ ଶିଳ୍ପୀମାନଙ୍କୁ ନେଇ ଗଠିତ ୫ଜଣିଆ ବିଚାରକ ମଣ୍ଡଳୀ ଚୂଡ଼ାନ୍ତ ପର୍ଯ୍ୟାୟ ପାଇଁ ମନୋନୀତ ହୋଇଥିବା ୧୭୩ଜଣ ଶିଳ୍ପୀଙ୍କ ମଧ୍ୟରୁ ୮ଜଣଙ୍କୁ ୨୦୨୨ ମସିହା ପାଇଁ ୪୦ତମ ରାଜ୍ୟସ୍ତରୀୟ ଚାରୁକଳା ପୁରସ୍କାର ପ୍ରଦାନ ନିମନ୍ତେ ସୁପାରିଶ କରିଥିଲେ । ମନୋନୀତ ହୋଇଥିବା ଶିଳ୍ପୀମାନେ ହେଲେ ଭାସ୍କର୍ଯ୍ୟରେ ପ୍ରତାପ ଚନ୍ଦ୍ର ଜେନା ଓ ଅସାନ୍ତ ଦାସ, ମୁଦ୍ରଣ କଳାରେ ରବିନାରାୟଣ ଗୁପ୍ତା ଓ ଟୁକୁନା ଡାକୁଆ, ଚିତ୍ରକଳାରେ ଅମିତ୍ କୁମାର ଓଝା ଓ ସିତିକାନ୍ତ ସାମନ୍ତସିଂହାର, ପାରମ୍ପରିକ ଚିତ୍ରରେ ରୋନିବାଳା ମହାପାତ୍ର ଓ ନିରଞ୍ଜନ ମୁଖି । ଏହି ଚୂଡ଼ାନ୍ତ ତାଲିକା ଲଳିତ କଳା ଏକାଡେମୀର କାର୍ଯ୍ୟକାରୀ ସମିତି ବୈଠକରେ ଅନୁମୋଦିତ ହୋଇଛି ।

ସୂଚନାଯୋଗ୍ୟ,୪୦ତମ ରାଜ୍ୟସ୍ତରୀୟ ଚାରୁକଳା ପ୍ରଦର୍ଶନୀ ନିମନ୍ତେ ଓଡ଼ିଶାର ଶିଳ୍ପୀମାନଙ୍କଠୁ କଳାକୃତିର ଫଟୋଗ୍ରାଫ ଗ୍ରହଣ କରାଯାଇଥିଲା । ଏକାଡେମୀ ପକ୍ଷରୁ ପ୍ରଦର୍ଶନୀରେ ସ୍ଥାନ ପାଇଥିବା କଳାକୃତିଗୁଡ଼ିକର ଏକ ରଙ୍ଗୀନ ଚିତ୍ରପୁସ୍ତିକା ମଧ୍ୟ ଉନ୍ମୋଚନ କରାଯିବ ।

## ୭୦ ଲକ୍ଷର ଟାଙ୍କି କାମରେ ଆସୁନି, ଶୋଷରେ ୩୦୦୦ ଗାଁ ଲୋକ !



କୋଣାର୍କ: ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହୋଇଥିଲା ଓଭର ହେଡ୍ ଟ୍ୟାଙ୍କ। ହେଲେ କାମରେ ଆସୁନି। ଯେଉଁଥିପାଇଁ ଶୋଷରେ ରହିଛନ୍ତି ୩୦୦୦ରୁ ଅଧିକ ଲୋକ! କିଛି ଉପାୟ ନପାଇ ଗାଁ ଲୋକେ ଆଇରନ୍ ପାଣି ପିଉଛନ୍ତି। ଏପରି ଅଭିଯୋଗ ଆସିଛି ପୁରୀ ଜିଲ୍ଲାରୁ।

ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତର ଭୂତଳ ଜଳ ଖାରିଆ ଓ ଆଇରନ ଯୁକ୍ତ। ତେଣୁ ଲୋକମାନେ ପିଇବା ପାଣି ମୁନ୍ଦାଏ ପାଇଁ ନାହିଁନଥିବା ଅସୁବିଧାରେ ପଡୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କରିବା ପରେ ନାନା ପରୀକ୍ଷା ନିରୀକ୍ଷା କରି ୫ଟି ଗାଁର ତିନି ହଜାରରୁ ଅଧିକ ଲୋକଙ୍କ ଶୋଷ ମେଣ୍ଟାଇବା ପାଇଁ ୨୦୧୯ ମସିହାରେ ୭୦ ଲକ୍ଷ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ କରାଯାଇଥିଲା ଓଭର ହେଡ୍ ଟ୍ୟାଙ୍କ। ପଦାସାହିରେ ଏହି ଓଭର ହେଡ୍ ଟ୍ୟାଙ୍କ ନିର୍ମାଣ କରାଯାଇଥିଲା। ଏପରିକି ପ୍ରତି ସାହିକୁ ପାଣି ପାଇପ୍ ବିଛାଯାଇଥିଲା ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଥିଲା।

ପାଣି ପାଇବା ବିଛାଯିବାକୁ ଦେଖି ଗାଁ ଲୋକେ ଉତ୍ସାହିତ ହୋଇପଡ଼ିଥିଲେ। ପାନୀୟ ଜଳର ଅଭାବ ଦୂର ହୋଇଗଲା ବୋଲି ଭାବୁଥିଲେ। ମହାଆଡମ୍ବରେ ଆରମ୍ଭ ହୋଇଥିବା ପ୍ରକଳ୍ପ ମାସେ ଗଲାନି। ସାହି ସାହିକୁ ବିଛା ଯାଇଥିବା ପାଣି ପାଇପ ଭାଟି ଯାଇଛି। ଷ୍ଟାଣ୍ଡ ପୋଷ୍ଟ ଗୋଡ଼ିକ ଭାଙ୍ଗି ଗଲାଣି। ଲୋକେ ବର୍ତ୍ତମାନ ପୂର୍ବ ପରି ପାଣି ଶୋଷରେ ଜୀବନ ଅତିବାହିତ କରୁଛନ୍ତି। କେହି କେହି ଭାଗ୍ୟକୁ ଆଦରି ଭୂତଳ ଖାରିଆ ଓ ଆଇରନ ଯୁକ୍ତ ପିଇବାକୁ ବାଧ୍ୟ ହେଉଛନ୍ତି।

କୋମାରେ ପଡ଼ିଥିବା ପାନୀୟ ଜଳ ପ୍ରକଳ୍ପ ନେଇ ଗାଁ ଲୋକେ ପାନୀୟ ଜଳ ଯୋଗାଣ ବିଭାଗ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ। ହେଲେ କୌଣସି ଅଧିକାରୀ ଶୁଣୁନଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି।

ଗାଁର ଜଣେ ମହିଳା କହିଛନ୍ତି, "ଆମର ଏଠି ଆଇରନ୍? ପାଣି ବାହାରୁଛି। ସେହି ପାଣି ପିଇବା ଉପଯୋଗୀ ନୁହେଁ। ତେଣ ପ୍ରକଳ୍ପ ଉପରେ ନିର୍ଭର କରୁଥିଲୁ। ହେଲେ ନିମ୍ନ ମାନର କାମ ଯୋଗୁ ବିଛା ଯାଇଥିବା ଫାଟି ଯାଇଛି। ଯେଉଁଥିପାଇଁ ପ୍ରକଳ୍ପ କାମରେ ଆସୁନି। ଆମେ ପୂର୍ବ ପରି ଆଇରନ୍ ପାଣି ପିଉଛୁ।"

ଗାଁର ଜଣେ ବ୍ୟକ୍ତି କହିଛନ୍ତି, "ନିମ୍ନମାନର କାମ ହୋଇଛି। ଯେଉଁଥିପାଇଁ ମାଟି ତଳେ ବିଛା ଯାଇଥିବା ପାଇପ ଫାଟି ଯାଇଛି। ପ୍ରକଳ୍ପ କାମରେ ଆସୁନାହିଁ। ଏନେଇ ପଞ୍ଚାୟତରେ ଅଭିଯୋଗ କରିଛୁ। ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବୁ।"

## ଆଇଏଏସସ୍ତରରେ ଅଦଳବଦଳ: ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର : ରାଜ୍ୟ ସରକାର ଆଜି ଆଇଏଏସ ଅଫିସରସ୍ତରରେ ଏକ ଅଦଳବଦଳ କରିଛନ୍ତି । ଦୀର୍ଘଦିନ ଧରି ଅତିରିକ୍ତ ଦାୟିତ୍ୱରେ ଚାଲୁଥିବା ସ୍ୱାସ୍ଥ୍ୟ ବିଭାଗକୁ ଏବେ ଫୁଲଟାଇମ୍ ସଚିବ ମିଳିଛି । ଏନଏଚଏମ୍ ନିର୍ଦ୍ଦେଶିକା ତଥା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଭାବେ ନିଯୁକ୍ତି ଦେଇଛନ୍ତି । ଆଇଏଏସ୍ ଆରକେ ଶର୍ମା ଦୀର୍ଘଦିନ ଧରି ଛୁଟିରେ ଥିବାରୁ ତାଙ୍କ ସ୍ଥାନରେ ଶକ୍ତି ବିଭାଗର ପ୍ରମୁଖ ସଚିବ ନିକୁଞ୍ଜ କିଶୋର ଧଳ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱରେ ରହିଥିଲେ ।




ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଶ୍ରୀ ଧଳଙ୍କଠୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ କାଢ଼ି ନିଆଯାଇଛି। ଏଣିକି ସ୍ୱାସ୍ଥ୍ୟ ବିଭାଗର ସଚିବ ଦାୟିତ୍ୱ ଶ୍ରୀମତୀ ପଣ୍ଡିତ ତୁଲାଇବେ । ଶ୍ରୀ ଧଳ ଶକ୍ତି ବିଭାଗ ସହ ଅତିରିକ୍ତ ଭାବେ ଅବକାରୀ ସଚିବ ଓ ଗ୍ରୀଡ଼କୋ ଅଧ୍ୟକ୍ଷ ଦାୟିତ୍ୱରେ ରହିବେ ।

୧୯୯୬ ବ୍ୟାଚ୍ ଆଇଏଏସ୍ ତଥା କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କଠୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ କାଢ଼ି ନିଆଯାଇ ତାଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ସେ ଉଭୟ ବିଭାଗ ଦାୟିତ୍ୱରେ ରହିବେ ।

ସେହିପରି ୧୯୯୯ ବ୍ୟାଚ୍ ଆଇଏଏସ୍ ଭାସ୍କରଜ୍ୟୋତି ଶର୍ମାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ପଦରୁ ହଟାଇ ଦିଆଯାଇଛି । ସେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସଚିବ ଭାବେ କାର୍ଯ୍ୟ କରିବେ । ସେ ଅତିରିକ୍ତ ଭାବେ ବିଜ୍ଞାନ ଓ ବୈଷୟିକ ବିଭାଗର ସଚିବ ଦାୟିତ୍ୱ ତୁଲାଇବେ । ଶ୍ରୀ ଶର୍ମାଙ୍କ ସ୍ଥାନରେ ୧୯୯୯ ବ୍ୟାଚ୍ ଆଇଏଏସ୍ ଶୁଭା ଶର୍ମା ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଭାବେ କାର୍ଯ୍ୟ କରିବେ । ସେହିପରି ୧୯୯୮ ବ୍ୟାଚ୍ ଆଇଏଏସ୍ ସୁରେଶ କୁମାର ବଶିଷ୍ଠଙ୍କୁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଭାଗର ସଚିବ ଭାବେ କାର୍ଯ୍ୟ କରୁଥିଲେ ।

ସେହିପରି ୨୦୦୮ ବ୍ୟାଚ୍ ଆଇଏଏସ୍ ଗୁହା ପୁନମ ତାପସ କୁମାରଙ୍କୁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି । ସେ ଓରମାସ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ୨୦୧୦ ବ୍ୟାଚ୍ ଆଇଏଏସ୍ ଡଃ ବୃନ୍ଦା ଡିଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ)ର ମିଶନ ନିର୍ଦ୍ଦେଶିକା ଭାବେ ନିଯୁକ୍ତି ମିଳିଛି । ସେ ଅତିରିକ୍ତ ଭାବେ ଓଡ଼ିଶା ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଓ ଖାଦ୍ୟ ନିରାପତ୍ତା କମିଶନର ଭାବେ କାର୍ଯ୍ୟ କରିବେ ।

ସେହିପରି ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ଆଇଆରଟିଏସ୍ ଅଫିସର ସଞ୍ଜୟ କୁମାର ମିଶ୍ରଙ୍କୁ ଅତିରିକ୍ତ ଭାବେ ଓପିଟିସିଏଲ୍ ପରିଚାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଦାୟିତ୍ୱ ନ୍ୟସ୍ତ ହୋଇଛି ।

ସେହିପରି ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ବରିଷ୍ଠ ଓଏଏସ୍ ସରୋଜ କୁମାର ମିଶ୍ରଙ୍କୁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି । ସେ ପୂର୍ବଭଳି ଗୃହ ବିଭାଗର ସ୍ୱତନ୍ତ୍ର ସଚିବ(ପ୍ରୋଟୋକଲ)ର ଅତିରକ୍ତ ଦାୟିତ୍ୱ ତୁଲାଇବେ ।

## ରେରା ନିୟମାବଳୀ-୨୦୧୭ରେ ସଂଶୋଧନ, ଏଣିକି ହୋଇପାରିବ ଆପାର୍ଟମେଂଟ କିଣାବିକା

ଭୁବନେଶ୍ୱର : ଅଗଷ୍ଟ ୫ ତାରିଖରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ରାଜ୍ୟରେ ଆପାର୍ଟମେଂଟ ଖରିଦ-ବିକ୍ରିରେ ରୋକ ଲାଗିଯାଇଥିଲା। ରାଜ୍ୟ ସରକାର ଏବେ ରେରା ନିୟମାବଳୀ-୨୦୧୭ରେ ସଂଶୋଧନ ଆଣି ବିଜ୍ଞପ୍ତି ପ୍ରକାଶ କରିଥିବାରୁ ପୁଣି ଥରେ ଫ୍ଲାଟ କିଣାବିକା ହୋଇପାରିବ। ତେବେ ପ୍ରମୋଟରମାନେ ଓରେରା (ଓଡ଼ିଶା ରିଏଲ ଇଷ୍ଟେଟ ଅଥରିଟି)ଙ୍କ ନିୟମ ପୂରଣ ନ କରି ଫ୍ଲାଟ ବା ଆପାର୍ଟମେଂଟ କିଣା-ବିକା କରିପାରିବେ ନାହିଁ।



ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ରେରା ନିୟମାବଳୀ-୨୦୧୭କୁ ଅଧିକ ସୁସଂଗତ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ସେପଟେମ୍ବର ୧୨ ତାରିଖରେ ସଂଶୋଧିତ ନିୟାମାବଳୀ-୨୦୨୨ ଗେଜେଟ ବିଜ୍ଞପ୍ତି ପ୍ରକାଶିତ ହୋଇଛି।

ଓଡ଼ିଶା ରିଅଲ ଇଷ୍ଟେଟ୍? (ନିୟମାବଳୀ ଏବଂ ବିକାଶ) ସଂଶୋଧିତ ନିୟମ-୨୦୨୨ରେ ଗ୍ରାହକଙ୍କ ପାଇଁ ବ୍ୟାପକ ସୁବିଧା କରାଯାଇଛି। ଯେପରି ରିଅଲ ଇଷ୍ଟେଟ୍ ସଂସ୍ଥା କ୍ରେତାଙ୍କୁ ଅତିରିକ୍ତ ଦେୟ ଚାର୍ଜ କରି ଠକି ପାରିବେନି ସେନେଇ ନିୟମରେ ସଂଶୋଧନ ଅଣାଯାଇଛି। ସେମାନେ ଘର ବା ପ୍ରକଳ୍ପ ତିଆରି ପରେ କୌଣସି ଡେଭଲପମେଣ୍ଟ ଚାର୍ଜ ନେଇପାରିବେ ନାହିଁ। ରିଅଲଇଷ୍ଟେଟ୍ ସଂସ୍ଥା ଘରର ନିର୍ମାଣ ଖର୍ଚ୍ଚ, ଟିକସକୁ ମିଶାଇ ଘରର ମୂଲ୍ୟ ଧାର୍ଯ୍ୟ କରିବେ।

**ସଂଶୋଧିତ ନିୟାମାବଳୀ-୨୦୨୨ ଗେଜେଟ ।**

ଆପାର୍ଟମେଣ୍ଟରେ ସର୍ବସାଧାରଣ ବ୍ୟବହାର ପାଇଁ ଥିବା ଅଞ୍ଚଳଗୁଡ଼ିକୁ ବିଲଡର ଅଲଗା କରି ବିକି ପାରିବେ ନାହିଁ। ଆପାର୍ଟମେଣ୍ଟ ତିଆରି ପରେ ସର୍ବସାଧାରଣ ଅଂଚଳକୁ କ୍ରେତାମାନଙ୍କ ଆସୋସିଏନକୁ ହସ୍ତାନ୍ତର କରିବେ। ଅକୁପାନ୍ସି ସାର୍ଟିଫିକେଟ୍ ପାଇବାର ୩୦ ଦିନ ଭିତରେ ପ୍ରମୋଟର ସର୍ବସାଧାରଣ ସ୍ଥାନକୁ ଘର କ୍ରେତାଙ୍କ ଦ୍ୱାରା ଗଠନ ହୋଇଥିବା ଆସୋସିଏନକୁ ହସ୍ତାନ୍ତର କରିବେ। ଘର/ଜମି କିଣିବା ପାଇଁ ଯିଏ ବୁକିଂ କରିଥିବେ ?ସିଏ ଘର କାମ ବୁଲିକି ଦେଖିପାରିବେ।

ସୂଚନାଯୋଗ୍ୟ, ସେପଟେମ୍ବର ୬ ତାରିଖରେ 'ଜମି ବିକ ନେହେଲେ ବାଟ ବନ୍ଦ' ଶୀର୍ଷକରେ ଏକ ଖବର ପ୍ରସାରଣ ହେବା ସହ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ଓରେରାର ବିନା ଅନୁମତିରେ ଫ୍ଲାଟ ବିକ୍ରି କଥା ଉଲ୍ଲେଖ କରାଯିବା ସହ ଗ୍ରାହକ ଓ ଜମି ମାଲିକ କିଭଳି ଶୋଷଣ ଶିକାର ହେଉଛନ୍ତି ଦର୍ଶାଯାଇଥିଲା। କଟକରେ ଅବସ୍ଥାପିତ ରାଜସ୍ୱ ବିଭାଗର ମହାନୀରକ୍ଷିକ ଜ୍ୟୋତି ପ୍ରକାଶ ଦାସ କହିଥିଲେ ହାଇକୋର୍ଟଙ୍କ ରାୟ ପରେ ସରକାରୀ ସ୍ତରରେ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି।

## ବର୍ଷା ଜଳ ସଂରକ୍ଷଣ ପାଇଁ ନୂଆ ଯୋଜନା 'ଛତା'

ଭୁବନେଶ୍ୱର: ନିଜର ପରିଚାଳନାଗତ ତ୍ରୁଟି ପାଇଁ ବର୍ଷା ଜଳ ସଂରକ୍ଷଣ ଯୋଜନାକୁ ସଫଳ କରିପାରିନଥିବା ରାଜ୍ୟ ସରକାର ଏବେ ପୁଣି ନୂଆ ବୋତଲରେ ପୁରୁଣା ମଦ ପୁରାଇ ନିଜର ପ୍ରଚାରପ୍ରସାର କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଏଥିପାଇଁ 'କମ୍ୟୁନିଟି ହାର୍ଭେସିଙ୍ଗ ଆଣ୍ଡ ହାରଭେଷ୍ଟିଙ୍ଗ ରେନ ୱାଟର ଆର୍ଟିଫିସିଆଲି ଫର୍ମ ଟେରାସ ଟୁ ଆକ୍ୱିଫାୟାର' (ଛତା) ନାମରେ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ଗତକାଲି ଏନେଇ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ବିଧିବଦ୍ଧ ସଂକଳ୍ପ ଜାରି ହୋଇଛି । ତେବେ ଗତ ୫ବର୍ଷ ଧରି ସରକାରୀ କୋଠାରେ ବର୍ଷା ଜଳ ସଂରକ୍ଷଣ ଯୋଜନା କରିବାରେ ବିଫଳ ଥିବା ଜଳସମ୍ପଦ ବିଭାଗ ଏବେ 'ଛତା' ନାଁରେ ୫ବର୍ଷିଆ ଯୋଜନା ଆଣି ସଫଳ ହେଉଛି ନା କେବଳ ଅର୍ଥ ଶ୍ରାଦ୍ଧ କରୁଛି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଜାରି ସଂକଳ୍ପ ଅନୁସାରେ ବର୍ଷା ଜଳ ସଂରକ୍ଷଣ ପାଇଁ 'ଛତା' ଯୋଜନା ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ୨୭ଟି ସହର ଓ ୫୨ଟି ଜଳାଭାବ ରହୁଥିବା ବ୍ଲକର ମୋଟ ୨୯୫୦୦ ଘରୋଇ କୋଠା ଓ ୧୯୨୫ଟି ସରକାରୀ କୋଠାରେ ଏହି ବର୍ଷା ଜଳ ସଂରକ୍ଷଣ କରାଯିବ । ଏଥିପାଇଁ ୨୭୦କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ହୋଇଛି । ଏହି ଛତା ଯୋଜନାରେ ମୋଟ ୩୭୩.୫୨କୋଟି ଲିଟର ବର୍ଷା ଜଳ ସଂରକ୍ଷଣ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରତ୍ୟେକ କୋଠାରେ ପ୍ରାୟ ୪.୩୧ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହା କରାଯିବ ବୋଲି ଜଣାପଡ଼ିଛି । ଏହି ରୁଫଟପ୍ ବର୍ଷା ଜଳ ସଂରକ୍ଷଣ ପାଇଁ ବିଭାଗ ପକ୍ଷରୁ 'ଛତା' ଯୋଜନା ଚଳିତ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେବ । ତେବେ ପ୍ରଶ୍ନ ଉଠୁଛି, ବର୍ଷା ଜଳ ସଂରକ୍ଷଣ ସମସ୍ତ ସରକାରୀ କୋଠାରେ ୨୦୨୦ ମସିହା ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖିଥିବା ଜଳସମ୍ପଦ ବିଭାଗ କାହିଁକି ଏପର୍ଯ୍ୟନ୍ତ ସେଥିରେ ସଫଳ ହୋଇପାରିନି ଓ କେନ୍ଦ୍ର ସରକାର ଏଥିପାଇଁ ଯୋଗାଉଥିବା ଅନୁଦାନ କେଉଁଆଡ଼େ ବିନିଯୋଗ ହେଉଛି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

## ଚାଲି ଚାଲି ଯିବା ପାଇଁ ଜାତୀୟ ଓ ରାଜ୍ୟ ରାଜପଥରେ ରହିବ ସ୍ୱତନ୍ତ୍ର ଟ୍ରାକ୍ ?

ଭୁବନେଶ୍ୱର: ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ରହିବ ସ୍ୱତନ୍ତ୍ର ଟ୍ରାକ୍। ଯେଉଁଥିରେ କେବଳ ପଥଚାରୀ ଚାଲିବେ। ଠିକ୍ ସେମିତି ସାଇକେଲ ଚାଳକଙ୍କ ପାଇଁ ମଧ୍ୟ ରହିବ ସ୍ୱତନ୍ତ୍ର ଟ୍ରାକ୍। କିନ୍ତୁ ସେହି ରାସ୍ତାରେ ଯାନବାହନ ଯାଇପାରିବ ନାହିଁ। ରାଜ୍ୟର ସବୁ ସଡକରେ ଏଭଳି ଡିଜାଇନ୍ ରହିବ। ଦୁର୍ଘଟଣା ରୋକିବା ଲାଗି ପରିବହନ ବିଭାଗ ରାଜ୍ୟ ମୋଟର ଭେଇକିଲ୍ ଆକ୍ଟ ୧୯୯୩ରେ ସଂଶୋଧନ କରି ଏହି ନିୟମ ଲାଗୁ କରିବାକୁ ଯାଉଛନ୍ତି। ସେଥିପାଇଁ ବିଭାଗ ପ୍ରସ୍ତୁତ କରିଛି ଡ୍ରାଫ୍ଟ ପଲିସି।

ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ପଥଚାରୀ ଓ ସାଇକେଲ ଚାଳକ ଯାଉଥିବାରୁ ଅଧିକାଂଶ ସମୟରେ ଭିଡ଼ ହେଉଛି। ତା'ଛଡ଼ା ଯାନବାହାନର ଦ୍ରୁତ ଗତି ଯୋଗୁ ପଥଚାରୀ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଯାହାକୁ ରୋକିବା ଲାଗି ପରିବହନ ବିଭାଗ ଡ୍ରାଫ୍ଟ ପଲିସି ପ୍ରସ୍ତୁତ କରି ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ପାଖକୁ ମତାମତ ପାଇଁ ପଠାଇଛି। ଖାଲି ସେତିକି ନୁହେଁ, ଯେଉଁସବୁ ସ୍ଥାନରେ ନୂଆ ରାସ୍ତା ହେବ, ସେଠାରେ ଠିକାଦାର ପଥଚାରୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରାକ୍ କରିବେ। ଡିଜାଇନ୍‌ରେ ରାସ୍ତା ତିଆରି କରିବେ। ନଚେତ ପ୍ରକଳ୍ପ ମୂଲ୍ୟର ଏକ ପ୍ରତିଶତକୁ ଫାଇନ୍? ଆକାରରେ କଟାଯାଇ ରୋଡ୍? ସେଫଟି ଫଣ୍ଡରେ ଜମା କରାଯିବ ଡ୍ରାଫ୍ଟ ପଲିସିରେ କୁହାଯାଇଛି।

ସେହିପରି ଜାତୀୟ ରାଜପଥରେ ପ୍ରତି ୨ କିଲୋମିଟର ବ୍ୟବଧାନରେ ପଥଚାରୀ ରାସ୍ତା ପାର ହେବା ଲାଗି ଫୁଟ୍ ଓଭରବ୍ରିଜ, ସବ୍‌ୱେ ଓ କ୍ରସ୍ ୱେର ବ୍ୟବସ୍ଥା



କରିବାକୁ କୁହାଯାଇଛି। ଏଭଳି ଯୋଜନାକୁ ସଡ଼କ ସୁରକ୍ଷା କର୍ମୀ ସ୍ୱାଗତ କରିଥିବା ବେଳେ ରାସ୍ତାକଡ଼ରେ ଜବରଦଖଲ ଉଚ୍ଛେଦ ବଡ଼ ଚାଲେଞ୍ଜ ହେବ ବୋଲି ମତ ରଖିଛନ୍ତି। ତେବେ ଏନେଇ ପରିବହନ ବିଭାଗର ପ୍ରତିକ୍ରିୟା ମିଳିପାରି ନାହିଁ। ରାଜ୍ୟର ପ୍ରତି ସ୍ଥାନରେ ସଡ଼କ ପରିବହନଜନିତ ତ୍ରୁଟି ପାଇଁ ଅକାଳରେ ହଜାର ହଜାର ଲୋକଙ୍କର ଦୁର୍ଘଟଣାରେ ପ୍ରାଣ ଯାଉଛି। କେଉଁଠି ରାସ୍ତା ଉପରେ ପାର୍କିଂ, ତ ଆଉ କେଉଁଠି ସାଇକେଲ୍ ଟ୍ରାକ୍‌ରେ ଗଡୁଛି ବାଇକ୍। ରଙ୍ଗ ଡ୍ରାଇଭ୍ ମଧ୍ୟ ପ୍ରାଣଘାତୀ ସାବ୍ୟସ୍ତ ହେଉଛି। ରାଜ୍ୟରେ ଯଥେଷ୍ଟ ଫୁଟ୍ ଓଭର ବ୍ରିଜ ଯଦିଓ ନାହିଁ, ଯେଉଁ ସବୁ ସ୍ଥାନରେ ଅଛି, ସେଠାରେ ଲୋକ ସେତେଟା ବ୍ୟବହାର କରୁନାହାଁନ୍ତି। ଜାତୀୟ ରାଜପଥକୁ ସଂଯୋଗ କରୁଥିବା ସର୍ଭିସ ରୋଡ୍ ମଧ୍ୟ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଥିବା ଆଲୋଚନା ହେଉଛି। ତେବେ ପରିବହନ ବିଭାଗର ଡ୍ରାଫ୍ଟ ପଲିସି ଲାଗୁ ହେଲେ ଦୁର୍ଘଟଣା ମାତ୍ରାରେ ରୋକ ଲାଗି ପାରିବ ବୋଲି ମତ ରଖିଛନ୍ତି ସାଧାରଣ ଲୋକେ।

୨୦୧୪ ମସିହାରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୩,୯୩୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୧ରେ ଏହା ୫ ହଜାର ୮୧ରେ ପହଞ୍ଚିଛି। ଏହାର ଅର୍ଥ ୭ ବର୍ଷରେ ଏହା ୨୯ ପ୍ରତିଶତ ବଢ଼ିଛି। ସେହିପରି ଚଳିତ ବର୍ଷ ଜାନୁଆରୀରୁ ଜୁନ ଯାଏ ୬ ହଜାର ୨୯ ଟି ଦୁର୍ଘଟଣା ରାଜ୍ୟର ବିଭିନ୍ନ ସ୍ଥାନରେ ଘଟିଛି। ଯେଉଁଥିରୁ ୨ ହଜାର ୮୪୯ ଜଣଙ୍କ ମୃତ୍ୟୁ।

## ଅସହାୟଙ୍କୁ ସାହା ମଧୁସୂଦନ

ଭଦ୍ରକ: ୨ କୁନି ଶିଶୁଙ୍କ ଛାଡ଼ି ମା'ର ଦଶାହ ଦିନ ଚାଲିଗଲା ବାପା । ଏହି ମୃତ୍ୟୁ ଖବର ଶୁଣି ସମସ୍ତେ ଆହା, ଚୁ.. ଚୁ କଲେ। ସମବେଦନା ଜଣାଇଲେ। ହେଲେ ୭୦ ବର୍ଷୀୟ ଜଣେ ଅପରିଚିତ ବୃଦ୍ଧ ବ୍ୟକ୍ତି ୩୫୦ କିଲୋମିଟର ଦୂରରୁ ଲୁନାରେ ପହଞ୍ଚି ୨ ଶିଶୁଙ୍କ ପାଳନପୋଷଣ ପାଇଁ ୧୦ ହଜାର ଟଙ୍କା ସହାୟତା ଦେଇଛନ୍ତି। ଯାହାକୁ ନେଇ ସମସ୍ତଙ୍କ ମୁଁହରେ ଗୋଟିଏ କଥା; ମାନବିକତା ଏବେବି ବଞ୍ଚିଛି। ଗାନ୍ଧି, ଗୋପବନ୍ଧୁ ସିନା ନାହାନ୍ତି, ହେଲେ ମଣିଷ ପ୍ରତି ମଣିଷର ନିସ୍ୱାର୍ଥପର ଭଲପାଇବା ଏବେ ବି ଉଜାଗର ରହିଛି। ୩୫୦ କିମି ଯାତ୍ରା କରି ସହାୟତାର ହାତ ବଢ଼ାଇଥିବା ବ୍ୟକ୍ତି ଜଣକ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ୭୦ବର୍ଷୀୟ ମଧୁସୂଦନ ପାତ୍ର। ଯାହାକୁ ନେଇ ଏବେ ଢେର ଚର୍ଚ୍ଚା।

ସୂଚନା ଥାଉକି, ଗତ ୨ତାରିଖ ଦିନ ଭଦ୍ରକ ବ୍ଲକ ଅଧୀନ ବଣିଆ ପଞ୍ଚାୟତ ପେଡାସାହିର ଇତିଶ୍ରୀ ପଡ଼ାଙ୍କ ଶୁଦ୍ଧିକ୍ରିୟା ଚାଲିଥିବା ବେଳେ ନରହରି ପେଡ଼ାଙ୍କ ମୃତ୍ୟୁ ହୋଇଥିଲା। ଏହା ପରିବାର ଓ ବନ୍ଧୁ ପରିଜନ ଭିତରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା। ଦୁଇ ଶିଶୁ ଓ ମୃତ ନରହରିଙ୍କ ବୃଦ୍ଧ ବାପାଙ୍କ ଦାୟିତ୍ୱ କିଏ ବୁଝିବ ତାହାକୁ ନେଇ ସମସ୍ତେ ଚିନ୍ତାରେ ପଡ଼ିଥିଲେ।

ଏ ଘଟଣାକୁ ଗଣମାଧ୍ୟମରୁ ଖବର ପାଇଥିଲେ ମଧୁସୂଦନ। ଯାହା ପରେ ସେ ମୃତ ନରହରିଙ୍କ ପରିବାର ନିକଟରେ ଆଜି ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ମଧୁସୂଦନଙ୍କ କାନକୁ କିଛି ଶୁଭୁ ନ ଥାଏ। ହେଲେ ଲେଖିଦେଲେ



ସବୁ ପଢ଼ି ବୁଝି ପାରନ୍ତି। ଚମ ଧୁଡୁଧୁଡୁ ହେଉଥିଲେ ହେଁ ଯୁବକ ପରି ମନରେ ଅଦମ୍ୟ ଇଚ୍ଛା ଶକ୍ତି। ତେଣୁ ସେ ଗଞ୍ଜାମରୁ ଭଦ୍ରକ ୩୫୦ କିମି ରାସ୍ତାକୁ ଅତିକ୍ରମ କରି ପେଡ଼ାସାହିରେ ପହଞ୍ଚିଛନ୍ତି। ମଧୁସୂଦନଙ୍କ ଏଭଳି ସହାୟତାର ଇଚ୍ଛା ସମସ୍ତଙ୍କ ନିକଟରେ ଉଦାହରଣ ସୃଷ୍ଟି କରିଛି। ସେହିପରି ସେ ସେ ଦୀର୍ଘ ୩୦୦ରୁ ଊର୍ଦ୍ଧ୍ୱ କିଲୋମିଟର ଅତିକ୍ରମ କରି ଜଗସିଂହପୁରର କୁଜଙ୍ଗ ବ୍ଲକ ପଙ୍କଳ ପଞ୍ଚାୟତ ଜନପାଳ ଗ୍ରାମରେ ପହଁଚି ଗନ୍ଧର୍ବ ଜେନାଙ୍କ ପରିବାକୁ ୧୦ ହଜାର ଟଙ୍କା ସହାୟତା ଦେଇଛନ୍ତି। ଗନ୍ଧର୍ବ ଜେନାଙ୍କ ମୃତ୍ୟୁ ପରେ ତାଙ୍କ ତିନି ଝିଅ ଅସହାୟ ହୋଇପଡ଼ିଥିବା ଖବର ପଢ଼ିବା ପରେ ସେ ସହାୟତା କରିବାକୁ ଯାଇଥିବା ଜଣାପଡ଼ିଛି।

ଖବର ନେବାରେ ଜଣାପଡ଼ିଛି ମଧୁସୂଦନ ମାଇନର ଇରିଗେସନ ବ୍ରହ୍ମପୁର ଡିଭିଜନରେ ଅମିନ ଭାବେ ୨୫ ବର୍ଷ କାମ କରି ୧୯୯୬ ମସିହା ଏପ୍ରିଲ ମାସରେ ଅବସର ନେଇଥିଲେ। ତାଙ୍କ କହିବା ଅନୁଯାୟୀ ସେଠାରୁ ହିଁ ଆରମ୍ଭ ହେଲା ପାରିବାରିକ କଳହ ଓ ପରେ ସେ ୧୯୯୭ ମସିହାରେ ଘର ଛାଡ଼ି ସନ୍ନ୍ୟାସୀ ଭଳି ଜୀବନ ବିତାଉଛନ୍ତି। ଏବେ ସେ ଗଞ୍ଜାମ ଜିଲ୍ଲା ବୁଗୁଡା ବ୍ଲକ ବିରଞ୍ଚିପୁର ବ୍ରହ୍ମପୁର କୈବର୍ତ୍ତ୍ୟ ସମାଜର କୋଠ ଘରେ ରୁହନ୍ତି। କିନ୍ତୁ ସେ ଖବର ପଢ଼ି ଯାହାର ଦୁଃଖ କଥା ଦେଖନ୍ତି ତାକୁ ସାହାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତି।

ସେ କାହିଁକି ଏଭଳି କରନ୍ତି ପ୍ରଶ୍ନ କଲେ କୁହନ୍ତି ଆତ୍ମସନ୍ତୋଷ ଲାଗେ। ତେଣୁ ଏସବୁ କରେ। କାହା ଦୁଃଖ ଦେଖିଲେ ସହି ହୁଏନି। କ'ଣ କରିବା ଯାହା ପେନସନ ପାଉଛି, ସେହି ଟଙ୍କାରେ ଲୋକଙ୍କୁ ସାହାଯ୍ୟ କଲେ କ'ଣ ଅସୁବିଧା। ମୁଁ ପୁଣି ଏସବୁକୁ କେଉଁ ମୁଣ୍ଡରେ ନେଇ ଯିବି କି ?

## ନିଟ୍ ୟୁଜି ରେଜଲ୍ଟ : ପ୍ରିୟ ସୋମଦତ୍ତ ନାୟକ ଓଡ଼ିଶା ଟପ୍ପର

ଭୁବନେଶ୍ୱର: ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ?ରେ ଓଡ଼ିଶାରୁ ଟପ୍ପର ହୋଇଛନ୍ତି ପ୍ରିୟ ସୋମଦତ୍ତ ନାୟକ। ସେ ୭୨୦ରୁ ୭୦୫ ମାର୍କ ରଖିଛନ୍ତି। ତାଙ୍କର ଅଲ୍ ଇଣ୍ଡିଆ ରାଙ୍କ୍ ରହିଛି ୩୯। ପ୍ରିୟଙ୍କ ଘର ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ।

ପ୍ରିୟ କହିଛନ୍ତି, ମୋର ୭୦୦ରୁ ଅଧିକ ମାର୍କ ରହିବ ବୋଲି ଅଶା ରଖିଥିଲି। ମୁଁ ଦିଲ୍ଲୀ ଏମ୍ସରେ ଏବିବିଏସ କରିବାକୁ ଚାହୁଁଛୁ। ପିଲାବେଳୁ ମୋର ଡାକ୍ତର ହେବାର ସ୍ୱପ୍ନ ଥିଲା। ମୁଁ ଏହି ଶ୍ରେୟ ମୋ ବାପା, ମା' ଓ ଶିକ୍ଷକଙ୍କୁ ଦେବି।

# ପଟ୍ଟା ପାଉନାହାନ୍ତି ୨୦୪ ଭୂମିହୀନ



ଭୁବନେଶ୍ୱର: ଭୂମିହୀନଙ୍କ ପାଇଁ ସରକାରଙ୍କ ବିଶ୍ୱର ସର୍ବ ବୃହତ ଯୋଜନା। ମୁଣ୍ଡ ଉପରେ ଏହି ଯୋଜନା ପ୍ରଚାର କରିବାର ବିଶାଳ ବୋର୍ଡ। ଠିକ୍ ଏହା ତଳେ ବିପଦସଙ୍କୁଳ ଝୁପୁଡ଼ି। ଝୁପୁଡ଼ିରେ ମୁଣ୍ଡ ଗୁଞ୍ଜିଛନ୍ତି ବହୁ ପରିବାର। ଏହି ଚିତ୍ର ଦେଖିବାକୁ ମିଳିଛି ସୁବର୍ଣ୍ଣପୁର ଜିଲ୍ଲା ବିନିକା ସହରରେ। ଏଠାରେ ଏପରି ଶହ ଶହ ଲୋକ ରହୁଛନ୍ତି, ଯାହାଙ୍କ ନାମରେ ଚାରି ଆଙ୍ଗୁଳ ଜମି ନାହିଁ। ସରକାରୀ ବେନାମୀ ଜମିରେ ଭଙ୍ଗା ଦଦରା ଝାଟିମାଟି କୁଡିଆ ଘରେ ଅତି ଦୟନୀୟ ଅବସ୍ଥାରେ ସମସ୍ତେ ମୁଣ୍ଡ ଗୁଞ୍ଜିଛନ୍ତି। ବର୍ଷ ବର୍ଷ ଧରି ଭୂମିହୀନ ପଟ୍ଟା ପାଇବାକୁ ସଂଘର୍ଷ କରୁଛନ୍ତି। ଗତ ୨ ବର୍ଷ ହେଲା ସେମାନଙ୍କୁ କେବଳ ଏନଏସି ପ୍ରଶାସନ ତରଫରୁ ଯୋଗ୍ୟତା ପ୍ରମାଣ ପତ୍ର ଦିଆଯାଇଛି। କିନ୍ତୁ ଜମି ପଟ୍ଟା ଦିଆଯାଉନି। ବାରମ୍ବାର ପ୍ରଶାସନ ପାଖରେ ଦାବି କରିବା ସତ୍ତ୍ୱେ ସେମାନଙ୍କୁ ନିରାଶ ହେବାକୁ ପଡୁଛି।

ସୂଚନା ମୁତାବକ, ବିନିଆ ତଅଁଳାପଡାରରେ ପ୍ରାୟ ୩୧ ଜଣ ଭୂମିହୀନ ଦୀର୍ଘ ପ୍ରାୟ ୧୦୦ ବର୍ଷ ହେଲା ବସବାସ କରୁଛନ୍ତି। ସମସ୍ତେ ଭୂମିହୀନ। ଏମାନଙ୍କୁ ପଟ୍ଟା ଯୋଗାଇ ଦେବାକୁ ଜାଗା ମିଶନରେ ସାମିଲ କରାଯାଇଛି। ହେଲେ ବିନିକା ଏନଏସିର ଚିଠି ନଂ ୨୧୭, ୨୧ ଫେବୃଆର ୨୦୨୦ରେ ଏନଏସି ପ୍ରଶାସନ ତରଫରୁ କେବଳ ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଏ ପର୍ଯ୍ୟନ୍ତ ନା ସେମାନଙ୍କୁ ଜମି ପଟ୍ଟା ଦିଆଯାଉଛି, ନା ପକ୍କାଘର କାର୍ଯ୍ୟାଦେଶ।

ଲୋକଙ୍କ ସମସ୍ୟା ନେଇ ନିର୍ବାଚିନ ସ୍ଥାନୀୟ ଜନପ୍ରତିନିଧି ମଧ୍ୟ ଚୁପ୍। ନିର୍ବାଚନ ବୈତରଣୀ ପାର ହେବା ପରେ ନେତାଙ୍କ ଆଉ ଦେଖା ମିଳୁନି। ତେଣୁ ଲୋକେ କହିବେ କାହାକୁ, ଶୁଣିବ କିଏ। ଭାଗ୍ୟକୁ ଆଦରି କୁଡ଼ିଆ ଘରେ ପରିବାର ଧରି ମୁଣ୍ଡ ଗୁଞ୍ଜିଛନ୍ତି ସମସ୍ତେ।

ରାଜ୍ୟ ସରକାର ବସ୍ତିବାସିନ୍ଦାଙ୍କ ପାଇଁ ଜାଗା ମିଶନ ଜରିଆରେ ଭୂମିହୀନ ପ୍ରମାଣ ପତ୍ର ଓ ଆଦର୍ଶ ବସତି ତିଆରି ନିମନ୍ତେ ବିଶ୍ୱର ସର୍ବ ବୃହତ ଯୋଜନା ନାମରେ ଜାଗା ମିଶନ କରିଛନ୍ତି। କିନ୍ତୁ ସରକାରଙ୍କ ଏହି ଯୋଜନା ଉକ୍ତ ଭୂମିହୀନଙ୍କ ପାଇଁ ପ୍ରହସନ ପାଲଟିଛି।

କେବଳ ବିନିକା ସହରର ତଅଁଳାପଡା ନୁହେଁ। ଏଠାରେ ରହିଥିବା ଚଣ୍ଡିପଡା, ବେତ୍ରାପଡା, ମନୋହରିପଡା, ଉର୍ଲେ, କୋଲପଡା, ମିଶ୍ରପାଲି, ଜଗଦଲପୁର ଆଦି ବିଭିନ୍ନ ପଡାର ୨୦୪ ଜଣ ଭୂମିହୀନ ପଟ୍ଟା ପାଇବାରୁ ବଂଚିତ ରହିଛନ୍ତି। ଚଣ୍ଡିପଡାରେ ଦୁଇବର୍ଷ ତଳେ ଉଷା ସର୍ଭେ ହୋଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଏଠାର ଭୂମିହୀନମାନଙ୍କୁ ଜମିପଟ୍ଟା ଯୋଗାଇ ଦିଆଯାଉନାହିଁ। ଫଳରେ ଏମାନେ ସରକାରଙ୍କ ପକ୍କା ଘର ଯୋଜନା ସହ ଅନେକ ସରକାରୀ ଯୋଜନାରୁ ବାଦ ପଡିଛନ୍ତି।

ସେପଟେ ଏନଏସି ଅଫିସର ସରକାରୀ ବାବୁମାନେ ଏହି ଭୂମିହୀନଙ୍କ ତୁରନ୍ତ ପଟ୍ଟା ଦେବାକୁ ପ୍ରଲୋଭନ ଦେଇ ସେମାନଙ୍କ ପାଖରୁ ୨ଶହ ଟଙ୍କା ଲେଖାଏଁ ଲାଞ୍ଚ ଆଦାୟ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଅଭିଯୋଗ ଉପରେ ତଦନ୍ତ ମଧ୍ୟ ଶୂନ।

ଏନେଇ ବିନିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ ଭୂମିହୀନ ଓ ଗରିବ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରିବା ପରେ ଗୋଟିଏ ପ୍ରମାଣ ପତ୍ର ଦିଆଯାଇଛି। ଉଷା ସର୍ଭେ ବେଳେ ଚାଲିଥିବା ଡ୍ରୋନ୍ ସର୍ଭେରୁ ୨୦୪ ଜଣ ପରିବାର ବଞ୍ଚିତ ରହିଥିଲେ। ଏବାବଦରେ ସରକାରଙ୍କୁ ଜଣାଇବା ପରେ ଏବେ ମାନୁଆଲ ସର୍ଭେ ନିର୍ଦ୍ଦେଶ ଆସିଛି। ୫ ଦିନ ହେବ ଅମିନ ଓ ଆରଆଇ ସର୍ଭେ କାମ କରୁଛନ୍ତି। ଏହି ରିପୋର୍ଟକୁ ସରକାରଙ୍କ ନିକଟକୁ ପଠାଯିବ। ସରକାର ଅନୁମତି ଦେବା ପରେ ସେମାନଙ୍କୁ ମଧ୍ୟ ଜମି ପଟ୍ଟା ଯୋଗାଇ ଦିଆଯିବ।

ତଥ୍ୟ ମୁତାବକ, ଏଠାରେ ମୋଟ ୧୩୨୫ ପରିବାରଙ୍କୁ ଜମି ପଟ୍ଟା ଓ ପକ୍କାଘର କାର୍ଯ୍ୟାଦେଶ ଦିଆଯିବାକୁ ଥିବା ବେଳେ ଏଥିମଧ୍ୟରୁ ୮୭୮ ପରିବାରଙ୍କୁ ଏହା ବଣ୍ଟନ ସରିଛି। ଏବେ ୨୦୪ ପରିବାରଙ୍କୁ ଜମି ପଟ୍ଟା ଓ ପକ୍କା ଘର କାର୍ଯ୍ୟାଦେଶ ଦେବା ନିମନ୍ତେ ଜିଲ୍ଲାପାଳଙ୍କ ଠାରୁ ଅନୁମୋଦନ ଅପେକ୍ଷା ରହିଛି।

ଏନେଇ ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ କହିଛନ୍ତି, ବିନିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ସମନ୍ୱୟ ରକ୍ଷାକରି ଯୋଗ୍ୟ ଲୋକମାନଙ୍କୁ ଏଲ.ଆର.ସି ପଟ୍ଟା ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରାଯିବ।

## ଦେଢ଼ କିଲୋମିଟର ଦୂରରେ ଅଟକିଛି ବିକାଶ !



ନାରାୟଣପାଟଣା: ଦେଢ଼ କିଲୋମିଟର ଦୂରରେ ଅଟକିଛି ବିକାଶ ! ଯେଉଁଥିପାଇଁ ପଥୁରିଆ ଆବୁଡ଼ା ଖାବୁଡ଼ା ରାସ୍ତାରେ ଚାଲିଚାଲି ଯାଉଛନ୍ତି ୪ ଖଣ୍ଡ ଗାଁର ଲୋକ। ଏଥିପ୍ରତି ରାଜ୍ୟ ସରକାର ବା ଠିକା ସଂସ୍ଥା କାହାରି ନଜର ପଡୁନାହିଁ। ବିକାଶର ଏପରି ବିଚିତ୍ର ଚିତ୍ର ଆସିଛି ନକ୍ସଲ ପ୍ରବଣ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅଞ୍ଚଳରୁ।

ଲକ୍ଷ୍ମୀପୁର ବ୍ଲକ୍ ?ର ନକ୍ସଲ ପ୍ରବଣ ଗାଁ ହେଉଛି କେରିମିଟି, ମୁରଲାପୁଟ, ସାପାମ୍ବା ଓ ରୋହିଅମ୍ବା ଗାଁ। ଏହି ସବୁ ଗୁଡିକୁ ସଂଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ପ୍ରାୟ ତିନି କୋଟି ଟଙ୍କାର ରାସ୍ତା ନିର୍ମାଣକୁ ଟେଣ୍ଡର କରାଯାଇଥିଲା। ଟେଣ୍ଡର ନେଇ ଠିକା ସଂସ୍ଥା କାମ ଆରମ୍ଭ କଲା। ହେଲେ ମୋଟ୍ ? ୯ କିମି ରାସ୍ତାରୁ ପ୍ରାୟ ୮ କିମି ରାସ୍ତା ନିର୍ମାଣ କଲା। ବାକି ଦେଢ଼ କିମି ରାସ୍ତା ଅଧପନ୍ତରିଆ ଭାବେ ଛାଡ଼ିଦେଇ ଚାଲିଗଲା ଠିକା ସଂସ୍ଥା। ଯାହାଫଳରେ ୪ ଖଣ୍ଡ ଗାଁ ଏବେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବୃଦ୍ଧବୃଦ୍ଧା, ଗର୍ଭବତୀ ଓ ରୋଗୀମାନେ ନାକେଦମ୍ ହେଉଛନ୍ତି।

ନାରାୟଣପାଟଣା ବ୍ଲକ୍ ସୀମାନ୍ତକୁ ଲାଗିଥିବା ଏହି ଗାଁ ଗୁଡିକୁ ଯିବାକୁ ହେଲେ ପଟାମୁଣ୍ଡା ଦେଇ ଯିବାକୁ ପଡ଼ିଥାଏ। ତେବେ ପଟାମୁଣ୍ଡାଠାରୁ ଦେଢ଼ କିମି ଘାଟି ରାସ୍ତା ନିର୍ମାଣ ନ ହେବା ଯୋଗୁ ୪ ଖଣ୍ଡ ଗ୍ରାମର ଲୋକେ ବିଶେଷ କରି ବର୍ଷା ଦିନେ ବହୁ ଅସୁବିଧାରେ ପଡୁଛନ୍ତି। ନକ୍ସଲ ପ୍ରବଣ ଅଞ୍ଚଳ ଗୁଡିକୁ ମୁଖ୍ୟତଃ ଗମନା ଗମନ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଥିବା ବେଳେ ଦୁର୍ଗମ ପାହାଡିଆ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଅଧୁଷିତ ଏହି ୪ଟି ଗାଁର ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି।

ତେବେ ଏନେଇ ପୂର୍ତ୍ତ ବିଭାଗ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଏନେଇ ଲକ୍ଷ୍ମୀପୁରରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଲୋକେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳିନଥିବା ଲୋକମାନେ ଅଭିଯୋଗ କରିଛନ୍ତି। କେରିମିଟିକୁ ଛାଡ଼ିଦେଲେ ଅନ୍ୟ ଗାଁ ଗୁଡିକରେ ବିଦ୍ୟୁତ ଓ ପାନୀୟ ଜଳର ସମସ୍ୟା ଥିବା ଅଭିଯୋଗ ହେଉଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଲୋକେ ଦାବି କରିଛନ୍ତି।

### ପଛୁଆ ଜିଲ୍ଲାର କରୁଣ ଦୃଶ୍ୟ

## ଖଟିଆରେ ୧୫ କିମି ବୁହା ହେଲେ ଯନ୍ତ୍ରଣା ଜର୍ଜରିତ ଗର୍ଭବତୀ

କଳାହାଣ୍ଡି: ମିଳିଲାନି ଆମ୍ବୁଲାନ୍ସ। ଖଟିଆରେ ୧୫ କିମି ବୁହା ହେଲେ ଯନ୍ତ୍ରଣାରେ ଛଟପଟ ଗର୍ଭବତୀ। ପାହାଡ଼ିଆ ଚଲା ରାସ୍ତାରେ ତାଙ୍କୁ ବୋହି ଡାକ୍ତରଖାନା ଆଣିଛନ୍ତି ଗ୍ରାମବାସୀ। କଳାହାଣ୍ଡି ଜିଲ୍ଲା ଥୁଆ ମୂଳ ରାମପୁର ବ୍ଲକର ବିଚ୍ଛିନ୍ନାଞ୍ଚଳ କୁହାଯାଉଥିବା ପୋଡ଼ାପଦର ପଂଚାୟତର ଦୁର୍ଗମ ଉପର ପଙ୍ଗା ଗାଁରେ ଆଜି ଏଭଳି ଚିତ୍ର ଦେଖିବାକୁ ମିଳିଛି। ଗାଁ'ର ଗର୍ଭବତୀ ମହିଳା ଅଞ୍ଜଳୀ ହରିଜନଙ୍କୁ ଖଟିଆରେ ପ୍ରାୟ ୧୫କିଲୋମିଟର ପାହାଡିଆ ରାସ୍ତାରେ ଆଣାଯାଇଥିଲା।

ପରେ ତାଙ୍କୁ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଚାଲୁଥିବା ବୋଟ ଆମ୍ବୁଲାନ୍ସ ମଧ୍ୟମରେ ପଡ଼ୋଶୀ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳଖୁଣ୍ଟି ସରକାରୀ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି । ଗାଁକୁ ଭଲ ରାସ୍ତାଟିଏ ନ ଥିବାରୁ ଏହି ମା'ଙ୍କୁ ଏଭଳି ଯନ୍ତ୍ରାଣ ଭୋଗିବାକୁ ପଡ଼ିଥିବା ଅଭିଯୋଗ ହୋଇଛି। ଏକଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିବା ପରେ ରାଜ୍ୟ ସରକାରଙ୍କ ବିକାଶ କଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ଗର୍ଭବତିଙ୍କୁ ବୋହିବାରେ ସାହାଯ୍ୟ କରିଥିବା ପୋଡ଼ା ପଦର ପଞ୍ଚାୟତ ସମିତି ସଭ୍ୟ ଅକ୍ଷୟ ହରିଜନ କହିଛନ୍ତି, ସରକାରଙ୍କ ପଛୁଆ ଅଞ୍ଚଳର ବିକାଶ ନାରା ପ୍ରହସନ ପାଲଟିଛି। କଳାହାଣ୍ଡି ଆକାଂକ୍ଷା ଜିଲ୍ଲା ବୋଲି ସରକାର ଡିଣ୍ଡିମ ପିଟୁ ଥିବା ବେଳେ ଆଜି ବି ଲୋକେ ନାହିଁ ନ ଥିବାର ଅସୁବିଧା ଭୋଗୁଛନ୍ତି। ରାସ୍ତା ଖଣ୍ଡିଏ ପାଇଁ ହିନସ୍ତା ହେଉଛନ୍ତି ଶହ ଶହ ଲୋକେ। ଜିଲ୍ଲାର ବିଚ୍ଛିନ୍ନାଞ୍ଚଳରେ ବର୍ତ୍ତମାନ୍ ବି ରାସ୍ତା ଘାଟର ସୁବିଧା ନଥିବାରୁ ଗର୍ଭବତୀ ମହିଳାଙ୍କୁ ଭାରରେ ଆଣି ମେଡିକାଲରେ ଭର୍ତ୍ତି କରାଯାଉଛି। ତୁରନ୍ତ ସରକାର ପଛୁଆ ଅଞ୍ଚଳର ସବୁ ଗାଁକୁ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ ନିଅନ୍ତୁ।

## ନଳକୂଅ ଅଛି, ପାଣି ଆସୁନି; ଆଦିବାସୀ ହଷ୍ଟେଲ ଛାତ୍ରୀଙ୍କୁ ଭଗବାନ ଭରସା

ବାଲିଗୁଡ଼ା: ବୋର ୱେଲ ଅଛି, ହେଲେ ପାଣି ନାହିଁ। ନଳକୂଳ ଅଛି, ହେଲେ ପାଣି ବାହାରୁନି। ୩ ନଳକୂଅ ଭିତରୁ ୨ ଅଚଳ। ଯେଉଁ ଗୋଟିଏ ଅଛି, ୧୦ରୁ ୨୦ ବାଲ୍ ?ଟି ପାଣି ବାହାରିବା ପରେ ତାହା ଅଚଳ ହୋଇଯାଉଛି। ଫଳରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ବୁଡୁକିଆ ସେବାଶ୍ରମ ସ୍କୁଲର ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଦିବାସୀଙ୍କ ଛାତ୍ରଛାତ୍ରୀଙ୍କ ଏହି ସମସ୍ୟା ସମାଧାନ ନିମନ୍ତେ ବାରମ୍ବାର ଶିକ୍ଷା ବିଭାଗ ଅଧିକାରୀଙ୍କୁ ସୂଚିତ କରାଯାଇ ଥିଲେ ହେଁ ସେମାନେ ଦୃଷ୍ଟି ଦେଉନାହାନ୍ତି। ଫଳରେ ଟୋପାଏ ପିଇବା ପାଣି ପାଇବା ପାଇଁ



ଛାତ୍ରଛାତ୍ରୀମାନେ ନାହିଁ ନଥିବା ହିନସ୍ତା ହେଉଛନ୍ତି। ସେହିପରି ଏଠାରେ ରହିଥିବା ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲରେ ରହୁଥିବା ଛାତ୍ରୀଙ୍କୁ ସ୍ନାନଶୌଚ ହେବାକୁ ବାହାରକୁ ଯିବାକୁ ପଡୁଛି। ହଷ୍ଟେଲରେ ପାଣି ଉପଲବ୍ଧ ନ ଥିବାରୁ ସେମାନଙ୍କୁ ପ୍ରତିଦିନ ସଂଘର୍ଷ କରିବାକୁ ପଡୁଛି।

ସୂଚନା ମୁତାବକ, ଏହି ସେବାଶ୍ରମ ସ୍କୁଲରେ ରହି ପ୍ରାୟ ୧୪୦ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେବାଶ୍ରମ ସ୍କୁଲ ପରିସରରେ ଥିବା ଛାତ୍ରଛାତ୍ରୀଙ୍କ ସ୍ନାନଶୌଚ ସମେତ ପାନୀୟଜଳ ଆବଶ୍ୟକତା ପୂରଣ ନିମନ୍ତେ ୩ଟି ନଳକୂପ ଓ ଗୋଟିଏ ବୋରୱେଲ ଅଛି। ହେଲେ ୨ଟି ନଳକୂଅ ଦୀର୍ଘ ବର୍ଷ ହେବ ଅଚଳ ହୋଇପଡ଼ିଛି। ବୋରୱେଲ ବର୍ଷକ ୧୦ ମାସ ଅଚଳ ହୋଇପଡୁଛି। ଗୋଟିଏ ମାତ୍ର ନଳକୂଅରୁ ଅଳ୍ପ କିଛି ବାଲ୍ ?ଟି ପାଣି ବାହାରିବା ପରେ ମାଟିଆ ପାଣି ବାହାରୁଛି।

ପାନୀୟ ଜଳ ନିମନ୍ତେ ପ୍ରତିଦିନ ଛାତ୍ରଛାତ୍ରୀଙ୍କୁ ସଂଘର୍ଷ କରିବାକୁ ପଡୁଛି। ଏକମାତ୍ର ନଳକୂପ ପାଖରେ ପିଲାମାନେ ଦୀର୍ଘ ସମୟ ଧରି ଲାଇନ୍ ଲଗାଇ ଛିଡ଼ା ହେଉଛନ୍ତି। ବିଦ୍ୟୁତଜନିତ ସମସ୍ୟା ମଧ୍ୟ ଏଠାର ଅନେବାସୀଙ୍କ ନିମନ୍ତେ ଆଉ ଏକ ମୁଣ୍ଡ ବିନ୍ଧା ହୋଇ ଉଭା ହୋଇଛି। ଅଧିକାଂଶ ସମୟରେ ବିଦ୍ୟୁତ୍ କାଟ୍ ହେଉଛି। ଯେତିକି ସମୟ ରହୁଛି ଲୋଭୋଟେଜ୍ ଜନିତ ସମସ୍ୟା ଲାଗି ରହୁଛି। ତେଣୁ ବୋରିୱେଲ ମଧ୍ୟ ଠିକ୍ ଭାବେ କାମ କରୁନି।

# ମଧ୍ୟାହ୍ନଭୋଜନରେ ଛାତ୍ରଛାତ୍ରୀଙ୍କୁ ଦେଉଛନ୍ତି ପୋକରା ଚାଉଳ ଭାତ

ଉମରକୋଟ: ନିୟମ ରହିଛି ସରକାରୀ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ପୃଷ୍ଟିଯୁକ୍ତ ଚାଉଳର ଭାତ ମଧ୍ୟାହ୍ନ ଭୋଜନରେ ଦିଆଯିବ। ହେଲେ ଦିଆଯାଉଛି ପୋକରା ଚାଉଳର ଭାତ। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ମୁର୍ତ୍ତୁମା ନୋଡାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋକ ସାଲୁବାଲୁ ହେଉଥିବା ଚାଉଳକୁ ରାନ୍ଧି ଖାଇବାକୁ ଦିଆଯାଇଛି। ଯାହାକୁ ନେଇ ଆଜି ସ୍କୁଲରେ ଅଭିଭାବକମାନେ ପହଞ୍ଚି ହୋହଲ୍ଲା କରିବା ସହ ମଧ୍ୟାହ୍ନ ଭୋଜନ ଚାଉଳକୁ ଜବତ କରିଛନ୍ତି। ଅଭିଯୋଗ ମୁତାବକ, ସ୍କୁଲ କର୍ତ୍ତୃପକ୍ଷ ଓ ମଧ୍ୟାହ୍ନ ଭୋଜନ ରାନ୍ଧୁଥିବା ସ୍ୱୟଂସହାୟକ ଗୋଷ୍ଠୀ ଜାଣତରେ ଏଭଳି କାର୍ଯ୍ୟ ଚାଲିଛି। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଏହା ଯୋଗୁ ଖରାପ ହେବ ଜାଣି ମଧ୍ୟ ଏବାବଦରେ ସ୍କୁଲ କର୍ତ୍ତୃପକ୍ଷ କିମ୍ବା ମଧ୍ୟାହ୍ନ ଭୋଜନ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି।

ଅନ୍ୟପଟେ ପୋକରା ଚାଉଳକୁ ପଲିସିଂ କରିବା ପରେ ମଧ୍ୟାହ୍ନ ଭୋଜନ ରାନ୍ଧି ପିଲାମାନଙ୍କୁ ଦିଆଯାଉଥିବା କହିଛନ୍ତି ରାନ୍ଧିବା ଦାୟିତ୍ୱରେ ଥିବା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା। ମା' ଲକ୍ଷ୍ମୀ ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟ ସୁମିତ୍ରା ଘୋଷ କହିଛନ୍ତି, ବିଦ୍ୟାଳୟକୁ ଏକକାଳୀନ ୩ ମାସର ଚାଉଳ ଦିଆଯାଉଥିବାରୁ ସଂରକ୍ଷଣ ଅଭାବରୁ ଚାଉଳ ବସ୍ତା ଭିତରେ ପୋକ ଲାଗି ଯାଉଛି। ଯାହାକୁ ସେମାନେ ପଲିସିଂ କରିବା ପରେ ରାନ୍ଧି ପିଲାଙ୍କୁ ଖାଇବାକୁ ଦେଉଛନ୍ତି। ଏହାକୁ ନେଇ ମଧ୍ୟାହ୍ନ ଭୋଜନ ତଦାରଖ ଦାୟିତ୍ୱରେ ଅଧିକାରୀଙ୍କ ଦାୟିତ୍ୱହୀନତା ଉପରେ ପ୍ରଶ୍ନବାଚୀ ସୃଷ୍ଟି



ହୋଇଛି।

ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିବା ଖବର ପାଇ ଉମରକୋଟ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ମାଝୀ ଉକ୍ତ ବିଦ୍ୟାଳୟକୁ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ସେ କହିଛନ୍ତି, ମୁଁ ଦେଖିବାକୁ ପାଇଛି ପିଲାମାନଙ୍କୁ ପୋକଡା ଚାଉଳ ପଲିସିଂ କରି ଖାଇବାକୁ ଦିଆଯାଉଛି। ଏହି ଚାଉଳକୁ ବନ୍ଦ କରି ଭଲ ଚାଉଳ ମଧ୍ୟାହ୍ନ ଭୋଜନ ରାନ୍ଧିବାକୁ ଯୋଗାଇ ଦିଆଯିବ। ଏନେଇ ସେ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦେବେ। ଶିକ୍ଷାଧିକାରୀ ଏ ବାବଦରେ କାର୍ଯ୍ୟାନୁଷ୍ଠାନ ନେବେ।

ଛାତ୍ରୀ ସ୍ନେହା ରାୟ କହିଛନ୍ତି, ଏଭଳି ଅଖାଦ୍ୟ ଦିଆଯାଉଥିବାରୁ ଅଧିକାଂଶ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଉନାହାନ୍ତି। ସରକାର ତୁରନ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପୃଷ୍ଟିକର ଖାଦ୍ୟ ପ୍ରଦାନ ବ୍ୟବସ୍ଥା କରିବା ଉଚିତ।

ଅଭିଭାବକ ମୃତ୍ୟୁଞ୍ଜୟ କିର୍ତ୍ତନିୟା ଓ ସମିତି ସଭ୍ୟ ସନ୍ତୋଷ ରାୟ କହିଛନ୍ତି, ଛାତ୍ରଛାତ୍ରୀଙ୍କୁ ଏଭଳି ଅଖାଦ୍ୟ ଦେଇ ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ଅପେକ୍ଷା ମଧ୍ୟାହ୍ନ ଭୋଜନ ବନ୍ଦ କରି ଦିଆଯାଉ। ସରକାର ଅଯଥା ବାଃ ବାଃ ନେବାକୁ ପ୍ରହସନ କରନ୍ତୁନି। ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ।

ସୂଚନା ଥାଉକି, ରାଜ୍ୟର ସମସ୍ତ ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଏକ ସୁନ୍ଦର ଶୈକ୍ଷିକ ପରିବେଷରେ ଗୁଣାତ୍ମକ ଶିକ୍ଷାଦାନ ସହ ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ ପାଠ ଛାଡୁଥିବା ପିଲାଙ୍କୁ ସ୍କୁଲ ଆଣିବା ନିମନ୍ତେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ କରାଯାଇଛି। ହେଲେ ବ୍ୟବସ୍ଥାରେ ଅବ୍ୟବସ୍ଥା ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷର କାରଣ ହୋଇଛି। ପୋକରା ଚାଉଳ ଖାଇ ସ୍ୱାସ୍ଥ୍ୟ ଖରାପ ହେଉଥିବାରୁ ଅନେକ ଛାତ୍ରଛାତ୍ରୀ ଏଠାରେ ମଧ୍ୟାହ୍ନ ଭୋଜନ ଖାଉନାହାନ୍ତି। କିଏ ଘରୁ ଟିଫିନ୍ ଆଣି ଆସୁଛି ତ, କିଏ ସ୍କୁଲ ପାଖ ଦୋକାନରୁ ଜଳଖିଆ କିଣି ଖାଇ କାମ ଚଳାଇ ଦେଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଗରିବ ଛାତ୍ରଛାତ୍ରୀମାନେ ବାଧ ବାଧକତା ଭିତରେ ପୋକରା ଚାଉଳରେ ରନ୍ଧା ଯାଇଥିବା ମଧ୍ୟାହ୍ନ ଭୋଜନ ଖାଇ ରୋଗରେ ପଡୁଛନ୍ତି। ଏନେଇ ଅଭିଭାବକମାନେ ଜାଣିବା ପରେ ମିଳିତ ହୋଇ ସ୍କୁଲ ଘେରାଉ କରିଥିଲେ। ରନ୍ଧା ଯାଉଥିବା ଚାଉଳ ବସ୍ତା ଖୋଲି ଦେଖିଥିଲେ। ସମସ୍ତ ଚାଉଳରେ ପୋକ ଲାଗି ଯାଇଥିଲା। ଯାହାକୁ ନେଇ ଏଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସରକାର ସ୍କୁଲର ସୁପରିଚାଳନା ନିମନ୍ତେ ଗଣଶିକ୍ଷା ବିଭାଗକୁ ୫ଟି ଓ ମୋ ସରକାର ଯୋଜନାରେ ଯୋଡ଼ିଛନ୍ତି ସତ, ହେଲେ ଏଠାରେ କେବଳ ସ୍ୱଚ୍ଛାଚାରୀ ବ୍ୟବସ୍ଥା ଚାଲିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

# ଆଇଟି ଶିଳ୍ପକୁ 'ମୁନ୍ ଲାଇଟିଂ' ଚିନ୍ତା

## - କର୍ମଚାରୀଙ୍କ ଦ୍ୱିତୀୟ ଚାକିରିକୁ ନାପସନ୍ଦ
## - କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲା ଇନ୍‌ଫୋସିସ୍



ନୂଆଦିଲ୍ଲୀ: ଭାରତୀୟ ସୂଚନା ପ୍ରଯୁକ୍ତି ଶିଳ୍ପ ଏବେ ଭିନ୍ନ ପ୍ରକାର ସମସ୍ୟା ଦେଇ ଗତି କରୁଛି। ତାହା ହେଉଛି ମୁନ୍‌ଲାଇଟିଂ। କରୋନା ମହାମାରୀ ସମୟରେ ଯୋଗାଇ ଦିଆଯାଇଥିବା ୱାର୍କ ଫ୍ରମ୍ ହୋମ୍ ସୁବିଧା ବେଳେ ଏହି ନୂତନ ବ୍ୟବସ୍ଥାର ଅଭ୍ୟୁଦୟ ହୋଇଥିଲା। ସେହି ସମୟରେ କିଛି କର୍ମଚାରୀ ନିଜ ସଂସ୍ଥା ବାଦ ଅନ୍ୟ ସଂସ୍ଥାର ପ୍ରକଳ୍ପରେ କାମ କରୁଥିଲେ। ଏବେ ମହାମାରୀର ପ୍ରଭାବ ଅପସରି ଯାଇଥିବା ବେଳେ ମୁନଲାଇଟିଂ ବ୍ୟବସ୍ଥା କିନ୍ତୁ ଜାରି ରହିଛି। ତାହାକୁ ନେଇ ଦେଶର ପ୍ରମୁଖ ଆଇଟି କଂପାନି ଇନ୍‌ଫୋସିସ୍ ଚିନ୍ତା ପ୍ରକଟ କରିଛନ୍ତି। କର୍ମଚାରୀମାନଙ୍କୁ କଡ଼ା ଚେତାବନୀ ଦେଇ ଇନ୍‌ଫୋସିସ୍ କହିଛି ଯେ ଯେଉଁମାନେ ମୁନଲାଇଟିଂ କରୁଥିବାର ଧରାପଡ଼ିବେ ସେମାନଙ୍କ ବିରୋଧରେ ଚାକିରିରୁ ବରଖାସ୍ତ ଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏହା ପୂର୍ବରୁ ଅନ୍ୟତମ ଆଇଟି କଂପାନି ୱିପ୍ରୋର ଅଧ୍ୟକ୍ଷ ଅଜିମ୍ ପ୍ରେମ୍‌ଜୀ ମଧ୍ୟ ମୁନ୍‌ଲାଇଟିଂକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ତାହାକୁ ସେ ଠକେଇ ସହ ତୁଳନା କରିଥିଲେ। ଇନ୍‌ଫୋସିସ୍ ଏହାର ସମସ୍ତ କର୍ମଚାରୀଙ୍କୁ ଇ-ମେଲ୍ ପଠାଇ ଜଣାଇଛି ଯେ ମୁନଲାଇଟିଂ ପାଇଁ କଂପାନି ଅନୁମତି ଦେଇନାହିଁ। ନିଜ କାର୍ଯ୍ୟ ସମୟ ବାହାରେ ମଧ୍ୟ କର୍ମଚାରୀମାନେ ଅଲଗା କାମ କରିପାରିବେ ନାହିଁ। ଦ୍ୱେତ ନିଯୁକ୍ତିକୁ କଂପାନି ନିରୁତ୍ସାହିତ କରୁଛି ବୋଲି ଇ-ମେଲ୍‌ରେ ଲେଖାଯାଇଛି। ଆଇଟି କଂପାନିଗୁଡ଼ିକ ମତରେ ମୁନଲାଇଟିଂ ଯୋଗୁଁ କର୍ମଚାରୀ ଉତ୍ପାଦକତା ପ୍ରଭାବିତ ହେବାର ଆଶଙ୍କା ଥିବା ବେଳେ ସ୍ୱାର୍ଥକୁ ନେଇ ସମସ୍ୟା ଦେଖାଦେଇପାରେ ଏବଂ ଏଭଳିକି ଡାଟାର ସୁରକ୍ଷା ପ୍ରତି ମଧ୍ୟ ଏଥିରେ ବିପଦ ରହିଛି। ଗତ ମାସରେ ଆଇଟି କଂପାନି ଏମ୍‌ଫାସିସ୍ ମଧ୍ୟ ମୁନଲାଇଟିଂକୁ ନେଇ କର୍ମଚାରୀଙ୍କ ଯାଞ୍ଚ ଆରମ୍ଭ କରିଥିଲା। ଟିସିଏସ୍‌ର ଚିଫ୍ ଅପରେଟିଂ ଅଫିସର ଏନ୍ ଗଣପତି ସୁବ୍ରମଣ୍ୟନ ଜଣାଇଛନ୍ତି ଯେ କର୍ମଚାରୀମାନଙ୍କୁ ମୂଲ୍ୟବୋଧ ରକ୍ଷା କରିବାକୁ ହେବ। ସ୍ୱଳ୍ପମିଆଦୀ ଲାଭ ପାଇଁ ଯଦି ଆପଣମାନେ କିଛି କରିବେ ତେବେ ଦୀର୍ଘମିଆଦୀରେ କ୍ଷତିଗ୍ରସ୍ତ ହେବେ। ଗତ ମାସରେ ୱିପ୍ରୋର ଅଧ୍ୟକ୍ଷ ଅଜିମ୍ ପ୍ରେମ୍‌ଜୀ କହିଥିଲେ ଯେ ନିୟମିତ ଚାକିରି ବାହାରେ ଦ୍ୱିତୀୟ ଚାକିରି କରିବା ହେଉଛି ଠକେଇ ସହ ସମାନ। ଟେକ୍ ମହିନ୍ଦ୍ରାର ସିଇଓ ସି ପି ଗୁରନାନି କହିଛନ୍ତି ଯେ ପରିବର୍ତ୍ତିତ ସମୟ ସହ ନିଜକୁ ପରିବର୍ତ୍ତନ କରିବାକୁ ପଡ଼ିବ। ଅନ୍ୟ ପକ୍ଷରେ ଇନ୍‌ଫୋସିସ୍‌ର ପୂର୍ବତନ ନିର୍ଦ୍ଦେଶକ ମୋହନ ଦାସ ପାଇ କହିଛନ୍ତି ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ୱଳ୍ପ ବେତନରେ ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ମୁନଲାଇଟିଂ ଆରମ୍ଭ ହୋଇଛି। ଯଦି କର୍ମଚାରୀଙ୍କୁ ଯଥେଷ୍ଟ ଦରମା ଦିଆନଯିବ ତେବେ ନିଜ ଆବଶ୍ୟକତା ପୂରଣ କରିବା ଲାଗି ସେମାନେ ଅଲଗା କାମ କରିବେ ବୋଲି ସେ କହିଛନ୍ତି। ତେବେ ଲୋକଙ୍କ ପାଖରେ ଖାଦ୍ୟ ପହଞ୍ଚାଉଥିବା ସଂସ୍ଥା ସ୍ୱିଗି ପକ୍ଷରୁ ମୁନଲାଇଟିଂକୁ ସମର୍ଥନ କରାଯାଇଛି। ନିଜ ଆର୍ଥିକ ସ୍ଥିତିକୁ ବଜାୟ ରଖିବା ଲାଗି ଦ୍ୱିତୀୟ ଚାକିରି କରିବା ଲାଗି କଂପାନି ଏହାର କର୍ମଚାରୀମାନଙ୍କୁ ଅନୁମତି ଦେଇଛି।

## ଅଧଘଣ୍ଟାରୁ ବି କମ୍ ସମୟରେ ଡେଲିଭରି ହେବ ଆଇଫୋନ୍ ୧୪

ମୁମ୍ବାଇ: ଯଦି ଆପଣ ଦୀର୍ଘ ସମୟରୁ ଆଇଫୋନ୍ ୧୪ ପାଇଁ ଅପେକ୍ଷା କରିଛନ୍ତତ ତ ଆପଣଙ୍କ ଅପେକ୍ଷାର ଅନ୍ତଃ ଘଟିଲା ବୋଲି ଜାଣନ୍ତୁ। କାରଣ ଏବେ ରାଜଧାନୀ ଦିଲ୍ଲୀ ଓ ମୁମ୍ବାଇରେ ଆଇଫୋନ୍ ୧୪ ଉପଲବ୍ଧ। ଖାଲି ସେତିକି ନୁହେଁ, ଏହି ନୂଆ ଫୋନ୍‌ଟିକୁ କିଣିବା ପାଇଁ ମୁମ୍ବାଇ କିମ୍ବା ଦିଲ୍ଲୀ ବାସିନ୍ଦାଙ୍କୁ ଆଉ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡ଼ିବ ନାହିଁ। ବରାଦ ଦେଲେ ମାତ୍ର ଅଧ ଘଣ୍ଟା ମଧ୍ୟରେ ଆସି ଘରେ ପହଞ୍ଚିବ ଫୋନ୍।



ଜାଣିବାକୁ ମିଳିଛି ଯେ ଜୋମାଟୋର ସବ୍ ବ୍ରାଣ୍ଡ୍ ବ୍ଲିଙ୍କିଟ୍ ଏବେ ଆପେଲ୍ ରିସେଲର ୟୁନିକର୍ଣ୍ଣ ସହ ସହଭାଗିତା କରିଛି। ଏହି ସେବାର ଲାଭ ଉଠାଇ ପାରିବେ ମୁମ୍ବାଇ ଓ ଦିଲ୍ଲୀ ବାସିନ୍ଦା। ଏହି ସେବା ଖୁବ୍ ଶୀଘ୍ର ଦେଶର ଅନ୍ୟ ଅଞ୍ଚଳରେ ବି ଉପଲବ୍ଧ ହେବ ବୋଲି ସୂଚନା ରହିଛି। ପୂର୍ବରୁ ବ୍ଲିଙ୍କିଟ୍ ତେଜରାତି ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଆସୁଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ଡେଲିଭରି ଠିକଣା ନିକଟରେ ଯଦି ଷ୍ଟୋର ଥାଏ ତେବେ, ବରାଦର ମାତ୍ର କିଛି ସମୟ ମଧ୍ୟରେ ହିଁ ଗ୍ରାହକଙ୍କୁ ଡେଲିଭରି କରି ଦିଆଯିବ। ଯଦି ଆପଣ ଦୀର୍ଘ ସମୟରୁ ଆଇଫୋନ୍ ୧୩ କିଣିବାକୁ ଅପେକ୍ଷା କରିଛନ୍ତି ତାହାଲେ ବି ଆପଣଙ୍କ ପାଇଁ ଖୁସି ଖବର ଅଛି। ଆଗାମୀ ସେଲ୍‌ରେ ଏହି ଫୋନ୍ ଆପଣଙ୍କୁ ସବୁଠାରୁ ଶସ୍ତାରେ ମିଳିବାକୁ ଯାଉଛି। ଫ୍ଲିପ୍‌କାର୍ଟ ଓ ଆମାଜନ୍ ଉଭୟ ସେମାନଙ୍କ ସେଲ୍‌ର ଘୋଷଣା କରି ସାରିଛନ୍ତି।

## ୪୦ ପ୍ରତିଶତ ଭାରତୀୟ ଡିଜିଟାଲ୍‌ରେ ଅର୍ଥ ସ୍ଥାନାନ୍ତର କରୁଛନ୍ତି: ନିଲେକାନି

ନୂଆଦିଲ୍ଲୀ : ଭାରତୀୟମାନଙ୍କର ଆର୍ଥିକ କାରବାର ସଂପର୍କିତ ବ୍ୟବହାରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଡିଜିଟାଲ ମାଧ୍ୟମରେ ସେମାନେ ଅଧିକ ଅର୍ଥ ସ୍ଥାନାନ୍ତର କରୁଛନ୍ତି। ୟୁପିଆଇ ଏବଂ ଆଧାର ସମର୍ଥିତ ପେମେଣ୍ଟ ବ୍ୟବସ୍ଥା ଏଥିରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ପାଖାପାଖି ୪୦ କୋଟି ଲୋକ ଡିଜିଟାଲ ପ୍ରଯୁକ୍ତି ଜରିଆରେ ଅର୍ଥ ସ୍ଥାନାନ୍ତର କରୁଛନ୍ତି ବୋଲି ଆଇଟି କମ୍ପାନି ଇନଫୋସିସ୍‌ର ସହ ପ୍ରତିଷ୍ଠାତା ତଥା ୟୁଆଇଡିଏଆଇର ପ୍ରତିଷ୍ଠାତା ଅଧ୍ୟକ୍ଷ ନନ୍ଦନ ନିଲେକାନି ଏହା କହିଛନ୍ତି।

ଦେଶରେ ପାଖାପାଖି ୪୦ରୁ ୫୦ ପ୍ରତିଶତ ଲୋକ ଡିଜିଟାଲ ମାଧ୍ୟମର ବ୍ୟବହାର କରୁଛନ୍ତି। ୧୦ ବର୍ଷ ପୂର୍ବେ ଏହା ଶୂନ ପ୍ରତିଶତ ରହିଥିଲା। ଗ୍ରାହକଙ୍କ ବ୍ୟବହାରରେ ଏହା ଏକ ନାଟକୀୟ ପରିବର୍ତ୍ତନ ବୋଲି ବୁଧବାର ବେଙ୍ଗାଲୁରୁଠାରେ ଦ ଇଣ୍ଡିଆ ଆଡଭାଣ୍ଟେଜ୍ ସମିଟ୍ ୨୦୨୨ରେ ଉଦ୍ ?ବୋଧନ ଦେଇ



ନିଲେକାନି ଏହା କହିଛନ୍ତି। ପାଖାପାଖି ୨୬ କୋଟି ଲୋକ ୟୁପିଆଇ ବ୍ୟବହାର କରୁଥିବାବେଳେ ୧୫ କୋଟି ଲୋକ ଆଧାର ଦ୍ୱାରା ପରିଚାଳିତ ପେମେଣ୍ଟ୍ ବ୍ୟବସ୍ଥାକୁ ଉପଯୋଗ କରି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଉଛନ୍ତି। ଲୋକମାନେ ଏବଂ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକ ଡିଜିଟାଲ ମାଧ୍ୟମର ଉପଯୋଗ କରି କାରବାର କରିଲେ ରିହାତି ପାଇପାରିବେ। ୧୦୦ କୋଟି ଲୋକ ଏବଂ ୨ କୋଟି ବ୍ୟାବସାୟିକ ପ୍ରତିଷ୍ଠାନ ସେମାନଙ୍କ ନିଜସ୍ୱ ଡାଟା ବ୍ୟବହାର କରିପାରିବେ। ନିଜସ୍ୱ ଡାଟା ବ୍ୟବହାର କରିବା କ୍ଷମତାକୁ ଡାଟା ସଶକ୍ତୀକରଣ କୁହାଯାଉଛି ବୋଲି ନିଲେକାନି କହିଛନ୍ତି। ୟୁପିଆଇରେ ଯେଭଳି ଅର୍ଥ ପ୍ରଦାନ କରାଯାଇ ପାରୁଛି ସେହିଭଳି ଏକ ମୁକ୍ତ ଋଣ ପ୍ରଦାନ ସବୁଧା ଥିବା ନେଟୱ୍ୱର୍କ (ଓସିଏଏନ)ର ବିକାଶ କରିବା ଲାଗି ଆଇଏସପିଆଇଆରଟି (ଇଣ୍ଡିଆନ ସଫ୍ଟୱେର ପ୍ରଡକ୍ଟସ ଇଣ୍ଡଷ୍ଟ୍ରି ରାଉଣ୍ଡ ଟେବୁଲ) କାର୍ଯ୍ୟ କରୁଛି। ଏହାଦ୍ୱାରା ସହଜରେ ଋଣ ସମସ୍ତେ ପାଇପାରିବେ ।

### ବଜାରରେ ନୂଆ

## ଜେକେ ଟାୟାର ପକ୍ଷରୁ ନୂଆ ଜେଟଷ୍ଟିଲ ଟାୟାର

ଭୁବନେଶ୍ୱର: ଭାରତର ପ୍ରମୁଖ ଟାୟାର କଂପାନି ତଥା ଟ୍ରକ୍ ଓ ବସ୍ ରାଡିଆଲ୍ ଟାୟାର କ୍ଷେତ୍ରର ଅଗ୍ରଣୀ ସଂସ୍ଥା ଜେକେ ଟାୟାର ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ଓଡ଼ିଶାରେ ଦୁଇ ନୂଆ କମର୍ସିଆଲ୍ ଯାନ ଟାୟାର ଜେଟଷ୍ଟିଲ ଜେଡିଏଚ ଏକ୍ସଏମ୍ ଓ ଜେଟୱେ ଜେୟୁସି ଏକ୍ସଏମ୍'କୁ ଉନ୍ମୋଚନ କରାଯାଇଛି । ଗ୍ରାହକମାନଙ୍କ ଉଦୀୟମାନ ଆବଶ୍ୟକତା ପୂରଣ କରିବା ଲାଗି ବଜାରକୁ ସଦ୍ୟତମ ଉତ୍ପାଦ ଆଣିବାର ପ୍ରତିବଦ୍ଧତା ଅନୁସାରେ ଏହି ନୂଆ ଉତ୍ପାଦ ଉନ୍ମୋଚନ କରାଯାଇଛି ।



ବଜାରରେ ଅଲ୍-ହ୍ୱିଲ୍ ଫିଟମେଣ୍ଟ ଟୟାରର ବୃଦ୍ଧି ପାଉଥିବା ଚାହିଦାକୁ ପୂରଣ କରିବା ସହ ଦୀର୍ଘସ୍ଥାୟୀ ଟାୟାର ଜୀବନକୁ ନେଇ ଗ୍ରାହକମାନଙ୍କ ରହିଥିବା ଅଭିଳାଷକୁ ପୂରଣ କରିବା ଲାଗି କଂପାନି ପକ୍ଷରୁ ପରବର୍ତୀ ପିଢ଼ିର ସେମି ଲଗ୍ ଟାୟାର ଜେଟ୍ୱେ ଜେୟୁସି ଏକ୍ସଏମ୍କୁ ଉନ୍ମୋଚନ କରାଯାଇଛି । ଇଭେନ୍-ୱୟାର ଚରିତ୍ର ଥିବା ଜେଟୱେ ଜେୟୁସି ଏକ୍ସଏମ୍ ଏକ ପ୍ରିମିୟମ୍ ଟାୟାର ଜୀବନ ପ୍ରଦାନ କରିବା ଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି ଯାହା ଉତ୍ତମ ଇନ୍ଧନ ମିତବ୍ୟୟିତାକୁ ନିଶ୍ଚିତ କରିବ, ତେଣୁ ଟ୍ରକ୍ ମାଲିକଙ୍କ ମାଲିକାନା ଖର୍ଚ୍ଚ ହ୍ରାସ ପାଇବ । ଜେକେ ଟାୟାର ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ର ସଭାପତି (ଭାରତ) ଅନୁଜ କାଠୁରିଆ କହିଛନ୍ତି ଯେ, "କଂପାନିର ଅଭିବୃଦ୍ଧି ଓ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଓଡ଼ିଶା ହେଉଛି ଜେକେ ଟାୟାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର । ବଜାର କାର୍ଯ୍ୟକଳାପ ବୃଦ୍ଧି ପାଇବା ଓ ବଜାର ଚାହିଦା ବଢୁଥିବାରୁ ଏହାର ଗ୍ରାହକମାନଙ୍କୁ ସମର୍ଥନ ପ୍ରଦାନ କରିବା ଲାଗି କଂପାନି ନୂଆ ଉତ୍ପାଦ ଆଣୁଛି ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଉଛି ।

## ବମ୍ବେ ଷ୍ଟକ ଏକ୍ସଚେଞ୍ଜ୍ ଘଣ୍ଟି ବଜାଇଲେ ନବୀନ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନି ଦିନିଆ ମୁମ୍ବାଇ ଗସ୍ତ ସାରି ଗୁରୁବାର ଅପରାହ୍ଣରେ ଭୁବନେଶ୍ୱର ଫେରିଆସିଛନ୍ତି। ଗସ୍ତର ଶେଷ ଦିନରେ ସେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ୍ ? (ବିଏସ୍ ?ଇ)ର ଘଣ୍ଟି ବଜାଇବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୂର୍ବାହ୍ଣ ୧୧ଟାରେ ସେ ବିଏସ୍ ?ଇର ଘଣ୍ଟି ବଜାଇଥିଲେ। ତାଙ୍କ ସହିତ ବିଏସ୍ ?ଇର ଅଧ୍ୟକ୍ଷ ଏସ୍ ? ଏସ୍ ? ମୁନ୍ଦ୍ରା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଷ୍ଟକ ବଜାରରେ ଘଣ୍ଟି ବଜାଇବା ସହ ସେହିଦିନର ସେୟାର କାରବାରର ଶୁଭାରମ୍ଭ ହୋଇଥାଏ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏହି ଐତିହାସିକ ଅନୁଷ୍ଠାନରେ ପହଞ୍ଚି ମୋତେ ବହୁତ ଖୁସି ଲାଗୁଛି। ମୋ ପାଇଁ ଏହା ଏକ ବହୁତ ଭଲ ଅନୁଭୂତି। ଗତ ମଙ୍ଗଳବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ମୁମ୍ବାଇ ଗସ୍ତ କରିଥିଲେ। ବୁଧବାର ଦିନ ଅନୁଷ୍ଠିତ ?ଓଡ଼ିଶା



ନିବେଶକ ସମ୍ମିଳନୀକୁ ସେ ସମ୍ବୋଧିତ କରିଥିଲେ ଏବଂ ମେକ୍ ଇନ୍ ଓଡ଼ିଶା କନ୍ ?କ୍ଲେଭ୍ ୨୦୨୨ରେ ଅଂଶଗ୍ରହଣ କରିବା ଲାଗି ଶିଳ୍ପପତି ଓ ନିବେଶକମାନଙ୍କୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ସେ ଦେଶର ପ୍ରମୁଖ ଶିଳ୍ପପତି ଯଥା ଆଦିତ୍ୟ ବିର୍ଲା ଗ୍ରୁପ୍ ?ର କୁମାର ମଙ୍ଗଳମ୍ ବିର୍ଲା, ମହିନ୍ଦ୍ରା ଗ୍ରୁପ୍ ?ର ମୁଖ୍ୟ ଆନନ୍ଦ ମହିନ୍ଦ୍ରା, ବେଦାନ୍ତର ଅନିଲ ଅଗ୍ରୱାଲ୍, ଭାରତୀୟ ଷ୍ଟେଟ୍ ? ବ୍ୟାଙ୍କର ଅଧ୍ୟକ୍ଷ ଦୀନେଶ ଖାରା, ଆଇସିଆଇସିଆଇ ବ୍ୟାଙ୍କର ଇଡି ରାକେଶ ଝା, ଏଚ୍ ?ଡିଏଫ୍ ?ସି ବ୍ୟାଙ୍କର କଣ୍ଟ୍ରି ହେଡ୍ ଅରବିନ୍ଦ ବୋହରା ଓ ଆହୁରି ବହୁ ଚର୍ଚ୍ଚିତ ଶିଳ୍ପପତିମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ। ଓଡ଼ିଶାରେ ୮୦ ହଜାର କୋଟି ଟଙ୍କା ନିବେଶ କରାଯାଇଛି ଓ ଆଗାମୀ ଦିନରେ ଆଉ ୨୫ ହଜାର କୋଟି ଟଙ୍କା ନିବେଶ କରାଯିବ ବୋଲି ବେଦାନ୍ତର ଶ୍ରୀ ଅନିଲ ଅଗ୍ରୱାଲ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ସେ ଓଡ଼ିଶାର ନିବେଶ ବାତାବରଣକୁ ପ୍ରଶଂସା କରିଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଦେଶର ଅନ୍ୟତମ ପସନ୍ଦର ନିବେଶ ସ୍ଥଳରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ସେ ରାଜ୍ୟ

### ରାଜ୍ୟଙ୍କ ଦରଦାମ୍ ମୁକାବିଲା ପଦକ୍ଷେପ

## ଲକ୍ଷେ କୋଟିର ଘୋଷଣା

ନୂଆଦିଲ୍ଲୀ: ଅଗଷ୍ଟ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ୭%କୁ ବୃଦ୍ଧି ପାଇବା ପରେ ଦରଦାମ୍ ସ୍ଥିତିର ମୁକାବିଲା ଲାଗି ରାଜ୍ୟଗୁଡ଼ିକ ମଧ୍ୟ ସଜାଗ ହୋଇପଡ଼ିଛନ୍ତି। ଦରବୃଦ୍ଧିର ଯନ୍ତ୍ରଣାକୁ ସାମ୍ନା କରୁଥିବା ପରିବାରଗୁଡ଼ିକର କଷ୍ଟ ଲାଘବ କରିବା ଲାଗି ୧୦ଟି ରାଜ୍ୟ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ହିତାଧିକାରୀଙ୍କ ପାଖରେ ସିଧାସଳଖ ଟଙ୍କା ପହଞ୍ଚାଇବାଠାରୁ ଆରମ୍ଭ କରି ବିଦ୍ୟୁତ ବିଲ୍ ସବ୍‌ସିଡି ବାବଦରେ ଏହି ସହାୟତା ଦିଆଯାଉଛି। ଓନାମ ପର୍ବ ଅବସରରେ କେରଳ ପକ୍ଷରୁ ୮ ନିୟୁତ ପରିବାରକୁ ୪୫୦ ଟଙ୍କା ବିଶିଷ୍ଟ ଖାଦ୍ୟ ପ୍ୟାକେଟ୍ ମାଗଣାରେ ପ୍ରଦାନ କରାଯାଇଛି। ଏହା ସହିତ ୫ ଲକ୍ଷ ଶ୍ରମିକମାନଙ୍କ ପାଇଁ ୧୦୦୦ ଟଙ୍କାର ଅତିରିକ୍ତ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା ଘୋଷଣା କରାଯାଇଛି। ପଞ୍ଜାବ ଓ ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଘର ପିଛା ୩୦୦ କିଲୋୱାଟ୍‌ର ବିଦ୍ୟୁତ ମାଗଣାରେ ପ୍ରଦାନ କରାଯାଉଥିବା ? ବେଳେ ରାଜ୍ୟ ସରକାର ଚଳାଉଥିବା ବସ୍‌ରେ ମହିଳାଙ୍କୁ ମାଗଣାରେ ଯାତାୟାତ ସୁବିଧା ଦିଆଯାଉଛି। ସେହିପରି, କଂଗ୍ରେସ ଶାସିତ ରାଜସ୍ଥାନ ସରକାର ମଧ୍ୟ ସହରୀ ଗରିବଙ୍କ ପାଇଁ ନିଯୁକ୍ତ କର୍ମନିଯୁକ୍ତି ସ୍କିମ୍ ଘୋଷଣା କରିଛନ୍ତି। ପ୍ରତି ପରିବାରକୁ ୫୦ ୟୁନିଟ୍ ବିଦ୍ୟୁତ ମାଗଣାରେ ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। ଉତ୍ତରପ୍ରଦେଶ ସରକାର ମଧ୍ୟ ବିଦ୍ୟୁତ ଶୁଳ୍କ ହ୍ରାସ କରିଥିବା ବେଳେ ଗରିବ ପରିବାରଙ୍କୁ ପାଣ୍ଠି ହସ୍ତାନ୍ତର ଆରମ୍ଭ କରିଛନ୍ତି।

## ରୁଷ୍‌କୁ ଟପି ଭାରତର ୨ ନମ୍ବର ତୈଳ ଯୋଗାଣକାରୀ ହେଲା ସାଉଦି ଆରବ

ନୂଆଦିଲ୍ଲୀ: ୩ ମାସରେ ପରେ ଅଳ୍ପ ବ୍ୟବଧାନରେ ରୁଷ୍‌କୁ ଟପି ସାଉଦି ଆରବ ଭାରତକୁ ତୈଳ ଯୋଗାଣ କ୍ଷେତ୍ରରେ ୨ ସ୍ଥାନକୁ ଉନ୍ନୀତ ହୋଇଥିବା କଥା ଶିଳ୍ପ ଓ ବାଣିଜ୍ୟ ବିଭାଗରୁ ପ୍ରାପ୍ତ ତଥ୍ୟାବଳିରୁ ଜଣାପଡ଼ିଛି। ଅଗଷ୍ଟ ମାସର ଏହି ତଥ୍ୟରେ ଭାରତକୁ ତୈଳ ଯୋଗାଣ କ୍ଷେତ୍ରରେ ଇରାକ୍ ? ୧ ନମ୍ବର ସ୍ଥାନ ବଜାୟ ରଖିଥିବା ଜଣାପଡ଼ିଛି।

ବିଶ୍ୱର ତୃତୀୟ ବୃହତ୍ ତୈଳ ଆମଦାନିକାରୀ ତଥା ବ୍ୟବହାରକାରୀ ଭାରତ ଅଗଷ୍ଟ ମାସରେ ସାଉଦି ଆରବରୁ ଦୈନିକ ୮୬୩,୯୫୦ ବ୍ୟାରେଲ୍ ? ଅଶୋଧିତ ତୈଳ ଆମଦାନି କରିଥିବା ବେଳେ ରୁଷ୍‌ରୁ ୮୫୫,୯୫୦ ବ୍ୟାରେଲ୍ ତୈଳ ଆମଦାନି କରିଛି। ଏହା ପୂର୍ବ ମାସଠାରୁ ଭାରତ ସାଉଦି ଆରବରୁ ୪.୮% ଅଧିକ ତୈଳ ଆମଦାନି କରିଥିବା ବେଳେ ରୁଷ୍ ?ରୁ ୨.୪% କମ୍ ତୈଳ ଆମଦାନି କରିଛି ବୋଲି ଉକ୍ତ ତଥ୍ୟାବଳିରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଫେବ୍ରୁଆରି ମାସରେ ମସ୍କୋ ୟୁକ୍ରେନ୍ ଆକ୍ରମଣ କରିବା ପରେ ପାଶ୍ଚାତ୍ୟ ରାଷ୍ଟ୍ର ଆର୍ଥିକ କଟକଣା ଜାରି କରିବାରୁ ଚୀନ୍ ଏବଂ ଅନ୍ୟାନ୍ୟ ଦେଶ ରୁଷ୍‌ରୁ ତୈଳ ଆମଦାନି ହ୍ରାସ କରିବାରୁ ଭାରତ ବିଶ୍ୱର ୨ ନମ୍ବର ରୁଷୀୟ ତୈଳ କ୍ରେତା ଭାବେ ପରିଗଣିତ ହୋଇଥିଲା। ଅନ୍ୟ ଦେଶର ଯୋଗାଣକାରୀମାନଙ୍କ ତୁଳନାରେ ଅଧିକ ରିହାତି ମିଳୁଥିବାରୁ ଭାରତ ରୁଷ୍‌ରୁ ତୈଳ ଆମଦାନି କରିବାକୁ ଆଗ୍ରହ ପ୍ରକାଶ କରିଥିଲା।

## ବଢ଼ି ଚାଲିଛି ସମ୍ପତ୍ତି, ଗୌତମ ଆଦାନୀ ଏବେ ବିଶ୍ୱର ୨ନଂ ଧନୀ

ନୂଆଦିଲ୍ଲୀ: ହୁହୁ ହୋଇ ବଢ଼ି ଚାଲିଛି ଭାରତୀୟ ଶିଳ୍ପପତି ଗୌତମ ଆଦାନୀଙ୍କ ସମ୍ପତ୍ତି। ସ୍ଥିତି ଏମିତି ହୋଇଛି ଯେ ଏବେ ଆଦାନୀ ବିଶ୍ୱ ଧନୀ ତାଲିକାର ୨ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଗତ ସପ୍ତାହରେ ସେ ୪ନଂ ସ୍ଥାନରୁ ଉଠି ୩ନଂରେ ପହଞ୍ଚିଥିଲେ। ହେଲେ ଏବେ ସେ ବିଶ୍ୱର ଦୁଇ ନମ୍ବର ଧନୀ ହୋଇ ଯାଇଥିବା ଫୋର୍ବସ ରିପୋର୍ଟ ପ୍ରକାଶ କରିଛି।

ଫୋର୍ବସର ରିୟଲ ଟାଇମ ବିଲେନିୟର ତାଲିକାରେ ଆଦାନୀଙ୍କ ସମ୍ପତ୍ତିର ମୂଲ୍ୟ ୧୫୫.୭ ବିଲିୟନ ଡଲାର ରହିଛି। ତାଙ୍କ ସମ୍ପତ୍ତିର ମୂଲ୍ୟ ୫.୫ ବିଲିୟନ ଡଲାର ବା ୪% ବୃଦ୍ଧି ପାଇଛି। ଆଦାନୀ ଆମାଜନର ପ୍ରତିଷ୍ଠାତା ଜେଫ ବେଜୋସଙ୍କୁ ଧନୀ ତାଲିକାର ଦ୍ୱିତୀୟ ସ୍ଥାନରୁ ହଟାଇ ଦେଇଛନ୍ତି। ଏବେ ଆଦାନୀଙ୍କ ଉପରେ କେବଳ ଟେଲସାର ମୁଖ୍ୟ ଏଲନ ମସ୍କ ରହିଛନ୍ତି। ତାଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୨୭୩.୫ ବିଲିୟନ ଡଲାର। ତୃତୀୟ ସ୍ଥାନରେ ଫ୍ରାନ୍ସର ବେରନାର୍ଡ



ଅରନଲ୍ଟ ଆଣ୍ଡ ଫ୍ୟାମିଲି ଓ ୪ର୍ଥ ସ୍ଥାନରେ ଆମେରିକାର ଜେଫ ବେଜୋସ ରହିଛନ୍ତି। ଭାରତର ଅନ୍ୟତମ ଶିଳ୍ପପତି ମୁକେଶ ଅମ୍ବାନୀ ବିଶ୍ୱ ଧନୀ ତାଲିକାର ୮ମ ସ୍ଥାନରେ ରହିଛନ୍ତି। ତାଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୯୨ ବିଲିୟନ ଡଲାର ରହିଥିବା ଜଣାପଡ଼ିଛି।

ଷ୍ଟକ ମାର୍କେଟ ଖୋଲିବା ମାତ୍ରେ ଆଦାନୀ ଗ୍ରୁପର ଷ୍ଟକ୍ ଯଥା ଆଦାନୀ ଇଣ୍ଟରପ୍ରାଇଜେସ, ଆଦାନୀ ପୋର୍ଟ ଓ ଆଦାନୀ ଟ୍ରାନ୍ସମିସନର ଶେୟାର ମୂଲ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଏହି ବୃଦ୍ଧି ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ବଢ଼ାଇବାରେ ସହାୟକ ହୋଇଥିଲା।

୨୦୨୨ରେ ଆଦାନୀଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୭୦ ବିଲିୟନ ଡଲାର ବୃଦ୍ଧି ପାଇ ସାରିଲାଣି। ବିଶ୍ୱର ଶ୍ରେଷ୍ଠ ୧୦ ଧନୀଙ୍କ ମଧ୍ୟରେ ଗୌତମ ଆଦାନୀ ଏକମାତ୍ର ବ୍ୟକ୍ତି, ଯାହାଙ୍କ ସମ୍ପତ୍ତି ୨୦୨୨ରେ ଏତେ ପରିମାଣର ବୃଦ୍ଧି ପାଇଛି। ପ୍ରଥମେ ସେ ଏସିଆର ସବୁଠାରୁ ଧନୀ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇଥିଲେ। ଏହାପରେ ସେ ମାଇକ୍ରୋସଫ୍ଟର ପ୍ରତିଷ୍ଠା ବିଲ ଗେଟ୍ସଙ୍କୁ ମାତ ଦେଇ ବିଶ୍ୱର ୪ର୍ଥ ଧନୀର ମାନ୍ୟତା ହାସଲ କରିଥିଲେ। ଏବେ ସେ ଧନୀ ତାଲିକାର ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛନ୍ତି।

## ରାଜପଥ ନିର୍ମାଣର ମନ୍ଥର ଗତି

ନୂଆଦିଲ୍ଲୀ: ଜାତୀୟ ରାଜପଥ ନିର୍ମାଣର ଗତି ମନ୍ଥର ହୋଇଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତିନି ମାସରେ ଦୈନିକ ମାତ୍ର ୧୯ କିମି ରାଜପଥ ତିଆରି ହୋଇଛି। ୨୦୨୦-୨୧ରେ ଦୈନିକ ୩୭ କିମି ରାଜପଥ ନିର୍ମାଣ ହୋଇଥିଲା ଓ ୨୦୨୧-୨୨ରେ ତାହା ୨୮.୬୪ କିମିକୁ ଖସିଯାଇଥିଲା। ୨୦୨୨-୨୩ରେ ରାଜପଥ ନିର୍ମାଣର ଗତି ଆହୁରି ମନ୍ଥର ହୋଇପଡ଼ିଛି। ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ୨,୯୧୨ କିମି ରାଜପଥ ତିଆରି ହୋଇଛି ଯାହା ଗତବର୍ଷ ଏହି ସମୟରେ ୩,୩୫୫ କିମି ଥିଲା। ଏହି ସମୟରେ ୨୭୦୬ କିମି ରାସ୍ତା ତିଆରି ପାଇଁ କାର୍ଯ୍ୟ ବରାଦ ଦିଆଯାଇଥିଲା ଯାହା ପୂର୍ବବର୍ଷର ୩,୨୬୧ କିମି ତୁଳନାରେ ମଧ୍ୟ କମ୍। ଭାରତରେ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ



(ଏନ୍‌ଏଚ୍‌ଏଆଇ) ଓ ଜାତୀୟ ରାଜପଥ ଓ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍ (ଏନ୍‌ଏଚ୍‌ଆଇଡିସିଏଲ୍) ରାଜପଥ ଓ ଏକ୍ସପ୍ରେସ୍‌ୱେ ନିର୍ମାଣ ଦାୟିତ୍ୱରେ ରହିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ୧୨,୦୦୦ କିମି ରାଜପଥ ନିର୍ମାଣ କରିବାର ଲକ୍ଷ୍ୟ ନିର୍ଦ୍ଧାରଣ କରାଯାଇଛି। ଯେଉଁ ଗତିରେ ନିର୍ମାଣ କାର୍ଯ୍ୟ ଜାରି ରହିଛି ଏହି ଲକ୍ଷ୍ୟ ହାସଲ ହେବ ନା ନାହିଁ ତାହା ଏବେଠାରୁ ଆକଳନ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର। ୨୦୨୦-୨୧ରେ ଅଧିକ ସଡ଼କ ନିର୍ମାଣ ହୋଇଥିବାର ଏକ ପ୍ରମୁଖ କାରଣ ହେଉଛି ସେହି ବର୍ଷ କରୋନା ମହାମାରୀ ବ୍ୟାପିବା ଯୋଗୁଁ ଗମନାଗମନ ଉପରେ କଟକଣା ଲଗାଯାଇଥିଲା। ଲକ୍ ?ଡାଉନ୍ ଘୋଷଣା ହେବା ପରେ ଲୋକମାନଙ୍କୁ କାମଧନ୍ଦା ମିଳିନଥିଲା।

# ଭାରତୀୟ ହକି ଦଳରୁ ନମିତା ଟପ୍ପୋଙ୍କ ଅବସର

ଭୁବନେଶ୍ୱର/ରାଉରକେଲା: ଓଡ଼ିଆ ତାରକା ନମିତା ଟପ୍ପୋ ଗୁରୁବାର ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି। ଲିଲିମା ମିଞ୍ଜ ଓ ଦୀପଗ୍ରେସ୍ ଏକ୍କାଙ୍କ ସହ ମିଶି ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ପର୍ଯ୍ୟନ୍ତ ଭାରତୀୟ ହକି ଦଳର ମଧ୍ୟ ଓ ରକ୍ଷଣ ଭାଗକୁ ଦୃଢ଼ତାର ସହ ସମ୍ଭାଳିଥିବା ନମିତାଙ୍କ ଅବସର ପରେ ଭାରତୀୟ ହକିରେ ଏକ ଜାଜ୍ୱଲ୍ୟମାନ ଯୁଗର ଅବସାନ ଘଟିଛି। ଭାରତୀୟ ହକିର ଏହି 'ଫାଭ୍-ଥ୍ରୀ' ଓଡ଼ିଆ ତାରକାଙ୍କ ମଧ୍ୟରୁ ଲିଲିମା ପୂର୍ବରୁ ଅବସର ଘୋଷଣା କରିସାରିଥିଲା ବେଳେ ନମିତା ବି ଭାରତୀୟ ଦଳରୁ ସନ୍ୟାସ ନେଇଛନ୍ତି। ଏବେ କେବଳ ଦୀପଗ୍ରେସ୍ ଏକ୍କା ଭାରତୀୟ ଦଳରେ ରହି ଓଡ଼ିଶାର ସୁନାମକୁ ବଢ଼ାଉଛନ୍ତି। ଅବଶ୍ୟ ନମିତା ଅବସର ନେବା ପରେ ଓଡ଼ିଶାର ଅନେକ ପ୍ରତିଭାବାନ ଖେଳାଳି ତାଙ୍କ ସ୍ଥାନ ନେବାର ଦକ୍ଷତା ରଖନ୍ତି। ଅବସର ଘୋଷଣା ପରେ ଦୁଇଥର ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜୟିନୀ ନମିତାଙ୍କ ଭାରତୀୟ ହକି ପାଇଁ ଅତୁଳନୀୟ ଅବଦାନ ଲାଗି ହକି ଇଣ୍ଡିଆ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛି।



୨୭ ବର୍ଷୀୟା ନମିତା ରାଉରକେଲାର ପାନପୋଷ କ୍ରୀଡ଼ା ଛାତ୍ରାବାସରୁ ନିଜ ହକି ଜୀବନ ଆରମ୍ଭ କରିଥିଲେ। ୨୦୦୭ ମସିହାରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରି ଜାତୀୟ ଚୟନକର୍ତ୍ତାଙ୍କ ଧ୍ୟାନ ଆକର୍ଷଣ କରିବାକୁ ସକ୍ଷମ ହୋଇଥିଲେ ସେ। ୨୦୧୧ରେ ୧୮ ବର୍ଷରୁ କମ୍ ଏସିଆ କପ୍ ହକି ଲାଗି ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇବା ତାଙ୍କ ଖେଳ ଜୀବନକୁ ନୂଆ ମୋଡ଼ ଦେଇଥିଲା। ବ୍ୟାଂକକ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତ କାଂସ୍ୟ ପଦକ ଜିତିଥିଲା। ଜାତୀୟ ପ୍ରଶିକ୍ଷଣ ଶିବିରରେ କଠିନ ପରିଶ୍ରମ କରିବା ସହ ଘରୋଇ ହକିରେ ନିଜ ଅସାଧାରଣ ଏକାଗ୍ରତା ଲାଗି ୨୦୧୨ ମସିହାରେ ଭାରତୀୟ ବରିଷ୍ଠ ମହିଳା ଦଳ ଲାଗି ମନୋନୀତ ହୋଇଥିଲେ ସେ। ଆୟର୍ଲାଣ୍ଡର ଡବଲିନଠାରେ ସେହି ବର୍ଷ ଖେଳାଯାଇଥିବା ଏଫ୍‌ଆଇଏଚ୍ ଚାମ୍ପିଅନ୍ସ ଚ୍ୟାଲେଞ୍ଜ୍ ହକି ଥିଲା ବରିଷ୍ଠ ସ୍ତରୀୟ ମହିଳା ହକିରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା। ୨୦୧୩ରେ ଜର୍ମାନୀର ମଞ୍ଚେନଗ୍ଲାଡବ୍ୟାକ୍‌ଠାରେ ଆୟୋଜିତ କନିଷ୍ଠ ବିଶ୍ୱକପ୍ ହକିରେ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଥିଲେ ନମିତା। ଏହାପରଠାରୁ ସେ ଆଉ ପଛକୁ ଫେରି ଚାହିନଥିଲେ। ଏଫ୍‌ଆଇଏଚ୍ ବିଶ୍ୱ ଲିଗ୍ ରାଉଣ୍ଡ-୨ରେ ସ୍ୱର୍ଣ୍ଣପଦକ, ତୃତୀୟ ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫିରେ ରୌପ୍ୟ ପଦକ ଏବଂ ଅଷ୍ଟମ ମହିଳା ଏସିଆ କପ୍, ୨୦୧୪ ସପ୍ତଦଶ ଏସୀୟ କ୍ରୀଡ଼ା, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଥିଲେ ସେ। ୨୦୧୭ ମହିଳା ଏସିଆ କପ୍ ଏବଂ ୨୦୧୮ ଏସୀୟ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ ସେ।

## ପୂର୍ବତନ ଅମ୍ପାୟାର ଅଶଦ ରୌଫଙ୍କ ପରଲୋକ

ଲାହୋର: ଆଇସିସି ଏଲିଟି ପ୍ୟାନେଲର ପୂର୍ବତନ ପାକିସ୍ତାନ ଅମ୍ପାୟାର ଅଶଦ ରୌଫ ଆଉ ନାହାନ୍ତି। ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଲାହୋରରୁ ତାଙ୍କ ମୃତ୍ୟୁ ଖବର ଆସିବା ପରେ ସମଗ୍ର କ୍ରିକେଟ ଜଗତ ଶୋକ ପ୍ରକାଶ କରିଛି। ରୌଫ ୬୪ଟି ଟେଷ୍ଟ, ୧୩୯ ଦିନିକିଆ, ୨୮ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ବ୍ୟତୀତ ଆଇପିଏଲର ଏକାଧିକ ମ୍ୟାଚ୍‌ରେ ଅମ୍ପାୟାରିଂ କରିଛନ୍ତି।



ପାକିସ୍ତାନର ଅନ୍ୟତମ ଖ୍ୟାତି ଅର୍ଜନ କରିଥିବା ଅମ୍ପାୟାରମାନଙ୍କ ମଧ୍ୟରେ ଥିବା ରୌଫ ୨୦୦୬ରେ ଆଇସିସିର ଏଲିଟି ପ୍ୟାନେଲକୁ ମନୋନୀତ ହୋଇଥିଲେ। ୨୦୧୩ ଯାଏ ସେ ଏହି ପ୍ୟାନେଲରେ ଥିଲେ। ୨୦୦୦ ମସିହାରେ ପ୍ରଥମଥର ପାଇଁ ରୌଫ କୌଣସି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ?ରେ ଅମ୍ପାୟାରିଂ କରିଥିଲେ। ୨୦୦୫ରେ ତାଙ୍କୁ ଟେଷ୍ଟ ମ୍ୟାଚ୍‌ରେ ଅମ୍ପାୟାରିଂ କରିବାର ଦାୟିତ୍ୱ ମିଳିଥିଲା।

ପୁରୁଷ କ୍ରିକେଟ ବ୍ୟତୀତ ସେ ୧୧ଟି ମହିଳା ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଫିଲ୍ଡ ଅମ୍ପାୟାର ଓ ଟିଭି ଅମ୍ପାୟାର ଭାବେ କାମ କରିଛନ୍ତି। ୪୦ଟି ପ୍ରଥମ ଶ୍ରେଣୀ ଓ ୨୬ଟି ଲିଷ୍ଟ ଏ ମ୍ୟାଚ୍‌ରେ ମଧ୍ୟ ତାଙ୍କୁ ଅମ୍ପାୟାରିଂ କରିବାର ଦେଖିବାକୁ ମିଳିଥିଲା। ଜଣେ ମଧ୍ୟକ୍ରମ ବ୍ୟାଟର ଭାବେ ଅଶଦ ରୌଫ ପାକିସ୍ତାନର ଘରୋଇ କ୍ରିକେଟରେ ନିଜ ଛାପ ଛାଡ଼ିଛନ୍ତି। ସେ ୭୧ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୩୪୨୩ ରନ କରିଥିଲେ। ଏଥିସହ ୪୦ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ୬୧୧ ରନ କରିଥିଲେ। ଅଶଦ ରୌଫଙ୍କ ଅମ୍ପାୟାରିଂ କ୍ୟାରିୟର ବିବାଦୀୟ ପରିସ୍ଥିତିରେ ଶେଷ ହୋଇଥିଲା। ମ୍ୟାଚ୍ ଫିକ୍ସିଂ ଓ ସ୍ପଷ୍ଟ ଫିକ୍ସିଂ ଭଳି ଘଟଣାରେ ସେ ସାମିଲ ଥିବା ଜଣାପଡ଼ିବା ପରେ ତାଙ୍କ ଉପରେ ବିସିସିଆଇ ୨୦୧୬ରେ ବ୍ୟାନ ଲଗାଇଥିଲା। ଏହାପୂର୍ବରୁ ଖରାପ ପ୍ରଦର୍ଶନ ପାଇଁ ୨୦୧୩ରେ ଆଇସିସି ମଧ୍ୟ ତାଙ୍କୁ ଏଲିଟି ପ୍ୟାନେଲରୁ ବାଦ ଦେଇଥିଲା। ଏଥିପାଇଁ ସେ ଅମ୍ପାୟାର ପଦରୁ ଇସ୍ତଫା ଦେଇଥିଲେ। ଅମ୍ପାୟାର ଜଗତକୁ ଅଲବିଦା କରିବା ପରେ ସେ ପାକିସ୍ତାନରେ କପଡ଼ା ଓ ଜୋତା ଦୋକାନ କରି ନିଜ ସହ ତାଙ୍କ ପାଖରେ କାମ କରୁଥିବା ଲୋକଙ୍କ ପରିବାରକୁ ଚଳାଉଥିଲେ।

୨୦୦୦ରୁ ୨୦୧୩ ମଧ୍ୟରେ ରୌଫ ୧୭୦ଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟାରିଂ କରିଥିଲେ। ହେଲେ ୨୦୧୩ ଆଇପିଏଲରେ ସମୟରେ ସେ ବୁକିଙ୍କ ଠାରୁ ମହଙ୍ଗା ଉପହାର ଗ୍ରହଣ କରି ସହ ଫିକ୍ସିଂରେ ଜଡ଼ିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରିବା ପରେ ୨୦୧୬ରେ ବିସିସିଆଇ ତାଙ୍କୁ ୫ ବର୍ଷ ପାଇଁ କ୍ରିକେଟରୁ ବ୍ୟାନ କରିଥିଲା।

ଆଜି ତାଙ୍କ ବିୟୋଗରେ ଅନେକ କ୍ରିକେଟର ଓ କ୍ରିକେଟ ସଂସ୍ଥା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ଟେନିସ୍ କୋର୍ଟରେ ଫେଡେରର୍ ଯୁଗର ଅବସାନ

ବାସେଲ: ସ୍ୱିଜରଲାଣ୍ଡର ମହାନ ଟେନିସ ତାରକା ରୋଜର ଫେଡେରର୍ ଅବସର ଘୋଷଣା କରିଛନ୍ତି। ଆସନ୍ତା ସପ୍ତାହରେ ଆୟୋଜିତ ହେବାକୁ ଥିବା ଲାଭର କପ୍ ପରେ ପେସାଗତ ଟେନିସରୁ ଏହି ପୂର୍ବତନ ଏକ ନମ୍ବର ଖେଳାଳି ବିଦାୟ ନେବେ। ଏଥି ସହିତ ଗୋଟିଏ ଯୁଗର ଅବସାନ ଘଟିବ। ଲାଭର କପ୍ ମୋର ଶେଷ ଏଟିପି ପ୍ରତିଯୋଗିତା ହେବ ବୋଲି ଫେଡେରରର୍ ଟ୍ୱିଟରରେ ପ୍ରକାଶ କରିଛନ୍ତି। ତଥାପି ନିଜ ଦେଶରେ ଘରୋଇ ଇନ୍‌ଡୋର ପ୍ରତିଯୋଗିତା ଖେଳିବା ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। ଏହି ମହାନ ଟେନିସ ଖେଳାଳି ଅବସର ବିଷୟରେ ଏକ ୪ ପୃଷ୍ଠାର ଲେଖା ମଧ୍ୟ ଟ୍ୱିଟ୍‌ରେ ପୋଷ୍ଟ କରିଛନ୍ତି।

''ବର୍ଷ ବର୍ଷ ଧରି ଟେନିସ୍‌ରୁ ମୁଁ ଅନେକ ଉପହାର ପାଇଛି, ଅନେକ ଲୋକଙ୍କୁ ଭେଟିବାର ସୁଯୋଗ ପାଇଛି, ବିନା ଦ୍ୱିଧାରେ ଏସବୁକୁ କହିବି ସର୍ବୋତ୍ତମ। ମୋର ବନ୍ଧୁ, ପ୍ରତିଦ୍ୱନ୍ଦ୍ୱୀ ଏବଂ ସମସ୍ତ ପ୍ରଶଂସକ ମୋତେ ସୁନ୍ଦର କ୍ରୀଡ଼ା ଜୀବନ ଦେଇଛନ୍ତି। ଆଜି ମୁଁ କିଛି ସୂଚନା ତୁମମାନଙ୍କୁ ଦେବାକୁ ଚାହୁଁଛି। ମୋତେ ଏବେ ୪୧ ବର୍ଷ ବୟସ। ମୁଁ ୨୪ ବର୍ଷ ଧରି ୧୫୦୦ରୁ ଅଧିକ ମ୍ୟାଚ୍ ଖେଳିଲେଣି। ଟେନିସ ମୋତେ ବହୁତ କିଛି ଦେଇଛି, ଯାହା ମୋ ସ୍ୱପ୍ନଠୁ ବି ଅଧିକ। ହେଲେ ଗତ ୩ ବର୍ଷ ଧରି ଆହତ ସମସ୍ୟା ଏବଂ ବହୁବାର ଅସ୍ତ୍ରୋପଚାର ମୋତେ ଖେଳିବାକୁ ଅନୁମତି ଦେଉନି। ତେଣୁ ପ୍ରତିଯୋଗିତା ମୂଳକ ଜୀବନର ଅବସାନ ଘଟାଇବାର ଏହା ପ୍ରକୃଷ୍ଟ ସମୟ ବୋଲି ଅନୁଭବ କରୁଛି। ଲଣ୍ଡନରେ ଆସନ୍ତା ସପ୍ତାହରେ ଆୟୋଜିତ ହେବାକୁଥିବା ଲାଭର କପ୍ ମୋର ଶେଷ ଏଟିପି ପ୍ରତିଯୋଗିତା ହେବ। ଭବିଷ୍ୟତରେ ମୁଁ ଅଧିକ ଟେନିସ ଖେଳିପାରେ, କିନ୍ତୁ ଗ୍ରାଣ୍ଡ ସ୍ଲାମ୍ କିମ୍ବା ଟୁର୍‌ନୁହେଁ।'' ବୋଲି ଫେଡେରର୍ ଅବସରକାଳୀନ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପୁରୁଷ ଏକକରେ ବହୁ ବର୍ଷ ଧରି ରାଜ କରିଥିବା ଫେଡେରର୍ ଅନେକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ନିସନ୍ଦେହରେ ସେ ଜଣେ ସର୍ବକାଳୀନ ମହାନ ଟେନିସ ଖେଳାଳି। ସେ ୨୦ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ସହ ୧୦୩ ଏଟିପି ମୁକୁଟ କରାୟତ୍ତ କରିଛନ୍ତି। ଇଭାନ ଜୁବିସିକ ଓ ସେଭେରିନ ଲୁଥିଙ୍କ ପ୍ରଶିକ୍ଷଣରେ ଫେଡେରର୍ ୧୯୯୮ରେ ପେସାଗତ ଟେନିସ ଜୀବନ ଆରମ୍ଭ କରିଥିଲେ। ୧୯୯୮ ୱିମ୍ବଲଡନ୍‌ରେ କନିଷ୍ଠ ବର୍ଗରେ ଉଭୟ ଏକକ ଓ ଯୁଗଳ ବିଜେତା ହୋଇଥିଲେ। ୨୦୧୮ରେ ୩୬ ବର୍ଷ ବୟସରେ ବିଶ୍ୱର ଏକ ନମ୍ବର ହେବାରେ ବୟୋଜ୍ୟେଷ୍ଠ ଖେଳାଳି ହୋଇଥିଲେ। ସେ ମଧ୍ୟ କ୍ରମାଗତ ୨୩୭ ସପ୍ତାହ ଧରି ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନ ଦଖଲ କରିବାର ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିଲେ। ଏହି ସ୍ୱିଜରଲାଣ୍ଡ କିଂବଦନ୍ତି ତାଙ୍କ କ୍ୟାରିୟର ମଧ୍ୟରେ ୧୫୨୬ ଏକକ ଏବଂ ୨୨୩ ଯୁଗଳ ମ୍ୟାଚ୍ ଖେଳିଛନ୍ତି।




## ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ଭାରତୀୟ ଟିମ୍ ଘୋଷଣା, ଫେରିଲେ ବୁମ୍ରା

ନୂଆଦିଲ୍ଲୀ: ଟି-ଟ୍ୱେଣ୍ଟି ବିଶ୍ୱକପ୍-୨୦୨୨ ପାଇଁ ସୋମବାର ୧୫ ଜଣିଆ ଦଳ ଘୋଷଣା କରିଛି ବିସିସିଆଇ। ଏହି ଟିମ୍‌ରେ ଷ୍ଟାର ବୋଲର ଯଶପ୍ରୀତ୍ ବୁମ୍ରା ସ୍ଥାନ ପାଇଛନ୍ତି। ସେହିପରି ହର୍ଷଲ ପଟେଲ ମଧ୍ୟ ଟିମ୍‌କୁ ଫେରିଛନ୍ତି। ତେବେ ଆଣ୍ଠୁରେ ଅପରେସନ୍ ହୋଇଥିବା କାରଣରୁ ଅଲ୍ ରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଟିମ୍‌ରୁ ବାଦ୍ ପଡ଼ିଛନ୍ତି।




ରୋହିତ ଶର୍ମାଙ୍କ ନେତୃତ୍ୱ ଗଠିତ ଏହି ଟିମ୍ ?ରେ ଅନ୍ୟମାନଙ୍କ ମଧ୍ୟରେ କେ.ଏଲ୍ ରାହୁଲ (ଉପ-ଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡ଼ା, ଋଷଭ ପନ୍ତ (ୱିକେଟ୍ କିପର), ଦୀନେଶ କାର୍ତ୍ତିକ (ୱିକେଟ୍ କିପର), ହାର୍ଦ୍ଦିକ ପାଣ୍ଡ୍ୟା, ରବିଚନ୍ଦ୍ରନ ଅଶ୍ୱିନ, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର ଓ ଅର୍ଶଦୀପ ସିଂହ ଅଛନ୍ତି। ସେହିପରି ୪ ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଏରେ ରଖାଯାଇଛି। ସେମାନେ ହେଉଛନ୍ତି- ମହମ୍ମଦ ଶାମି, ଶ୍ରେୟଶ ଆୟର, ରବି ବିଷ୍ଣୋଇ ଓ ଦୀପକ ଚହର।

ଆସନ୍ତା ଅକ୍ଟୋବର ୧୬ ତାରିଖରୁ ଅଷ୍ଟ୍ରେଲିଆରେ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଆରମ୍ଭ ହେଉଥିବା ବେଳେ ଭାରତ ତା'ର ଅଭିଯାନ ଆରମ୍ଭ କରିବ ଅକ୍ଟୋବର ୨୩ ତାରିଖରେ। ଭାରତ ପ୍ରଥମ ମ୍ୟାଚ୍ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (ଏମ୍‌ସିଜି)ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳିବ।

ଟି-ଟ୍ୱେଣ୍ଟି ବିଶ୍ୱକପ୍ ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ମୋଟ ୧୬ଟି ଦେଶ ଏଥିରେ ଭାଗ ନେବେ। ଭାରତ ଗ୍ରୁପ୍ ୨ରେ ଥିବା ବେଳେ ଏଥିରେ ପାକିସ୍ତାନ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ପ୍ରମୁଖ ଅଛନ୍ତି।

ସୂଚନାଯୋଗ୍ୟ, ଯଶପ୍ରୀତ ବୁମ୍ରା ଯଥାକ୍ରମେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ୍, ଜିମ୍ବାୱେ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ୍ ଓ ଏସିଆ କପ୍ ଖେଳି ନଥିଲେ। ସେହିପରି ହର୍ଷଲ ପଟେଲ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ୍ ଟିମ୍ ?ରେ ସାମିଲ ହୋଇଥିବା ବେଳେ ଜିମ୍ବାୱେ ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ୍ ଓ ଏସିଆ କପ୍‌ରୁ ବାଦ୍ ପଡ଼ିଥିଲେ।

## ଭାରତରେ ହେବ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍

ନୂଆଦିଲ୍ଲୀ : ଅନ୍ତର୍ଜାତୀୟ ଫୁଟବଲ ମହାସଂଘ (ଫିଫା)ର ୧୭ ବର୍ଷରୁ କମ୍ ? ମହିଳା ବିଶ୍ୱକପ୍ ? ୨୦୨୨ ଭାରତରେ ଆୟୋଜିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ଗ୍ୟାରେଣ୍ଟିରେ ସ୍ୱାକ୍ଷର ପ୍ରସ୍ତାବକୁ ମଞ୍ଜୁରି ମିଳିଛି।

୧୭ ବର୍ଷରୁ କମ୍ ମହିଳା ଫୁଟବଲ ବିଶ୍ୱକପ୍ ୧୧ରୁ ୩୦ ଅକ୍ଟୋବର ୨୦୨୨ରେ ଭାରତରେ ଅନୁଷ୍ଠିତ ହେବ। ଏହି ଦ୍ୱିବାର୍ଷିକ ଯୁବ ପ୍ରତିଯୋଗିତାର ସପ୍ତମ ସଂସ୍କରଣ ପ୍ରଥମ ଥର ପାଇଁ ଭାରତରେ ଆୟୋଜନ କରାଯାଉଛି। ଏହା ହେବ ଭାରତରେ ଆୟୋଜିତ ଫିଫାର ସର୍ବପ୍ରଥମ ମହିଳା ବିଶ୍ୱ ପ୍ରତିଯୋଗିତା। ଏଥିପୂର୍ବରୁ ୧୭ ବର୍ଷରୁ କମ୍ ପୁରୁଷ ଫିଫା ବିଶ୍ୱକପକ ୨୦୧୭ ମସିହାରେ ଭାରତରେ ଅନୁଷ୍ଠିତ ହୋଇଥିଲା। ଏହି ପରମ୍ପରାକୁ ଆଗେଇ ନେଇ ମହିଳା ଫୁଟବଲର ସମ୍ମାନଜନକ ପ୍ରତିଯୋଗିତା ବିଶ୍ୱକପ୍ ଆୟୋଜନ ପାଇଁ ଦେଶ ପ୍ରସ୍ତୁତ ହେଉଛି। ଏଥିରେ ବିଶ୍ୱର ଶ୍ରେଷ୍ଠ ମହିଳା ଫୁଟବଲ ପ୍ରତିଭାମାନେ ସେମାନଙ୍କର କୌଶଳ ପ୍ରଦର୍ଶନ କରି ଏହି ସମ୍ମାନଜନକ ଟ୍ରଫି ପାଇଁ ପରସ୍ପର ସହ ମୁକାବିଲା କରିବେ।

ଖେଳପଡ଼ିଆ ରକ୍ଷଣାବେକ୍ଷଣ, ଷ୍ଟାଡିୟମ କ୍ଷମତା ବିକାଶ, ବିଦ୍ୟୁତ୍ ସଂଯୋଗ ଓ କେବଲିଂ, ଷ୍ଟାଡିୟମ ଏବଂ ପ୍ରଶିକ୍ଷଣ କ୍ଷେତ୍ରର ବିକାଶ ଆଦି ପାଇଁ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ)କୁ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଜାତୀୟ କ୍ରୀଡ଼ା ସଂଘମାନଙ୍କୁ ସହାୟତା ଯୋଜନା ପାଇଁ ଆବଣ୍ଟିତ ବଜେଟକୁ ଏହି ଅର୍ଥ ବରାଦ କରାଯାଇଛି।

ଭାରତରେ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ୨୦୨୨ ଆୟୋଜନ ହେବା ଦ୍ୱାରା ଦେଶରେ ମହିଳା ଫୁଟବଲ କ୍ଷେତ୍ରରେ ରହିଥିବା ସମ୍ଭାବନା ସୁଦୃଢ଼ ହେବ। ଫୁଟବଲ ନେତୃତ୍ୱ ଏବଂ ନୀତି ନିର୍ଦ୍ଧାରକ ସଂସ୍ଥାରେ ମହିଳାମାନଙ୍କର ପ୍ରତିନିଧିତ୍ୱ ବୃଦ୍ଧି ପାଇବ। ଏହା ଭାରତରେ ଫୁଟବଲ ଖେଳିବା ଲାଗି ଅଧିକ ଝିଅମାନଙ୍କୁ ଅନୁପ୍ରାଣିତ କରିବ।

ଫିଫା ୧୭ ବର୍ଷରୁ କମ୍ ? ମହିଳା ଫୁଟବଲ ବିଶ୍ୱକପ୍ ଏକ ସମ୍ମାନଜନକ କ୍ରୀଡ଼ା ପ୍ରତିଯୋଗିତା ଏବଂ ଏହା ପ୍ରଥମ ଥର ପାଇଁ ଭାରତରେ ଆୟୋଜିତ ହେବାକୁ ଯାଉଛି। ଏହା କ୍ରୀଡ଼ା କ୍ଷେତ୍ରକୁ ଆସିବା ଲାଗି ଯୁବପିଢ଼ିଙ୍କୁ ଅଧିକ ଅନୁପ୍ରାଣିତ କରିବ ଏବଂ ଭାରତରେ ଫୁଟବଲ ଖେଳର ବିକାଶ ପାଇଁ ସହାୟକ ହେବ। ଏହି ପ୍ରତିଯୋଗିତା ଫୁଟବଲକୁ ଏକ କ୍ରୀଡ଼ା ଭାବେ ଗ୍ରହଣ କରିବା ଲାଗି ଭାରତୀୟ ବାଳିକାମାନଙ୍କୁ ଅନୁପ୍ରାଣିତ କରିବ। ଖାଲି ସେତିକି ନୁହେଁ, ଦୀର୍ଘସ୍ଥାୟୀ ଭିତ୍ତିରେ ଏହା ଦେଶର ଝିଅ ଓ ମହିଳାମାନଙ୍କୁ ଫୁଟବଲ ଏବଂ କ୍ରୀଡ଼ାକୁ ଆପଣାଇବା ପାଇଁ ପ୍ରୋତ୍ସାହିତ କରିବ।

## ଅବେଳରେ ଝଡ଼ି ପଡ଼ିଲେ ଆଲବମ୍ ନାୟକ ସତ୍ୟଜିତ

ଅବେଳରେ ଝଡ଼ି ପଡ଼ିଲେ 'ଭୋଳା ପାଗଳ'ର ନାୟକ ସତ୍ୟଜିତ ପୁରୋହିତ। ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।



ସତ୍ୟଜିତ ପୁରୋହିତଙ୍କ ଜନ୍ମ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଆଶ୍ରମପଡ଼ା ଗାଁରେ। ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ କଣ୍ଟାବାଞ୍ଜି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନଘଟିବାରୁ ବଲାଙ୍ଗିର ହସ୍ପିଟାଲକୁ ନିଆଯାଉଥିଲା। ଡାକ୍ତରଖାନାରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ହୃତଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ମୃତ୍ୟୁ ବେଳକୁ ତାଙ୍କୁ ୩୪ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ କଳାକାରଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି।

ସତ୍ୟଜିତ ପୁରୋହିତ ଅନେକ ଆଲବମ୍ ଓ ଧାରା ବାହିକରେ ଅଭିନୟ କରିଛନ୍ତି। ତାଙ୍କ ଅଭିନିତ ସମ୍ବଲପୁରୀ ଆଲବମ୍ 'ଭୋଳା ପାଗଳ' ହିଟ୍ ? ହୋଇଥିଲା। ଏହି ଆଲବମ୍ ପାଇଁ ସେ ଘରେ ଘରେ ପରିଚିତ ହୋଇଥିଲେ।

## ବିବାହ କରିବେ ରିଚା-ଅଲ୍ଲି

ମୁମ୍ବାଇ: ବଲିଉଡରେ ପୁଣି ବାଜିବ ଶାହାନାଇ। ବିବାହ କରିବେ ଦୁଇ ଷ୍ଟାର୍ କପଲ। ହାତକୁ ଦି ହାତ ହେବେ ଅଭିନେତ୍ରୀ ରିଚା ଚଡ୍ଡା ଓ ଅଲ୍ଲି ଫୈଜଲ। ଚଳିତ ମାସରେ ହିଁ ସାତ ଫେରା ନେବେ ଏହି ଯୋଡି। ଏଥିପାଇଁ ଚାଲିଛି ଜୋର୍‌ସାର୍‌ରେ ପ୍ରସ୍ତୁତି। ରିଚା ଚଡ୍ଡା ଏବଂ ଅଲ୍ଲି ଫୈଜଲ ଦୀର୍ଘ ଦିନ ଧରି ସମ୍ପର୍କ ରହିଥିଲେ। ସେମାନଙ୍କ ବିବାହର ଖବର ଦୀର୍ଘ ସମୟ ଧରି ଚର୍ଚ୍ଚାରେ ରହିଆସିଛି। ଗତ ବର୍ଷ କୁହାଯାଉଥିଲା ଯେ ଉଭୟ ବିବାହ ବନ୍ଧନ ବାନ୍ଧି ହେବେ। କିନ୍ତୁ ପରେ କରୋନା ଯୋଗୁଁ ଉଭୟଙ୍କ ବିବାହ ବାତିଲ ହୋଇଥିଲା। ଏବେ ପୁଣିଥରେ ସେମାନଙ୍କ ବିବାହର ଖବର ଚର୍ଚ୍ଚାକୁ ଆସିଛି। ଚଳିତ ମାସ ଶେଷ ସୁଦ୍ଧା ଏମାନେ ବିବାହ କରିବାକୁ ଯାଉଛନ୍ତି। ଏହି ବିବାହ ଉତ୍ସବ ୫ ଦିନ ଧରି ଚାଲିବ। ଏହା ବ୍ୟତୀତ ଉଭୟ ଦିଲ୍ଲୀ ଏବଂ ମୁମ୍ବାଇରେ ରିସେପ୍ସନ୍ ମଧ୍ୟ ଦେବେ। ରିପୋର୍ଟ ଅନୁଯାୟୀ, ବିବାହ ଉତ୍ସବ ଦିଲ୍ଲୀରୁ ଆରମ୍ଭ ହେବ ଏବଂ ମୁମ୍ବାଇ ଯାଏଁ ଚାଲିବ। ମୁମ୍ବାଇରେ ହେବ ଗ୍ରାଣ୍ଡ ରିସେପ୍‌ସନ୍। ସେପ୍ଟେମ୍ବର ଶେଷ ଆଡକୁ ଆରମ୍ଭ ହୋଇ ଏହି ବିବାହ ଉତ୍ସବ ଅକ୍ଟୋବର ପ୍ରଥମ ସପ୍ତାହ ଯାଏଁ ଚାଲିବ। ବିବାହ ବ୍ୟତୀତ ଦୁହେଁ ପରିବାର ଓ ସାଙ୍ଗସାଥୀଙ୍କ ପାଇଁ ସଂଗୀତ ଏବଂ ମେହେନ୍ଦି ସମାରୋହର ଯୋଜନା କରିଛନ୍ତି। ସାଉଥ୍ ମୁମ୍ବାଇର ଏକ ଗ୍ରାଣ୍ଡ ହୋଟେଲରେ ଏହି ରିସେପ୍ସନ୍ ଅନୁଷ୍ଠିତ ହେବ। ଯେଉଁଥିରେ ୩୫୦-୪୦୦ ଅତିଥି ଯୋଗଦେବେ। ବଡ ବଡ ବଲିଉଡ ସେଲିବ୍ରେଟ୍ ମଧ୍ୟ ଏହି ରିସେପ୍‌ସନ୍‌ରେ ସାମିଲ୍ ? ହେବା ନେଇ ସୂଚନା ରହିଛି।



Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty